

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୪ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 August 2025

Vol.No. 36 ■ No.214 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା


ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଟାରିଫ ଟେନସନ ଭିତରେ ଆମେରିକା ଗସ୍ତ କରିବେ ପ୍ରଧାନମନ୍ତ୍ରୀ

## ଆସନ୍ତା ମାସରେ ହୋଇପାରେ ମୋଦୀ-ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ !



ନୂଆଦିଲ୍ଲୀ,୧୩/୮ : ଟାରିଫ ଟେନସନ ଭିତରେ ଆମେରିକା ଗସ୍ତ କରିବେ ମୋଦୀ । ଏହି ଅବସରରେ ଦୁଇ ଶୀର୍ଷ ନେତାଙ୍କର ହୋଇପାରେ ଭେଟଘାଟ । ଶୁଳ୍କ ଚାପ ଭିତରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆମେରିକା ଗସ୍ତ ଏକ ବଡ଼ ପ୍ରଭାବ ପକାଇପାରେ ବୋଲି କୁହାଯାଉଛି । ତେବେ ଆସନ୍ତା ସେପ୍ଟେମ୍ବରରେ ମୋଦୀ ଆମେରିକା ଗସ୍ତ କରିବାକୁ ଥିବା ବେଳେ ଟ୍ରମ୍ପଙ୍କ ସହ ସାକ୍ଷାତ କରିପାରନ୍ତି । ଆସନ୍ତା ମାସ ୟୁଏନଜିଏର ବୈଠକରେ ସାମିଲ ହେବେ ମୋଦୀ । ସେପ୍ଟେମ୍ବର ଏହି ବୈଠକ ହେବ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତିଙ୍କୁ ଭେଟିପାରନ୍ତି । ଉଭୟଙ୍କ ମଧ୍ୟରେ ବ୍ୟବସାୟକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରେ । ଟାରିଫକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ମଧ୍ୟରେ ଏହା ବେଶ୍ ଗୁରୁତ୍ୱ ବହନ କରୁଛି । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଅନ୍ୟ ରାଷ୍ଟ୍ର ନେତାଙ୍କ ସହ ମଧ୍ୟ ଆଲୋଚନା କରିବେ । ଟ୍ରମ୍ପ ମଧ୍ୟ ମୋଦୀଙ୍କ ସହ ଭେଟଘାଟ କରିବାକୁ ରାଜି ଥିବା ସୂଚନା ମିଳିଛି । ଜୁନରେ ମୋଦୀ କାନାଡା ଗସ୍ତ ବେଳେ ୱାସିଂଟନକୁ ନିମନ୍ତ୍ରଣ କରିଥିଲେ ଟ୍ରମ୍ପ । ଡିନର ପାଇଁ ଡାକି କିଛି ବଡ଼ ଡିଲ୍ କରିବେ ବୋଲି ଡାକିଥିଲେ ଡୋନାଲ୍ଡ । ହେଲେ ମୋଦୀ ଓଡିଶା ଗସ୍ତରେ ଆସିବାକୁ ଥିବା ବେଳେ ଟ୍ରମ୍ପଙ୍କୁ ମନାକରି ଦେଇଥିଲେ । ଆଉ ଟ୍ରମ୍ପ ଆମେରିକା ଗସ୍ତରେ ଥିବା ପାକିସ୍ତାନର ସେନା ମୁଖ୍ୟଙ୍କୁ ଡାକି ଡିନର ଟେବୁଲରେ ଡିଲ୍ କରିଥିଲେ । ତେବେ ଯଦି ଆଗାମୀ ମାସରେ ଟ୍ରମ୍ପଙ୍କ ସହ ମୋଦୀଙ୍କ ଭେଟଘାଟ ସଫଳ ହୁଏ ତେବେ ଏହା ହେବ ଚଳିତ ବର୍ଷର ଦୁଇ ନେତାଙ୍କ ୨ୟ ସାକ୍ଷାତ । କାରଣ ଫେବୃୟାରୀରେ ମୋଦୀ ହ୍ୱାଇଟ ହାଉସ ଯାଇଥିଲେ । ଟ୍ରମ୍ପ୍ ଭାରତ ଉପରେ ଅସନ୍ତୁଷ୍ଟ ହୋଇ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି । ଭାରତ ରୁଷିଆ ଠାରୁ ତେଲ କିଣିବା ଉପରେ ଟ୍ରମ୍ପ୍ କ୍ଷୁବ୍ଧ ହୋଇଛନ୍ତି । ସେ କହିଛନ୍ତି ଯେ, ରୁଷିଆ ଯୁଦ୍ଧକୁ ପ୍ରୋତ୍ସାହିତ କରିବା ପାଇଁ କାମ କରୁଛି । ଟ୍ରମ୍ପ୍ ଭାରତ ସହିତ ବାଣିଜ୍ୟ ଚୁକ୍ତି ଉପରେ ମଧ୍ୟ କ୍ଷୁବ୍ଧ । ଏହି କାରଣରୁ, ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା । ଏବେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି ।

## ଆନ୍ଦୋଳନରୁ ନଓହରିଲେ ଆବଶ୍ୟକ ପଦକ୍ଷେପ ନେବେ ସରକାର: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ୧୩/୮ (ନି.ପ୍ର): ଅମଲା ସଙ୍ଘର ସମୂହ ଛୁଟିରୁ ଓହରିବାକୁ ରାଜସ୍ୱମନ୍ତ୍ରୀଙ୍କ ନିବେଦନ । ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକ ପଦକ୍ଷେପ ନେବେ ସରକାର । କାମ ନ ହେଲେ ଦରମା ବନ୍ଦ । ବସିକି ସମାଧାନ କଲେ ସମାଧାନ ବାହାରିବ ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ । କ୍ୟାଡର ପୁନଗଠନ କଥା ରାଜସ୍ୱ ବିଭାଗ ଅଧୀନ ନୁହେଁ । ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି ।

▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ: ୧୫ ତାରିଖ ଯାଏଁ ପ୍ରବଳ ବର୍ଷା



ଭୁବନେଶ୍ୱର, ୧୩/୮ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବ । ଏହା ପ୍ରଭାବରେ ଆଜିଠୁ ରାଜ୍ୟରେ ପ୍ରବଳ ବର୍ଷା ହେବ । ୩ଦିନ ଭୀଷଣ ବର୍ଷା ନେଇ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ଆଜି କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହି ୨ ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ । ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ପବନ ମଧ୍ୟ ବହିପାରେ । ଆସନ୍ତା ୧୪ ଓ ୧୫ ତାରିଖରେ ଦକ୍ଷିଣ ଓଡିଶା ସହ ଉପକୂଳରେ ବି ବର୍ଷା ସହ ପବନ ହେବାର ସମ୍ଭାବନା ରହିଛି । ସାରା ଓଡ଼ିଶାରେ ବର୍ଷା ସହ କିଛି ସ୍ଥାନରେ ଭାରି ବର୍ଷାର ସମ୍ଭାବନା ଥିବା ବେଳେ ମାଲକାନଗିରି ଓ କୋରାପୁଟରେ ପ୍ରବଳରୁ ଅତି

▶▶ପୃଷ୍ଠା ୭

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି: ପୁଲିସକୁ ମାସେ ମହଲତ ଦେଲେ ମୋହନ, ପୁଣି କରିବେ ସମୀକ୍ଷା



- ➩ମାସକ ପରେ ପୁଣିଥରେ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ
- ➩ସବୁବେଳେ ଆକ୍ସନ ମୋଡ଼ରେ ରହୁ ପୁଲିସ୍ ?
- ➩ଡ୍ରଗ୍ସ ଚାଲାଣ ଓ ଗଞ୍ଜେଇ ଚାଷକୁ ନିୟନ୍ତ୍ରଣକୁ ଆଣ
- ➩ପୁଲିସ ନିଯୁକ୍ତି ବୋର୍ଡ ଗଠନ ପାଇଁ ନିଷ୍ପ
- ➩୬ ମାସ ପରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୩/୮ (ନି.ପ୍ର): ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରି ସାଧାରଣ ଲୋକଙ୍କୁ ସୁରକ୍ଷିତ ଅନୁଭବ କରାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ପୁଲିସକୁ ମାସେ ମହଲତ ଦେଇ ପୁଣିଥରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ସ୍ପଷ୍ଟ କରାଇ ଦେଇଛନ୍ତି । ତେବେ ରାଜ୍ୟବ୍ୟାପୀ ଅଗଷ୍ଟ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ଚାଲିଥିବା ଓଡ଼ିଶା ପୁଲିସର 'ଅପରେସନ୍ ଗରୁଡ଼' ସମ୍ପର୍କରେ ଏହି ସମୀକ୍ଷା ବୈଠକରେ କୌଣସି ସୂଚନା ଦିଆଯାଇନଥିଲା ବୋଲି ଜଣାପଡ଼ିଛି । ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣି ସାଧାରଣ ଲୋକଙ୍କ ମନରେ ସୁରକ୍ଷିତ ଭାବନା ସୃଷ୍ଟି ଦିଗରେ ଓଡ଼ିଶା ପୁଲିସ କ'ଣ ସବୁ ପଦକ୍ଷେପ ନେଇଛି ତା'ର ସମୀକ୍ଷା ପୁଣିଥରେ ଆସନ୍ତା ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କରିବେ ବୋଲି ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟ ପରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳାବିରୋଧୀ ହିଂସା ଉପରେ ତୁରନ୍ତ ଲଗାମ ଦେବା ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି ।


▶▶ପୃଷ୍ଠା ୭

## ୨୫ ହଜାର ଲାଞ୍ଚ ନେଇ କିରାଣି ଓ ପିଅନ ଗିରଫ

ପାରଳାଖେମୁଣ୍ଡି, ୧୩/୮ (ନି.ପ୍ର): ଜଣେ ଯୁବ ଡାକ୍ତରଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ସିଡିଏମ୍ଓ ଅଫିସର କିରାଣି ଜଗଦୀଶ ପଟ୍ଟନାୟକ ଓ ପିଅନ ନିରଞ୍ଜନ ନାୟକ । ଯୁବ ଡାକ୍ତର ଜଣଙ୍କୁ ଜିଲ୍ଲାରେ ଜଣେ ଠିକା ଡାକ୍ତର ଭାବେ ନିଯୁକ୍ତିପତ୍ର ଦେବାକୁ ପ୍ରାଧିକୃତ କର୍ତ୍ତୃପକ୍ଷ ଅନୁମତି ଦେଇ ସାରିଥିବା ବେଳେ ସିଡିଏମ୍ଓ ଅଫିସର କିରାଣି ଜଗଦୀଶ ପଟ୍ଟନାୟକ ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ନଥିଲେ । ନିଯୁକ୍ତିପତ୍ର ହସ୍ତାନ୍ତର କରିବା ପାଇଁ କିରାଣି ଶ୍ରୀ ପଟ୍ଟନାୟକ ଓ ପିଅନ ଶ୍ରୀ ନାୟକ ଏହି ଯୁବ

▶▶ପୃଷ୍ଠା ୭

## ଜୀବନ ପ୍ରତି ବିପଦ ଥିବା ଦର୍ଶାଇ କୋର୍ଟଙ୍କ ଦ୍ୱାରସ୍ଥ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ




ନୂଆଦିଲ୍ଲୀ,୧୩/୮ : କାଗଜପତ୍ର ଦେଖାଇ ଭୋଟ ଚୋରି ଭଳି ଅଭିଯୋଗ କରିଥିବା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରିଛନ୍ତି । ତାଙ୍କ ଜେଜେ ମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଯେଉଁଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲେ, ତାଙ୍କୁ ମଧ୍ୟ ସେଭଳି କିଛି ସାମ୍ନା କରିବାକୁ ପଡ଼ିବ ବୋଲି ଧମକ ମିଳୁଥିବା ରାହୁଲ କହିଛନ୍ତି । ୨୦୨୨ ଭାରତ ଯୋଡ଼ୋ ଯାତ୍ରା ସମୟରେ ସେ ବିନାୟକ ଦାମୋଦର ସାବରକରଙ୍କ ବିରୋଧରେ ଦେଇଥିବା ବୟାନ ପାଇଁ ତାଙ୍କୁ ଏପରି ଧମକ ମିଳୁଛି । ବିଜେପିର କିଛି ନେତା ତାଙ୍କୁ ଧମକ ଦେଉଥିବା ରାହୁଲ କହିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସାବରକର ବୟାନ ପାଇଁ ରାହୁଲଙ୍କୁ ସମନ ହୋଇଥିଲା । କିନ୍ତୁ ସୁପ୍ରିମକୋର୍ଟ ଜୁଲାଇ ୨୫ରେ ଏହା ଉପରେ ରୋକ ଲଗାଇ ଦେଇଥିଲେ । ପୁଣେ କୋର୍ଟ ରାହୁଲଙ୍କ ବିରୋଧରେ ସାବରକରଙ୍କ ବଂଶଜ ସାତ୍ୟକି ରୁଜୁ କରିଥିବା ମାନହାନୀ କେସ୍‌ର ଶୁଣାଣି କରୁଛନ୍ତି । ଏଠାରେ ରାହୁଲ ନିଜ ଜୀବନ ପ୍ରତି ବିପଦ ଥିବା ଦାବି କରି ଗୋଟିଏ ପିଟିସନ ଦାଖଲ କରିଛନ୍ତି । ଆଇନଜୀବୀ ମିଲିନ୍ଦ ଦତ୍ତାତ୍ରୟ ପାୱାରଙ୍କ କହିବା କଥା ଯେ କଂଗ୍ରେସ ପକ୍ଷରୁ ଗୋଟିଏ ସ୍ୱତନ୍ତ୍ର ଆବେଦନ କୋର୍ଟରେ ଦାଖଲ କରାଯାଇଛି । ବର୍ତ୍ତମାନ ଘଟୁଥିବା କିଛି ଘଟଣା ନ୍ୟାୟପାଳିକାଙ୍କ ଦୃଷ୍ଟିକୁ ଆସିବା ଦରକାର । ଏହାଦ୍ୱାରା ପୂରା ରାଜନୀତିକ ଓ ଐତିହାସିକ ବିଷୟବସ୍ତୁକୁ ମୋଟ ଉପରେ ଦେଖାଯାଇ ପାରିବ । ସେ କହିଛନ୍ତି, "ଗତ ୧୫ ଦିନ ହେବ ଆମ କ୍ଲାଏଣ୍ଟ ରାହୁଲ ଗାନ୍ଧି ନିର୍ବାଚନ କମିଶନଙ୍କ ବିରୋଧରେ ଗୋଟିଏ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି । ଏହି ବିକ୍ଷୋଭ ସଂସଦ ଅଧିବେଶ ବେଳେ ଚାଲୁଥିବା ବେଳେ ହିନ୍ଦୁତ୍ୱ ଶବ୍ଦକୁ ନେଇ ପ୍ରଧାନମନ୍ତ୍ରୀ ଓ ରାହୁଲ ବାକଯୁଦ୍ଧ ହୋଇଥିଲା । ଏସବୁ ରେକର୍ଡରେ ରହିଛି । ଏହି ସବୁ ଭିତରେ ବିଜେପିର ଦୁଇ ଜଣ ସାଂସଦ ଖୋଲାଖୋଲି ଭାବେ ରାହୁଲ ଗାନ୍ଧିଙ୍କୁ ଧମକ ଦେବା ସହ ପଛକୁ ହଟି ଯିବାକୁ କହିଛନ୍ତି । ଏଥିସହ ଭବିଷ୍ୟତରେ ସେ ତାଙ୍କ ଜେଜେ ମା'ଙ୍କ ଭଳି ସ୍ଥିତିର ସମ୍ମୁଖୀନ ହୋଇପାରନ୍ତି ବୋଲି ଚେତାବନୀ ଦେଇଛନ୍ତି । ସେମାନେ ତାଙ୍କୁ ସବୁଠାରୁ ବଡ଼ ଆତଙ୍କବାଦୀ କହି ଧମକାଇଛନ୍ତି । ଏସବୁ ଲୋକସଭାର ବିରୋଧୀ ଦଳ ନେତାମାନଙ୍କ ପାଇଁ ବେଶ ଚିନ୍ତାର ବିଷୟ ।

▶▶ପୃଷ୍ଠା ୭

## ଭାରତକୁ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ନାଲିଆଖି

### ଶୋଷରେ ଶୁଖିଲାଣି ତଣ୍ଟି, ତଥାପି କମୁନି ମୁହଁଫୁଟାଣି



ନୂଆଦିଲ୍ଲୀ,୧୩/୮ : ସିନ୍ଧୁନଦୀ ଚୁକ୍ତି ଅସ୍ଥାୟୀଭାବେ ସ୍ଥଗିତ ହେବା ପରେ ଟୋପାଏ ପାଣି ପାଇଁ ଆଉଟୁପାଉଟୁ ହେଉଛି ପାକିସ୍ତାନ । ବିଚଳିତ ପାକିସ୍ତାନର ଜଣଙ୍କ ପରେ ନେତା ଭାରତକୁ ଫମ୍ପା ଧମକ ଦେବା କିଛି ନୂଆ କଥା ନୁହେଁ । ପାକିସ୍ତାନ ଫିଲ୍ଡ ମାର୍ଶଲ, ପୂର୍ବତନ ବିଦେଶ ମନ୍ତ୍ରୀଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଧମକ ଦେଇ କହିଛନ୍ତି,ଭାରତ ପାକିସ୍ତାନଠାରୁ ଟୋପାଏ ପାଣି ଛଡ଼ାଇପାରିବନି । ଯଦି ସେମିତି କିଛି କରେ, କଡ଼ା ଜବାବ ଦିଆଯିବ । ଯାହାକୁ ଭାରତ ଜୀବନସାରା ମନେ ରଖିବ । ଓଡ଼ିଆରେ ଗୋଟିଏ ଢଗ ରହିଛି, କୁକୁର ଲାଙ୍ଗୁଡ଼ ବାରମାସ ବଙ୍କା । ଠିକ୍ ସେଭଳି କିଛି କାମ କରୁଛି, କଥା କହୁଛି ପାକିସ୍ତାନ ।

▶▶ପୃଷ୍ଠା ୭

## ପାୱାରଲେସ୍ ହେଲେ ବ୍ଲକ୍ ଚେୟାରମ୍ୟାନ

ଭୁବନେଶ୍ୱର, ୧୩/୮ (ନି.ପ୍ର): ବ୍ଲକରେ କମିଲା ଚେୟାରମ୍ୟାନଙ୍କ ଫାଇନାନ୍ସିଆଲ୍ ପାୱାର । ଏଣିକି ୨୦ ଲକ୍ଷ ଯାଏଁ କାମରେ ଦରକାର ନାହିଁ ଅଧକ୍ଷଙ୍କ ସିଗ୍ନେଚର । ବିଡିଓଙ୍କ ଦସ୍ତଖତରେ ହୋଇଯିବ କାମ । ବ୍ଲକରେ ଆର୍ଥିକ କ୍ଷମତାକୁ ନେଇ ଏମିତି କିଛି ନୂଆ ନିର୍ଦ୍ଦେଶନାମା ଜାରି କରିଛି ପଞ୍ଚାୟତିରାଜ ବିଭାଗ ।ପୂର୍ବରୁ ୨ ଲକ୍ଷରୁ ୨୦ ଲକ୍ଷର ସରକାରୀ କାମରେ ବ୍ଲକ ଅଧକ୍ଷଙ୍କ କାଉଣ୍ଟର ସିଗ୍ନେଚର ଜରୁରୀ ଥିଲା । ୨ ଲକ୍ଷରୁ କମ ଫାଇଲରେ ବିଡିଓ ଦସ୍ତଖତ ମାରୁଥିଲେ ।

▶▶ପୃଷ୍ଠା ୭

## ସରିଲା କ୍ୟାବିନେଟ୍ ବୈଠକ: ୭ ଟି ପ୍ରସ୍ତାବ ଉପରେ ବାଜିଲା ମୋହର



ଭୁବନେଶ୍ୱର, ୧୩/୮ (ନି.ପ୍ର):ରାଜ୍ୟରେ ଧାନ ମଣ୍ଡିଗୁଡ଼ିକରେ ଚାଷୀମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରିବା ସହ ଗୋଟିଏ ଛାତ ତଳେ ଚାଷୀ,ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରୀମାନଙ୍କୁ କାରବାର ସୁବିଧା ଦେବା ନିମନ୍ତେ ରାଜ୍ୟ ସରକାର 'ମଡେଲ୍ ମଣ୍ଡି' ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ । ଆଜି ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି । ଏହାସହିତ ଆଜିର କ୍ୟାବିନେଟ୍ ବୈଠକରେ ମୋଟ ୬ଟି ବିଭାଗର ୭ଟି ପ୍ରସ୍ତାବକୁ କ୍ୟାବିନେଟ୍

▶▶ପୃଷ୍ଠା ୭

# ସ୍ୱାଧୀନତା ଦିବସ ଆନୁକୂଲ୍ୟରେ ଝୋଟି ପ୍ରତିଯୋଗିତା



ବାଲେଶ୍ୱର, ୧୩/୦୮ (ନି.ପ୍ର): ପ୍ରତିବର୍ଷ ଭଳି ବ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରାଫ୍ଟଫେର ଓ୍ୱମେନ ଆନୁକୂଲ୍ୟରେ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା କରାଯାଏ। ଏହା ଜିଲ୍ଲା ସ୍କୁଲରେ ହୁଏ । ଏଥିରେ ୨୫ବର୍ଷରୁ ୬୦ବର୍ଷ ପର୍ଯ୍ୟନ୍ତ ମହିଳାମାନେ ଭାଗ ନିଅନ୍ତି। ସଦର ବ୍ଲକ ଏବଂ ମ୍ୟୁନିସିପାଲଟିର ମହିଳାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ଅପରାହ୍ନ ୩ ଘଟିକା ସମୟରେ ଆୟୋଜିତ କରାଯାଉଥିଲା। ୫୦ରୁ ଉର୍ଦ୍ଧ୍ୱ ମହିଳା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି, ସମ୍ମାନିତ ଅତିଥି ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ସମାଜ ମଙ୍ଗଳ ସୁରକ୍ଷା ଅଫିସର, ସଦର ପ୍ରୋଗ୍ରାମ ଅଫିସର ଶ୍ରୀମତି ସୁବର୍ଣ୍ଣ ମଣି ବେହେରା, ସମ୍ମାନିତ ଶିଶୁ ବିକାଶ ପ୍ରକଳ୍ପ ସାମନ୍ତ ପ୍ରଭୃତି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପାଳନ କରିବା ପାଇଁ ଅନୁଷ୍ଠାନର ସଭାପତି ଅର୍ଚ୍ଚନା ନନ୍ଦୀ ଓ ହେମଲତା ଦାସ, ମିନତୀ ସେଠୀ ବାସନ୍ତି ନାୟକ, ଆଶ୍ରିତା ତରେଇ, ସରସ୍ୱତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସିଖା ରାଣୀ ଦାସ, ଦ୍ୱିତୀୟ ସ୍ଥାନ ସସ୍ମିତା ପଣ୍ଡା, ତୃତୀୟ ସ୍ଥାନ- ରଜନୀ ମହାନ୍ତ । ଏମାନଙ୍କୁ ପ୍ରାଇଜ୍ ୧୫ ଅଗଷ୍ଟ ଗାନ୍ଧୀସ୍ମୃତି ଭବନ ଠାରେ ସନ୍ଧ୍ୟା ୬ ଘଟିକା ବେଳେ ଦେବାର କାର୍ଯ୍ୟକ୍ରମ ରହିଅଛି । ଅଗଷ୍ଟ ୧୫ ତାରିଖ ଦିବା ୩ ଘଟିକା ସମୟରେ ମହିଳାମାନଙ୍କ ଭିତରେ ମ୍ୟୁଜିକ ଚେୟାର ପରମିଟ ପଡ଼ିଆ ଠାରେ ଅନୁଷ୍ଠିତ ହେବ ତେଣୁ ମହିଳାମାନଙ୍କୁ ଅନୁରୋଧ ସମସ୍ତେ ବହୁତ ସଂଖ୍ୟାରେ ଯୋଗଦାନ କରିବେ ।

# ପାଟଣା ଆଂଚଳିକ ମହାବିଦ୍ୟାଳୟରେ ପୁଲିସ ପକ୍ଷରୁ ସଚେତନତା କର୍ମଶାଳା

କେନ୍ଦୁଝର, ୧୩/୦୮ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଆଂଚଳିକ ମହାବିଦ୍ୟାଳୟ ପରିସରରେ ନାରୀ ସୁରକ୍ଷା ସମ୍ପର୍କରେ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଦେଖା ଦେଇଥିବା ଛାତ୍ରୀ ନିର୍ଯ୍ୟାତନା,ଆତ୍ମ ଦାହ ଭଳି ଘଟଣା ରେ କିପରି ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ରଖିବେ ଓ ସଚେତନ ରହିବେ ଆତ୍ମହତ୍ୟା ଭଳି ହୀନ କାର୍ଯ୍ୟ ଠାରୁ ଦୁରେଇ ରହିବେ ସେ ସମ୍ପର୍କରେ ସବିଶେଷ ସଚେତନତା ସହ ଶିଶୁ ,ଛାତ୍ରୀ ,ଯୁବତୀ ଓ ମହିଳା ମାନଙ୍କ ପାଇଁ ପ୍ରଣୟନ କରାଯାଇଥିବା ପୋସ୍କୋ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରା ଯାଇଥିଲା । ମହାବିଦ୍ୟାଳୟ ର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭା ରେ ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର,ପାଟଣା ଥାନାଧିକାରୀ ମାନସ କୁମାର ମହାକୁଳ,ପ୍ରାଧ୍ୟାପକ ଜଗନ୍ନାଥ ମହାନ୍ତ, ଓ ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ,ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ ପ୍ରମୁଖ ଯୋଗଦେଇ ଶିଶୁ ଛାତ୍ରୀ, ଯୁବତୀ, ମହିଳା ମାନଙ୍କ କ୍ଷେତ୍ରରେ ଦେଖା ଯାଉଥିବା ବିଭିନ୍ନ ସମସ୍ୟା ର କାରଣ ଓ ନିରାକରଣ ପାଇଁ ଥିବା ଆଇନ ବ୍ୟବସ୍ଥା ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଆଇ ସି ସି କର୍ମକର୍ତ୍ତା ଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ଅଧ୍ୟାପିକା ସୁନ୍ନତା ଶୋଭାଳିନ ମହାପାତ୍ର କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏସଡିପିଓ ଶ୍ରୀ ମହାପାତ୍ର ନିଜ ମୋବାଇଲ ନମ୍ବର ସହ ଆବଶ୍ୟକ ସ୍ଥଳେ ଦିଆ ଯାଇଥିବା ହେଲ୍ପ ଲାଇନ ନମ୍ବର ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ନିଜକୁ ସଶକ୍ତ ଓ ସୁରକ୍ଷିତ ରହିବା ପାଇଁ ସରକାର ଙ୍କ ଦ୍ୱାରା ସମସ୍ତ ଆଇନ ଥିବା ବେଳେ ନିଜକୁ ସଂଯତ ରଖି ପ୍ରଲୋଭିତ ନହେବା ପାଇଁ ପରାମର୍ଶ ଦେଇଥିଲେ ।

# ବିଶ୍ୱବିଦ୍ୟାଳୟରେ ଅଧ୍ୟକ୍ଷ ଓ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ସମ୍ମିଳନୀ

ବାରିପଦା, ୧୩/୦୮ (ନି.ପ୍ର): ବାରିପଦା ସହରର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟମାନଙ୍କର ଅଧ୍ୟକ୍ଷ ଓ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀମାନଙ୍କର ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ମାନଙ୍କରେ ସେବା ଯୋଜନାର ସଫଳ ରୂପାୟନ ପାଇଁ ଅଧିକାରୀ ମାନଙ୍କୁ ସମର୍ପିତ ମନ ନେଇ କାର୍ଯ୍ୟ କରିବା ଲାଗି ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନାର ରାଜ୍ୟ ନୋଡାଲ ଅଧିକାରୀ ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଉପ ନିର୍ଦ୍ଦେଶକ ଡକ୍ଟର ରମେଶ ଚନ୍ଦ୍ର ବେହେରା, ଅନ୍ୟତମ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁଶ୍ରୀ ସୁମିତ୍ରା ସିଂ, ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ, ସେବା ଯୋଜନାର ପୂର୍ବତନ ସଂଯୋଜକ ପ୍ରଫେସର ପ୍ରମୋଦ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନାରେ ଛାତ୍ରଛାତ୍ରୀ ମାନଙ୍କୁ ଉପଯୁକ୍ତ ତାଲିମ ଦେଇ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବାପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳ ବିବରଣୀ ପାଠ କରିଥିବା ବେଳେ, ବିଶ୍ୱବିଦ୍ୟାଳୟର ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ ବକ୍ତବ୍ୟ ରଖିଥିଲେ। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ସେବା ଯୋଜନାର ଅଧିକାରୀ ଓ ଅଧ୍ୟକ୍ଷ ମାନେ ଯୋଗଦେଇଥିବା ବେଳେ, ସେବା ଯୋଜନା ବ୍ୟୁରୋର ବରିଷ୍ଠ ସହାୟକ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ପାରିମାଳ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

ଭୁବନ, ୧୩/୦୮ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ପାରିମାଳ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପୀତବାସ ମହାରଣାଙ୍କ ସଭାପତିତ୍ୱରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବର ମୁଖ୍ୟ ଅତିଥି ଭାବେ ପାରିମାଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାଣି ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଂସ୍କୃତ ଭାଷା ଓ ସଂସ୍କୃତ ସପ୍ତାହ ପାଳନର ମାହାତ୍ମ୍ୟକୁ ଉପଜୀବ୍ୟ କାବ୍ୟ, ବେଦ ଓ ନୀତିଶାସ୍ତ୍ରମାନ ଅବତାରଣ କରିବା ସହ ବହୁ ଉପାଦେୟ ତଥ୍ୟ ଉପସ୍ଥାପନା କରି ସଂସ୍କୃତ ଭାଷା କିଭଳି ମାନବର ଜୀବନ ଦର୍ଶନକୁ ପ୍ରଭାବିତ କରୁଛି କହି ସଭାକୁ ମନ୍ତ୍ରମୁଗ୍ଧ କରିଥିଲେ। ଅଧ୍ୟକ୍ଷ ପୀତବାସ ମହାରଣା ସଂସ୍କୃତ ଭାଷା ମାନବର ଦିନଚର୍ଯ୍ୟାରେ କେତେ ଉପଯୋଗୀ ବର୍ଣ୍ଣନା କରିବା ସହିତ ସଂସ୍କୃତକୁ ଭଲପାଅ ବୋଲି ଆହ୍ୱାନ ଦେଇଥିଲେ । ରାଜନୀତି ବିଭାଗ ଅଧ୍ୟାପିକା ଶ୍ରୀମତୀ ବିନୋଦିନୀ ବେହେରା ସୁନ୍ଦର ସାବଲୀଳ ଶବ୍ଦରେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂସ୍କୃତ ବିଭାଗ ଅଧ୍ୟାପିକା ଶ୍ରୀମତୀ ଲୋପାମୁଦ୍ରା ଶରଣ ସ୍ୱସ୍ତିପାଠ କରି ସଂସ୍କୃତ ଭାଷା ସପ୍ତାହ ସମ୍ପର୍କରେ ମତବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ଯୋଗଦେଇଥିଲେ ।

# ଶିମିଳିପାଳ ଶିକାରୀ ମୁକ୍ତ ମିଶନକୁ ସଫଳତା : ସ୍ୱେଚ୍ଛାକୃତ ଭାବେ ବନ୍ଧୁକ ସହ ଆତ୍ମ ସମର୍ପଣ କଲେ ଶିକାରୀ

ବାରିପଦା, ୧୩/୦୮ (ନି.ପ୍ର): ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ମୁକ୍ତ କରିବା ପାଇଁ ବନ ବିଭାଗର ପ୍ରୟାସ ସଫଳ ହେବାରେ ଲାଗିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗ୍ରାମ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଜଣେ ଶିକାରୀ ନିଜକୁ ଆତ୍ମ ସମର୍ପଣ କରିଛନ୍ତି। ଶିକାର ବାଟ ଛାଡି ଶିମିଳିପାଳରେ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବାକୁ ବନ୍ଧୁକ ସହ ନିଜକୁ ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଅଂଚଳର ଫୁଲବାଡିଆ ଗ୍ରାମର ଚାରୁଚନ୍ଦ୍ର ସିଂ(୨୫)। ବନ ବିଭାଗ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଥିବା ଗ୍ରାମରେ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବନ୍ୟଜନ୍ତୁ ଶିକାର ନକରି ବନ୍ଧୁକ ବନ ବିଭାଗକୁ ହସ୍ତାନ୍ତର କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସଚେତନ କରାଯାଉଛି। ଯାହାକୁ ନେଇ ଚାରୁଚନ୍ଦ୍ର ସିଂ ତାଙ୍କ ଗ୍ରାମର ଓ୍ୱାର୍ଡମେମ୍ବର ସୁକୁରା ସିଂଙ୍କ ଉପସ୍ଥିତିରେ ଡୁକୁରା ରେଞ୍ଜ କାର୍ଯ୍ୟାଳୟରେ ବନ୍ଧୁକ ସହ ନିଜକୁ ଆତ୍ମ ସମର୍ପଣ କରିଛନ୍ତି। ଶିମିଳିପାଳକୁ ଶିକାରୀ ଶୂନ୍ୟ କରିବା ମିଶନ ପ୍ରଭାବରେ ମାର୍ଚ୍ଚ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୫୦ ବନ୍ଧୁକ ଶିକାରୀ ମାନେ ଆତ୍ମ ସମର୍ପଣ କରିବା ସହ ୧୦୦ରୁ ଉର୍ଦ୍ଧ୍ୱ ବନ୍ଧୁକ ଜବତ କରାଯାଇଛି। ସ୍ଥାନୀୟ ସରପଂଚ ଓ ଅନ୍ୟାନ୍ୟ ଜନ ପ୍ରତିନିଧି ମାନଙ୍କ ସହାୟତା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଉକ୍ତ ଆତ୍ମ ସମର୍ପଣରେ ମଧ ସପନଚୁଆ ସରପଂଚ ଲୁଧିଆ ମାଝୀ, ଚମ୍ପାଝର ସରପଂଚ ବିକ୍ରମ ପିଙ୍ଗୁଆ ଏବଂ କେନ୍ଦୁଆ ସରପଂଚଙ୍କ ମୁଖ୍ୟ ଭୂମିକା ରହିଛି। ଏନେଇ ବନ ବିଭାଗ ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇନାହିଁ। ତାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରାଯାଇଛି। ବନ ବିଭାଗ ପକ୍ଷରୁ ମାଗଣାରେ ୨ ମାସ ପାଇଁ ସ୍ୱେଚ୍ଛାସେବୀ ତାଲିମ୍ ରେ ପଠାଯାଇଛି। ତାଲିମ ପରେ ସେ ଶିମିଳିପାଳର ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହେବେ। ତେବେ ଏହା ଅନ୍ୟ ମାନଙ୍କୁ ଶିକାର ଛାଡି ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପଥ ପ୍ରଦର୍ଶିତ କରିବ ବୋଲି ଆଶା ପ୍ରକଟ କରାଯାଇଛି।

# ବେଆଇନ ଗୋଚାଲାଣ: ୫ ବାଛୁରୀ ଜବତ, ୨ ଅଦାଲତ ଚାଲାଣ

କୋରେଇ, ୧୩/୦୮ (ନି.ପ୍ର): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଂଚାୟତ ଛୋଟରାୟପୁର ଗ୍ରାମ ନିକଟର ବେଆଇନ ଭାବେ ଚାଲାଣ ହେଉଥିବା ୫ଟି ବାଛୁରିକୁ ଅଟୋ ସହ ଜବତ କରିବାକୁ ପୁଲିସ ସକ୍ଷମ ହୋଇଛି । ପ୍ରକାଶଯେ ବେଆଇନ ଭାବେ ଚୋରା ଚାଲାଣ କରାଯାଉଥିବା ଏକ ଅଟୋକୁ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବ ମହାନ୍ତି ଖବର ପାଇ ଛୋଟରାୟପୁର ଛକରୁ ଧରିଥିଲେ । ଜବତ ସମୟରେ ଅଟୋରେ ୫ଟି ବାଛୁରି ଚୋରା ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ । ତାଙ୍କୁ ଅଟୋ ସହ ଧରି ଫାଣ୍ଡିକୁ ଆଣିବା ପରେ ୫ଟି ବାଛୁରିକୁ ଖୋଲାଯାଇ ଖାଦ୍ୟ ଦିଆଯାଇଥିଲା । ଏନେଇ ଏକ ମାମଲା ୨୬୬/୨୫ ରୁଜୁ କରାଯାଇ ଅଟୋ (ଓଡି୩୪ଏସ ୬୨୪୩)କୁ ଜବତ କରାଯାଇଥିଲା । ଅଟୋ ଚାଳକ କୁଆଖିଆ ଥାନା ଅନ୍ତର୍ଗତ କୁଜିବର ଗ୍ରାମର ସଦାନନ୍ଦ ରାଉତଙ୍କ ପୁଅ ପ୍ରତାପ ରାଉତ(୩୫) ଓ ସହଯାତ୍ରୀ ବା ବେପାରୀ ଯାଜପୁରରୋଡ ଥାନା ଅନ୍ତର୍ଗତ ପହଂଗା ଗ୍ରାମର କାଶିନାଥ ମଳିକଙ୍କ ପୁଅ ପଂଚାନନନ ମଳିକ (୩୯)କୁ ଗିରଫ କରିବା ପରେ ଆଜି ଅଦାଲତ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ । ଜବତ ୫ ବାଛୁରୀକୁ ଗୋଶାଳା ଜିମା ଦିଆଯାଇଛି ।

# ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଜୟପୁର, ୧୩/୦୮ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହାର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଧାନଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ରାମଚନ୍ଦ୍ର ପାଳ, ପ୍ରଧାନଶିକ୍ଷକ ତଥା ବରିଷ୍ଠ ବିଜ୍ଞାନ ଶିକ୍ଷକ, ପାତ୍ରପୁଟ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ପଣ୍ଡା, ହେମନ୍ତ କୁମାର ଚାନ୍ଦ୍, ଜୟପୁର ସଂକୁଳ ପ୍ରମୁଖ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ସତ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ବନ୍ଦନା ଓ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏହାପରେ ସଂକୁଳ ସଂଯୋଜକ ସତ୍ୟନାରାୟଣ ସେଠୀଙ୍କ ଦ୍ୱାରା ଅତିଥିମାନଙ୍କର ପରିଚୟ ପ୍ରଦାନ କରାଯାଇଥିଲା । ସତ୍ୟନାରାୟଣ ସେଠୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ମାର୍ଗ ଦର୍ଶନ କରିଥିଲେ । ସଂକୁଳ ପ୍ରମୁଖ ହେମନ୍ତ ଚାନ୍ଦ ମଧ ନିଜ ବୌଦ୍ଧିକ ମାଧ୍ୟମରେ ଶିଶୁମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ଶିଶୁମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଂଚ, ଗଣିତ ପ୍ରକଳ୍ପ, ଗଣିତ ପତ୍ରବାଚନ, ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଂଚ, ସଂସ୍କୃତିଜ୍ଞାନ ପତ୍ରବାଚନ, ସଂସ୍କୃତିଜ୍ଞାନ ପ୍ରଶ୍ନମଂଚ, ସଂସ୍କୃତିଜ୍ଞାନ ତାତ୍କାଳିକ ଭାଷଣ, ମୂର୍ତ୍ତିକଳା, ନିବନ୍ଧ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିଚାରକ ଭାବେ ବିଜୟ କୁମାର ଭଞ୍ଜ, ଜି.ଭେଙ୍କେଟ୍ ରେଡ୍ଡି, ଡ. କିଚକ୍ ଚନ୍ଦ୍ର ଜେନା, ସତ୍ୟ ସ୍ୱରୂପ ପାତ୍ର, ଗୀରୀଶ୍ ଚନ୍ଦ୍ର ହୋତା, ଡ. ଉଜ୍ଜ୍ୱଳ କୁମାର ଷଡଙ୍ଗୀ, କୋମଳ ଲୋଚନ ମହାଲିକ୍, ଏନ୍. ନରେଶୁ, ରାହୁଲ୍ କୁମାର ମହାନ୍ତି, ଜ୍ଞାନ ରଂଜନ ମହାନ୍ତି, ସରୋଜ କୁମାର ମହାପାତ୍ର, ସୀମାଦ୍ରୀ ଆପନ୍ନା, ଆଲୋକ କୁମାର ଚୌଧୁରୀ, ତ୍ରିନାଥ ପଟ୍ଟନାୟକ, ରୋହିତ୍ ରଂଜନ ବେହେରା, ସୁଶ୍ରୀ ପ୍ରିୟଙ୍କା ମହାରଣା, ଅତୁଲ୍ୟ କୁମାର ପଟ୍ଟନାୟକ, ବିମଲ୍ କୁମାର, ଦୁର୍ଗା ପ୍ରସାଦ ଦାଶ ଯୋଗଦେଇ ଶିଶୁମାନଙ୍କର ମୂଲ୍ୟାଙ୍କନ କରିଥିଲେ । ଏଥିରେ ସମସ୍ତ ଶିଶୁ ବିଦ୍ୟାମନ୍ଦିରରୁ ସର୍ବମୋଟ ୨୫୦ ଜଣ ଶିଶୁ, ୨୩ ଜଣ ପରିଚାଳକ ପରିଚାଳିକା, ୯ ଜଣ ପ୍ରଧାନାଚାର୍ଯ୍ୟ, ୨୨ ଜଣ ଶିଶୁ ଦାୟିତ୍ୱରେ ଆସିଥିବା ଗୁରୁଜୀ ଗୁରୁମା, ୫୦ ଜଣ ସ୍ଥାନୀୟ ବିଦ୍ୟାଳୟର ପ୍ରବନ୍ଧକ ପ୍ରବନ୍ଧିକା ଯୋଗ ଦେଇଥିଲେ ।

# କୋରାପୁଟ ଜିଲ୍ଲା ରାଜସ୍ୱ ଅମଲା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ

ଜୟପୁର, ୧୩/୦୮ (ନି.ପ୍ର): ଓଡିଶା ରାଜସ୍ୱ ଅମଲା ସଂଘର ଡାକରାରେ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ କର୍ମଚାରୀମାନେ ସମୂହ ଛୁଟିରେ ଯିବା ସହ ସୋମବାର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ସଂଘ ପକ୍ଷରୁ କୁହାଯାଇଛି ଯେ, ବହୁ ପ୍ରତୀକ୍ଷିତ ଦଶ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ରାଜ୍ୟ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତି ପ୍ରକାରେ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ରହିବା ପରିପେକ୍ଷିରେ ସୋମବାର କୋରାପୁଟ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ ସମୂହ ଛୁଟିରେ ଅଛନ୍ତି । ପ୍ରକାଶ ଥାଉକି, ଗତ ୮ ତାରିଖ ଦିନ ରାଜସ୍ୱ ଅମଲାମାନେ ନିଜ ନିଜ ଅଧିକାରୀଙ୍କୁ ସମୁହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ । ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନକରିବେ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୋରାପୁଟ ଜିଲ୍ଲା ସଭାପତି ମୋନଜ କୁମାର ବାରିକ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ସୂଚନାଦେଇ କହିଛନ୍ତି । ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା । ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ । ଫଳ ସ୍ୱରୂପ ୧୪ ଜୁଲାଇରେ ରାଜସ୍ୱ ଅମଲାମାନଙ୍କ ପକ୍ଷରୁ ହେବାକୁ ଥିବା ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତି ନେଇଥିଲା । କିନ୍ତୁ ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡିକୁ ପୂରଣ କରିବା ତ ଦୂରର କଥା ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦ ପ୍ରତିଶତରୁ ୩୩ ପ୍ରତିଶତ କରିବା ସହ ଲେବେଲ-୯ ରେ ଜଣେ ଜିଲ୍ଲା ସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରକାଶ ଥାଉକି ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ମାନଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି । ସେମାନେ ନିଜର ନାର୍ଯ୍ୟ ପ୍ରାପ୍ୟରୁ ସବୁଦିନ ପାଇଁ ବଂଚିତ ହୋଇଗଲେ । ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲାମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଂଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି । ସେମାନଙ୍କର ଦାବି ଗୁଡିକ ମଧ୍ୟରେ ପ୍ରମୁଖ ଦାବିଗୁଡିକ ହେଲା, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଶିକ୍ଷାଗତ ଯୋଗ୍ୟତା ଭିତିରେ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ୍- ୯ କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା - ୮୮୯୮ ତା ୧୫/୩/୨୪ରିଖ ଅନୁଯାୟୀ ତଥା ସମସ୍ତ ୩୦ ଗୋଟି ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବା ଓ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି ।

# ଏଚ.ଆଇ.ଭି./ ଏଡ୍ସ ଓ ଯୌନ ସଂକ୍ରମଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗିର, ୧୩/୦୮ (ନି.ପ୍ର): ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗୀର ଏଚ୍.ଆଇ.ଭି. / ଏଡ୍ସ ଓ ଯୌନ ସଂକ୍ରମଣ ଜନିତ ରୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ସରକାର ବାଳିକା ମହାବିଦ୍ୟାଳୟରେ ଉଦ୍‌ଘାଟିତ କରାଯାଇଛି । ଏହି ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଅରବିନ୍ଦ କୁମାର ଓଝା, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା.ସିଧେଶ୍ୱର ମାଝୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟକିଶୋର ପତି ଓ ଏଡ୍ ?ସ ନିୟନ୍ତ୍ରଣ ସଂସ୍ଥାର ଅଧିକାରୀ ଶ୍ରୀ ହେମନ୍ତ କୁମାର ଦାଶ, ରେଡ଼କ୍ରସ୍‌ର ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ତା.୧୧-୧୦-୨୦୨୫ରେ ସମାପ୍ତ ହେବ । ଏହି ଦୁଇ ମାସ କାର୍ଯ୍ୟ ମଧ୍ୟରେ ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କୁ ଓ ବ୍ୟକ୍ତି ବିଶେଷ ମାନଙ୍କୁ ସଚେତନତା କାର୍ଯ୍ୟକ୍ରମରେ ସଚେତନ କରାଯିବ। ଗ୍ରାମାଂଚଳରେ ବସବାସ କରୁଥିବା ବ୍ୟକ୍ତି ବିଶେଷ, କଲେଜ ଛାତ୍ର/ଛାତ୍ରୀ, ପଂଚାୟତରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ ସଦସ୍ୟା ମାନଙ୍କୁ ସଚେତନ କରାଯିବ । ଏଚ୍.ଆଇ.ଭି. / ଏଡ୍ସ ଓ ଯୌନ ସଂକ୍ରମଣ ଜନିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ । ଆଜିର କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଅରବିନ୍ଦ କୁମାର ଓଝା ସ୍ୱାଗତ ଭାଷଣ ଦେଇଥିଲେ । ଏଡ୍ସ ପ୍ରକଳ୍ପର ଅଧିକାରୀ ଶ୍ରୀ ଦାଶ ଏଚ୍.ଆଇ. ଭି / ଏଡ୍ସ ଓ ଯୌନ ସଂକ୍ରମିତ ରୋଗର କାରଣ ଓ ଏହାର ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଚ୍. ଆଇ. ଭି / ଏଡ୍ସ ନିରାକରଣ କ୍ଷେତ୍ରରେ ଯୁବ ଗୋଷ୍ଠୀର ଭୂମିକା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ମାଝୀ ଏଚ୍.ଆଇ. ଭି ଓ ଯକ୍ଷ୍ମା ସମ୍ପର୍କରେ ଆଲୋକପାତ କରିଥିଲେ । ଡା. ଦିବ୍ୟକିଶୋର ପତି ଏଚ୍.ଆଇ.ଭି ର ପରୀକ୍ଷା ଓ ପରାମର୍ଶ ସମ୍ପର୍କରେ ବୁଝାଇ କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ଆନ୍ତର୍ଜାତିକ ଯୁବ ଦିବସ ସମ୍ପର୍କରେ ଓ ଯୁବଗୋଷ୍ଠୀର ସମାଜ ଗଠନ ଦିଗରେ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଓ ବିଭିନ୍ନ ପ୍ରକାର ମାଧ୍ୟମରେ ଏଚ୍.ଆଇ.ଭି. କିପରି ବ୍ୟାପେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ର ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଓ ସରଦର ମାଝୀ ଏହି କର୍ମଶାଳାରେ ନିଜର ସୁଚିନ୍ତିତ ମତାମତ ପୋଷଣ କରିଥିଲେ। ଏହି କର୍ମଶାଳାରେ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାକୁ ଜିଲ୍ଲା ଏଡ୍ସ ନିୟନ୍ତ୍ରଣ ସମିତିର ସଦସ୍ୟ ଶ୍ରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ଶ୍ରୀ ସଂଜୀବ କୁମାର କାନୁନଗୋ ଅଂଶଗ୍ରହଣ କରିଥିଲେ ।

# ଯୌନ ଅପରାଧ ଓ ଶିଶୁ ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୧୩/୦୮ (ନି.ପ୍ର): ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାରଦା ବିହାର, ଜୟପୁର ଠାରେ ଯୌନ ଅପରାଧ ଓ ଶିଶୁ ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥୀ ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ଶ୍ରୀମତୀ ପ୍ରଦ୍ୟେମୟୀ ସୁଜତା ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବରେ ଡଃ. ବି ଗାୟତ୍ରୀ ଦେବୀ ସ୍ପେସିଆଲ ପିପି, ଅତିରିକ୍ତ ଜିଲ୍ଲା ତଥା ସ୍ପେସିଆଲ ପୋକ୍ସ ଅଦାଲତ, ଜୟପୁର, ହରିଶ୍ଚନ୍ଦ୍ର ମୁଦୁଲି, ଡେପୁଟି ଲିଗାଲ ଏ୍ଡ୍ ଡିଫେନ୍ସ କାଉନସେଲ, ଜୟପୁର ପି.ସନ୍ୟାସି ରାଓ ପେନାଲ ଆଇନଜୀବି, ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ସାରଦା ବିହାର ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠି ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାରଦା ବିହାର ଛାତ୍ର ଆଇନଗତ ସାକ୍ଷରତା କ୍ଲବ୍ ଭାରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ତା' ସହିତ ଅନ୍ୟାନୀୟ ଶିକ୍ଷକ ଉପସ୍ଥିତ ରହି ଯୌନ ଅପରାଧ ଓ ଶିଶୁ ସୁରକ୍ଷା ଆଇନ, ୨୦୧୨ ଏ ଉପରେ ଆଲୋକପାତ କରିଥିଲେ। ଏବଂ ନବମ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିତର୍କ ପ୍ରତିଯୋଗିତା କରାଯାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରମାଣ ପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ । ପୋକସୋ ଆଇନ ହେଉଛି ଏକ ଲିଙ୍ଗ ନିରପେକ୍ଷ ଆଇନ ଯାହା ଲିଙ୍ଗ ନିର୍ବିଶେଷରେ ଶିଶୁମାନଙ୍କ କଲ୍ୟାଣ ଏବଂ ସୁରକ୍ଷା ପାଇଁ ବ୍ୟବସ୍ଥା କରେ। ପୋକସୋ ଆଇନର ଧାରା ୨(ୟ) ଅନୁଯାୟୀ, ଜଣେ ଶିଶୁ ହେଉଛି ଅଠର ବର୍ଷରୁ କମ୍ ବୟସର ଯେକୌଣସି ବ୍ୟକ୍ତି। ଏହି ଆଇନ ଅନୁଯାୟୀ ପୀଡିତା ଜଣେ ପୁରୁଷ କିମ୍ବା ମହିଳା ଶିଶୁ ହୋଇପାରେ। ଏହି ଆଇନ ପୀଡିତା କିମ୍ବା ଅପରାଧୀମାନଙ୍କ ମଧ୍ୟରେ ସେମାନଙ୍କର ଲିଙ୍ଗ ଆଧାରରେ କୌଣସି ପାର୍ଥକ୍ୟ ସୃଷ୍ଟି କରେ ନାହିଁ। ଏପରି କିଛି ଉଦାହରଣ ଅଛି ଯେତେବେଳେ ମହିଳାମାନଙ୍କୁ ଏହି ଆଇନ ଅନୁଯାୟୀ ଶିଶୁ ଯୌନ ନିର୍ଯାତନା ପାଇଁ ଦୋଷୀ ସାବ୍ୟସ୍ତ କରାଯାଏ। ଏବଂ କଠୋରରୁ କଠୋର ଦଣ୍ଡବିଧାନ ରହିଛି ।

**ଧାରାବାହିକ:** ଭାଗ-୧୨

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଯିଏ ଯାହା କରୁଥିଲେ ବି ମୁରଲୀରୁ ସେମାନଙ୍କ ନାମ ଶୁଣି ସେହି ଅବସ୍ଥାରେ ବୃନ୍ଦାବନ ଅଭିମୁଖେ ଧାଇଁଲେ । କେତେକ ଗୋପୀଙ୍କର ସ୍ୱାମୀ, ସନ୍ତାନ ଓ ପରିବାର ସେମାନଙ୍କୁ ଅଟକାଇବାକୁ ନିଷ୍ଫଳ ପ୍ରୟାସ କଲେ । ବଢ଼ିପାଣି କୌଣସି ବାଧାବନ୍ଧନ ନମାନି ଆଗକୁ ବଢ଼ିବା ପରି ଗୋପୀମାନେ ସମସ୍ତ ବାଧାକୁ ପଛରେ ପକାଇ ବୃନ୍ଦାବନ ପଥରେ ବହିଗଲେ । ଜଣେ କ୍ଷୀଣକାୟ ଗୋପୀ ଯାଇନପାରିବାରୁ ଭଗବାନଙ୍କୁ ମନ ମଧ୍ୟରେ ଦର୍ଶନ କରି ତାଙ୍କ ଶ୍ରୀଚରଣରେ ଲୀନ ହୋଇଗଲା । ରାଜା ପରୀକ୍ଷିତ ପଚାରିଲେ, ବ୍ରହ୍ମନ, ମୋତେ ଏହି ବିପରୀତ ବାଣୀ ଆଶ୍ଚର୍ଯ୍ୟ ଲାଗୁଛି । ପରପୁରୁଷଗାମିନୀ ବିଟପୀ ନାରୀର ନର୍କଗତି ପରିବର୍ତ୍ତେ ଗୋବିନ୍ଦ ଚରଣରେ ଲୀନ ହେବା ଆଶ୍ଚର୍ଯ୍ୟକର ନୁହେଁ କି ? ଶ୍ରୀଶୁକଦେବ କହିଲେ ହେ ରାଜନ, ନିର୍ଗୁଣ, ନିରାକାର ସର୍ବଭୁତାଶ୍ରୟୀ ଭଗବାନଙ୍କର ଏକାନ୍ତ ଚିନ୍ତନ, ତାଙ୍କ ସହ ସମ୍ପର୍କ ହିଁ ପ୍ରାଣୀ ମୋକ୍ଷର କାରଣ । କାମ, ପ୍ରେମ, କ୍ରୋଧ, ଭୟ, ସ୍ନେହ, ଭକ୍ତି ଇତ୍ୟାଦି ଯେଉଁ ଭାବରେ ଡାକିଲେ ମଧ୍ୟ ଭାବଗ୍ରାହୀ ତାହା ଗ୍ରହଣ କରନ୍ତି । ସ୍ରଷ୍ଟା ସୃଷ୍ଟି ବିଚାରରେ ସମସ୍ତେ ତାଙ୍କ ସର୍ଜନା ଓ ସେ ହିଁ ଏକମାତ୍ର ଶିଳ୍ପୀ, କଳାକାର । ଭକ୍ତର ଉଦ୍ଧାର, ସାଧୁସନ୍ଥର ପରିତ୍ରାଣ ଏବଂ ଆନନ୍ଦ ବର୍ଦ୍ଧନ ନିମନ୍ତେ ସେ ନିର୍ଗୁଣ ହୋଇ ମଧ୍ୟ ଗୁଣବନ୍ତ । ନିରାକାର ହୋଇ ଆକାରବନ୍ତ ହୁଅନ୍ତି । ସେ ଷଡରିପୁ ଦ୍ୱାରା ପ୍ରଭାବିତ ନୁହଁନ୍ତି ଏବଂ ତାଙ୍କର ସମସ୍ତ ଲୀଳା ଅର୍ଥପୂର୍ଣ୍ଣ, ବିଧି ନିର୍ଦ୍ଦିଷ୍ଟ ଓ ସଂସାର ମଙ୍ଗଳ ନିମନ୍ତେ ଅଭିପ୍ରେତ । ଷୋଳ ସହସ୍ର ଗୋପୀ ଏକମନ ଓ ଏକ ଧ୍ୟାନରେ ଆସି ବୃନ୍ଦାବନସ୍ଥ କଦମ୍ବ ମୂଳରେ ଏକତ୍ରିତ ହେଲେ । ଶ୍ରୀକୃଷ୍ଣ ବନମାଳା ପରିଶୋଭିତ ହୋଇ କୋଟି କନ୍ଦର୍ପ ଲାବଣ୍ୟ ଜିଣି ରୁପମାଧୁରୀ ପ୍ରକାଶ କରି ତ୍ରିଭଙ୍ଗୀଠାଣୀରେ ଠିଆ ହୋଇ ମୃଦୁ ମୃଦୁ ହସୁଥିବାର ଦେଖି ଗୋପୀମାନେ ଅପୂର୍ବ ଆନନ୍ଦରେ ଉଲ୍ଲସିତ ହେବା ସହ ଆତ୍ମହରା ହୋଇପଡି କୃଷ୍ଣ ପ୍ରାପ୍ତି ନିମନ୍ତେ ଅସ୍ଥିର ହେଲେ । କୃଷ୍ଣ ସେମାନଙ୍କୁ କହିଲେ ଆଗୋ ବ୍ରଜବଧୂଗଣ, ତୁମେମାନେ ଏ ଘୋର ରାତ୍ରକାଳରେ ଏହି ଶ୍ୱାପଦସଂକୁଳ ବନ ମଧ୍ୟକୁ ଘର ଛାଡି ଆସିଲ କାହିଁକି ? ହଉ ଆସିଛ ଯଦି ମୁଁ ତୁମମାନଙ୍କୁ ସ୍ୱାଗତ କରୁଛି । ସର୍ବଦା ବନକୁ ଗାଈ ଚରାଇବାକୁ ଆସି ମୁଁ ଏହାକୁ ଘର ବୋଲି ମନେ କରିନେଇଛି । ମୁଁ ତୁମ ମାନଙ୍କର କି ସେବା କରିପାରିବି ? ଗୋପ ପୁରରେ କୌଣସି ଆପଦ ପଡି ନାହିଁ ତ ? ମୋର ପିତାମାତା ସହ ସମସ୍ତେ କୁଶଳରେ ଅଛନ୍ତି ତ ? ଗୋପୀମାନେ ନୀରବ ରହି ତଳକୁ ମୁହଁ କରି ମୃଦୁ ମୃଦୁ ହସୁଥାନ୍ତି । ଶ୍ରୀକୃଷ୍ଣ ପୁଣି କହିଲେ ଏହି ହିଂସ୍ରଜନ୍ତୁ ପରିପୂର୍ଣ୍ଣ ବନଭୂମି ବିଶେଷତଃ ନାରୀମାନଙ୍କ ନିମନ୍ତେ ଅଗମ୍ୟ । ଯାହାହେଉ ମୁଁ ବେଣୁ ବଜାଉଥିବାରୁ ତୁମେମାନେ ବାଟ ନ ହୁଡି ଏଠାରେ ପହଁଚିଗଲ । ଏବେ ତୁମେ ଆଉ କାଳ ବିଳମ୍ବ ନକରି ସ୍ୱଗୃହକୁ ଫେରିଯାଅ । ତୁମମାନଙ୍କ ପରିବାର ବ୍ୟାକୁଳ ହୋଇ ଖୋଜୁଥିବେ । ପତିସେବା ନାରୀର ପରମ କର୍ତ୍ତବ୍ୟ । ଉପପତିର ମୋହ ସାନିଧ୍ୟ ମୁକ୍ତିଲାଭର ପରିପନ୍ଥୀ । ତୁମେମାନେ ବତ୍ସାମାନଙ୍କୁ ତାଙ୍କ ମାତାଠାରୁ କ୍ଷୀରପାନ ନ କରାଇ ତାହାର ଗୋଡରେ ବାନ୍ଧି ଦେଇଆସିଛ । କ୍ଷୀରପାୟୀ ସନ୍ତାନକୁ କୋଳରୁ ତଳେ ଶୁଆଇ ଦେଇ ଆସିଛ । ସେମାନେ କ୍ଷୀର ପାଇଁ କାନ୍ଦୁଥିବେ ତ ସ୍ୱାମୀମାନେ ଖାଦ୍ୟ ଦେବାକୁ ଅପେକ୍ଷା କରିଥିବେ । ମୋର ବେଣୁସ୍ୱନ ଶୁଣି ମୋତେ ଟିକିଏ ଦେଖିବାକୁ ଆସି ମୋତେ ଦେଖିଲ, ଏଥର ଆଉ ବିଳମ୍ବ ନକରି ଫେରିଯାଅ । ପୂର୍ବାର୍ଜିତ କର୍ମନେଇ ନାରୀ ସୁନ୍ଦର ବା ଅସୁନ୍ଦର, ଧନୀ ବା ନିର୍ଦ୍ଧନ, ରୋଗୀ ବା ନିରୋଗ ସ୍ୱାମୀ ପ୍ରାପ୍ତ ହୁଅନ୍ତି । ସେଥିପାଇଁ ମନ ଦୁଃଖ ନକରି ସ୍ୱାମୀଙ୍କୁ ବିଷ୍ଣୁଙ୍କ ସମାନ ପୂଜାକର ନଚେତ ଇହଲୋକରେ ନିନ୍ଦିତ ହେବ । ମୃତ୍ୟୁ ଅନ୍ତେ ନର୍କରେ ପଡିବ ଏବଂ ସାତ ଜନ୍ମ ବିଧବା ହେବ । ଏଣୁ କାଳ ବିଳମ୍ବ ନକରି ନିଜ ସ୍ୱାମୀ ସନ୍ତାନ ନିକଟକୁ ଫେରିଯାଅ । ଯେଉଁମାନେ ଦୂରରେ ଥାଇ ମଧ୍ୟ ମୋତେ ଚିନ୍ତା କରନ୍ତି, ମୋଠାରେ ଭାବ ଲଗାନ୍ତି ମୁଁ ସେମାନଙ୍କୁ ମିଳିଯାଏ ମାତ୍ର ଯେଉଁମାନେ ମୋ ଅତି ନିକଟରେ ଥାଇ ମଧ୍ୟ ମୋତେ ମନନ କି ସ୍ମରଣ କରନ୍ତି ନାହିଁ ମୁଁ ସେମାନଙ୍କୁ ଦୁର୍ଲ୍ଲଭ । ଗୋପୀମାନେ ଶ୍ରୀକୃଷ୍ଣଙ୍କର ଏହି ବ୍ୟାଜବାକ୍ୟ କିଛି ବୁଝନପାରି ଘୋର ଚିନ୍ତାରେ ପଡିଲେ । ତାଙ୍କ ମୁହଁ ଶୁଖିଗଲା ଏବଂ ସେମାନ କିଛି କହି ପାରିଲେ ନାହିଁ । ନିଃଶ୍ୱାସ ଖରତର ହେଲା, କାମତାପରେ ଦେହ ଥରିବାକୁ ଲାଗିଲା । ସେମାନେ ନିଜ ମୁଣ୍ଡକୁ ହାତରେ ଆଘାତ କଲେ ଓ ଦଶନରେ ଅଧର କାମୁଡିବାକୁ ଲାଗିଲେ । ଚକ୍ଷୁରୁ ଧାର ଧାର ଲୋତକ ବହିବାରୁ ଅଞ୍ଜନ, କୁଙ୍କୁମ ଧୋଇଯାଇ ନିଜ ବସ୍ତ୍ର ଆବରଣ ସହ କୁଚଯୁଗଳ ସିକ୍ତ ହେଲା । ସମସ୍ତ ଗୋପୀ ବଞ୍ଚିଥାଉ ତାଉ ମୃତ୍ୟୁ ହେଲା ବୋଲି ମନେକଲେ । ଯାହାଙ୍କ ପାଇଁ ସବୁ ବାଧାବନ୍ଧନ ଛାଡି ସେମାନେ ଆସିଲେ ତାଠାରୁ ଏପରି ନିଷ୍ଠୁର ଶବ୍ଦ ଶୁଣି ସେମାନେ ଏକ ସଙ୍ଗରେ ଶ୍ରୀକୃଷ୍ଣଙ୍କ ପାଦରେ ଲୋଟିଗଲେ ଏବଂ କହିଲେ, ହେ ନାଥ ! ହେ ପ୍ରାଣବଲ୍ଲଭ ଏପରି କଥା କୁହ ନାହିଁ । ତୁମେ ସ୍ୱୟଂ ଅନାଦି ନିରଞ୍ଜନ, ତୁମେ ହିଁ ଏ ବିଶ୍ୱର ସୃଷ୍ଟିକର୍ତ୍ତା । ଆମ ଅନ୍ତରର ଆବେଗ ଓ ଉତ୍କଣ୍ଠା ସବୁ ତୁମ ଭିଆଣ । ଆମେ ଅଭାଗୀ ଗୋପୀ ବିଷୟ-ବାସନା ତ୍ୟାଗକରି ତୁମର ଶରଣ ଗଲୁ । ତୁମ ଛଡା ଆମର କେହି ନାହିଁ, ଆମକୁ ତ୍ୟାଗ କର ନାହିଁ, ଆମକୁ ରକ୍ଷାକର । ଯେଉଁ ପାଦପଦ୍ମକୁ ଜ୍ଞାନୀମାନେ ଧ୍ୟାନ କରି ପାଇବାକୁ ଅସମର୍ଥ ତାହା ଆମେ ସାକ୍ଷାତ ପାଇଛୁ, ଆମେ ତାହାକୁ ଛାଡି କୁଆଡେ ଯିବୁ ? କାଳନ୍ଦୀ ତୀରରେ ଶିବ ଗୌରୀ ପୂଜା କରି ଆମେ ତୁମକୁ ପତି ରୂପେ ପାଇବାର ଯେଉଁ ମନସ୍କାମନା କରିଥିଲୁ ତାହାର ଫଳ ଆମକୁ ମିଳିଛି । ତୁମେ ତ କହିଛ ଆମେ ତୁମର ଏକାନ୍ତ ପ୍ରିୟ ଯାହାର ପ୍ରମାଣ ତୁମ ମୁରଲୀ । ଆମର ନାମ ଧରି ଡାକି ବାତୁଳ କରୁଛି । ହେ ଅନ୍ତର୍ଯ୍ୟାମୀ, ତୁମକୁ ବା କଣ ଅଜଣା ଅଛି ? ଆମେ ତୁମର ବେଣୁଦୀକ୍ଷା ଗ୍ରହଣ କଲୁ, ଆମକୁ ରକ୍ଷାକର । ଆମକୁ ଆଉ ପରୀକ୍ଷା କରନାହିଁ । ତୁମ ଶ୍ରୀମୁଖ ସୁଧାରସ ଆମର ମୁଖରେ ବର୍ଷଣ କରି ଆମର ମୁର୍ମୂଷୁ ପ୍ରାଣକୁ ରକ୍ଷାକର । ବୃକ୍ଷ କ୍ରୋଟସ୍ଥ ଅନଳ ପରି ଅନଙ୍ଗ ପୀଡା ଆମର ଶରୀର ଓ ହୃଦୟକୁ ଦଗ୍ଧ କରୁଛି । ତୁମ ପ୍ରେମ ବାରି ସିଞ୍ଚନ କରି ତାହାକୁ ନିର୍ବାପିତ କର । ନଚେତ ତୁମ ବିରହରେ ଆମର ମୃତ୍ୟୁ ହେବ ଓ ତୁମକୁ ଷୋଳ ସହସ୍ର ନାରୀ ହତ୍ୟା ଦୋଷ ଲାଗିବ । ତୁମେ ପୁତନାକୁ ମାରିଛ ହେଲେ ଆମେ ପୁତନା ନୋହୁଁ, ତୁମ କିଣା ଦାସୀ । ଦାସୀକୁ ମାରି କି ଲାଭ ପାଇବ ? ଆମେ ତୁମର ପାଦପଦ୍ମରେ ସର୍ବଦା ଖଟୁଥିବୁ, ତୁମ ଛଡା ତୁଳସୀକୁ ମଥାରେ ପିନ୍ଧୁଥିବୁ । ତୁମରି ଗୁଣ କୀର୍ତ୍ତନ କରି ଆନନ୍ଦ ବିଭୋର ହେଉଥିବୁ । ଗୋପୀମାନଙ୍କ ଅନ୍ତରର ବ୍ୟାକୁଳତା ଓ ସମର୍ପଣ ଭାବକୁ ବୁଝି ଭଗବାନ ଅବଶେଷରେ ତାଙ୍କ ପ୍ରତି ସଦୟ ହେଲେ ଏବଂ ଆନନ୍ଦରେ ବେନି ହାତ ଟେକି "ଆସ" ବୋଲି ଆହ୍ୱାନ କଲେ । ଗୋପୀମାନଙ୍କ ଶରୀରରେ ଯେମିତି ଜୀବନର ସଞ୍ଚାର ହେଲା, ସେମାନେ ରଙ୍କ କୋଟିନିଧି ପାଇବା ପରି କୃଷ୍ଣଙ୍କ ଚତୁପାର୍ଶ୍ୱରେ ଘେରିଗଲେ । ବନମାଳା ତିଆରି କରି ଶ୍ରୀକୃଷ୍ଣଙ୍କ ଗଳାରେ ପକାଇ ପତି ରୂପେ ବରଣ କଲେ । ଶ୍ରୀକୃଷ୍ଣ ଯୋଗମାୟା ବଳରେ ନିଜକୁ ଷୋଳ ସହସ୍ର ମାୟା ରୂପନେଇ ସମସ୍ତ ଗୋପୀଙ୍କ ସହ ଜଣେ ଜଣେ ହୋଇ ରାସ ରଚିଲେ । ଗୋପୀମାନେ ଭଗବାନଙ୍କୁ ପାଇଯିବାରୁ ନିଜକୁ ପରମ ଭାଗ୍ୟବନ୍ତ ବୋଲି ମନେ କରିବା ସହ ସ୍ୱର୍ଗର ଦେବତାମାନେ ମଧ୍ୟ ଆମଭଳି କୃଷ୍ଣ ଭକ୍ତ ହୋଇନପାରନ୍ତି ବୋଲି ବିଚାରି ଗର୍ବ ଅନୁଭବ କଲେ । ଅନ୍ତର୍ଯ୍ୟାମୀ ଭଗବାନ ଯେତେବେଳେ ଜାଣିଲେ ଗୋପୀମାନଙ୍କର ଗର୍ବ ଆସିଗଲାଣି ସେ ବୃନ୍ଦାବତୀ ନାମ୍ନୀ ଗୋପୀକୁ ଧରି ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

### ୩୦/୩୧ଶ ଅଧ୍ୟାୟ, ଗୋପୀମାନଙ୍କର ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ

ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ନଦେଖି ବ୍ୟାକୁଳ ହୋଇ ପଡିଲେ ଏବଂ ଇତସ୍ତତଃ ଖୋଜିବାକୁ ଲାଗିଲେ ମଧ୍ୟ କୌଣସିଠାରେ ନ ପାଇ ରୋଦନ କଲେ । କୃଷ୍ଣଙ୍କର ସଦ୍ୟଲବ୍ଧ ରତି ଅନୁରାଗକୁ ମନେ ପକାଇ ପରସ୍ପରକୁ ଆଲିଙ୍ଗନ ପାଶରେ ଆବଦ୍ଧ କଲେ । କେହି ନିଜକୁ କୃଷ୍ଣ ମନେ କଲା ତ କେହି ଅନ୍ୟ ଜଣକୁ କୃଷ୍ଣଙ୍କୁ ଦେଖିଥିବାର ପ୍ରଶ୍ନ କଲା । କେହି ଲତା ଉହାଡରେ କୃଷ୍ଣଙ୍କୁ ଖୋଜିଲା ତ କେହି ବାତୁଳ ସମାନ ବୃକ୍ଷକୁ କୁଣ୍ଢାଇ ଧରିଲା । କେହି ପୁଷ୍ପବୃକ୍ଷକୁ କୃଷ୍ଣଙ୍କ ସମ୍ପର୍କରେ ପ୍ରଶ୍ନ କଲା ତ କେହି ତୁଳସୀକୁ ସପତଣୀ ଆଖ୍ୟାଦେଇ କୃଷ୍ଣଙ୍କ କଥା ପଚାରିଲା । କେହି ହରିଣ ଯୂଥର ଚକ୍ଷୁଦେଖି ପ୍ରଭୁଙ୍କୁ ଦେଖିଥିବାର କଥା କହିଲାବେଳେ କେହି ତୃଣ ଭଗବାନଙ୍କର ପଦରଜ ପାଇ କିପରି ଫୁଲାଇ ହେଉଛି କହିଲା । କେହି କହିଲା କୃଷ୍ଣ ବୃନ୍ଦାବତୀକୁ ନେଇ ଗଲାବେଳେ ତା ଗଳାରୁ କୁନ୍ଦମାଳା ଛିଡିପଡିଛି ପୁଣି କୃଷ୍ଣଙ୍କର ମାଳତୀ, ମଲ୍ଲିକା ଫୁଷ୍ପ ପ୍ରିୟ କାରଣରୁ ସେଠାରେ ଖୋଜିବାକୁ ଚେଷ୍ଟାକଲେ । କେହି ଗୋପୀ ଅନ୍ୟ ଗୋପୀର ସ୍ତନକୁ ପାଟିରେ ଭରି କହିଲା ମୁଁ ନନ୍ଦସୁତ, ପୁତନାର ପ୍ରାଣକୁ ଶୋଷଣ କଲି । କିଏ ଶକଟା, ବତ୍ସା, ବକାସୁର ତ କେହି ଗୋବର୍ଦ୍ଧନ ଟେକିବା ତ କିଏ କାଳୀୟ ଦଳନର ମୁଦ୍ରା କରି ନିଜକୁ କୃଷ୍ଣ ଭାବରେ ଅଭିହିତ କଲେ । ଗୋପୀମାନେ ବାୟାଣୀ ପ୍ରାୟ କୃଷ୍ଣଙ୍କୁ ଖୋଜୁ ଖୋଜୁ ବାଲି ଉପରେ ତାଙ୍କର ଧ୍ୱଜ, ଅଙ୍କୁଶ, ଚକ୍ରଯୁକ୍ତ ପଦଚିହ୍ନ ସହ ବୃନ୍ଦାବତୀର ପଦଚିହ୍ନ ଦେଖି ପ୍ରଭୁଙ୍କୁ ଏକାକୀ ପାଇଥିବାରୁ ତା ଭାଗ୍ୟକୁ ପ୍ରଶଂସା କଲେ । ତେଣେ ବୃନ୍ଦାବତୀର ମନରେ ମଧ୍ୟ ଗର୍ବ ଆସିଯିବାରୁ ସେ ଆଉ ନଚାଲି ପ୍ରଭୁଙ୍କୁ କାନ୍ଧରେ ବହି ନେବାକୁ କହିଲା । ପ୍ରଭୁ କିଛିବାଟ କାନ୍ଧରେ ବହିନେଇ ପରେ ଅନ୍ତର୍ଦ୍ଧାନ ହୋଇଯିବାରୁ ବୃନ୍ଦାବତୀ ତଳେ ମୁହଁମାଡି ପଡିଗଲା । ସେ ଉଚ୍ଚସ୍ୱରରେ କ୍ରନ୍ଦନ କରିବାରୁ ଗୋପୀମାନେ ତା ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଶୁଣି କୃଷ୍ଣଙ୍କୁ ବାହୁନି କାନ୍ଦିବାକୁ ଲାଗିଲେ । ସେମାନେ କୃଷ୍ଣଙ୍କ କୃପାରୁ ସମସ୍ତ ଐଶ୍ୱର୍ଯ୍ୟ ଭୋଗ କରିବା ଏବଂ ସୁରକ୍ଷିତ ଥିବା କହିବା ସହ ମନରେ ଗର୍ବ କାରଣରୁ ଗର୍ବଗଞ୍ଜନ ସେମାନଙ୍କୁ ପରିତ୍ୟାଗ କରିଥିବା କହିଲେ ଓ କ୍ଷମା ପ୍ରାର୍ଥନା କଲେ । ସେମାନେ ଅତ୍ୟନ୍ତ ବ୍ୟାକୁଳିତ ହୋଇ ଘଟିଥିବା କଥାମାନ ସ୍ମରଣ କରି ନାରୀ ଭାବରେ ଭୁଲ କରିଦେଇଥିବା କାରଣରୁ ଅନୁତପ୍ତ ଏବଂ କ୍ଷମାସାଗର ସେମାନଙ୍କୁ କ୍ଷମା କରିଦେଇ ପୁନଃ ପ୍ରକଟ ହେବାକୁ ପ୍ରାର୍ଥନା କଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

**ସମ୍ପର୍କର ରିଙ୍ଗ**

# ପାତ୍ର ଦେଖି ଦୟା କରିବା



ଶ୍ୱେତା ରାଉତ୍

ଦିନେ ବ୍ରହ୍ମଚାରୀ ମାଧବ ଜଙ୍ଗଲ ଦେଇ ଯିବା ବେଳେ ତାଙ୍କ ନଜର ଗୋଟେ ସିଂହ ଉପରେ ପଡ଼ିଲା ଯିଏ କି ଗୋଟେ ମୋଟା ରଶିରେ ଗଛରେ ବନ୍ଧା ହୋଇଥିଲା । ମାଧବ, ସିଂହ ପାଖକୁ ଗଲେ ଓ ତା ଢଳ ଢଳ କାକୁସ୍ଥ ଆଖି ଦେଖି ମନରେ ତାଙ୍କର ଦୟା ଆସିଲା । ସିଂହ ବିନତୀ କରି କହିଲା 'ହେ ବ୍ରହ୍ମଚାରୀ ମୋତେ ମୁକ୍ତ କରିଦିଅ, ମୁଁ ବହୁତ ଦିନରୁ କିଛି ଖାଇନହିଁ, ମୁଁ କଥା ଦେଉଛି ତୁମର ଉପକାର ମୁଁ ନିଶ୍ଚୟ ସୁଝିବି' । ମାଧବ, ସିଂହ ପ୍ରତି କରୁଣା ଭାବ ରଖି ରଶି ଖୋଲି ତାକୁ ମୁକ୍ତ କରିଦେଲେ । ସିଂହ ଖୁସିରେ ଚାଲିଗଲା ।

କିଛି ଦିନ ପରେ ସେଇ ଜଙ୍ଗଲରେ ବ୍ରହ୍ମଚାରୀ ମାଧବ ବିଶ୍ରାମ କରୁଥିବା ସମୟରେ ସିଂହଟି ତାଙ୍କ ଆଡ଼କୁ ଦୃତ ଗତିରେ ଆସିଲା ଓ ଶୀକାର କରିବାକୁ ଚେଷ୍ଟା କଲା । ମାଧବ କହିଲେ 'ତୁମେ କଥା ଦେଇଥିଲ ମୋ ଉପକାରର ଋଣ ସୁଝିବ ବୋଲି ହେଲେ ମୋତେ ଏମିତି ଆହାର କରିବା ଭଳି ଦେଖୁଛ କାହିଁକି' ?

ସିଂହ କହିଲା ବ୍ରହ୍ମଚାରୀ 'ମୋର ପ୍ରକୃତି ହେଉଛି ଶୀକାର କରିବା, ମୁଁ ମୋ ପେଟ ପାଇଁ ଶୀକାର କରିବି' । ମାଧବ କହିଲେ ମୁଁ ତୁମର ଉପକାର କରିଥିଲି ଅଥଚ ତୁମେ ମୋତେ ଖାଇବାକୁ ଆସିଛ ? ସିଂହ କହିଲା କୃପା କରିବା ଓ କର୍ତ୍ତବ୍ୟ କରିବା ଦୁଇଟା ଅଲଗା ଜିନିଷ, ଜଙ୍ଗଲର ନୀୟମ ଅଲଗା, ଏବେ ତୁମେ ମୋର ସହଜ ଶୀକାର ତେଣୁ ମୁଁ ଶୀକାର କରିବି । ମାଧବ, ସିଂହକୁ କହିଲେ ଆମ ଦୁହିଁଙ୍କ ସମାଧାନ ତୃତୀୟ କେହି କଲେ ଭଲ ହେବ । ସେ ପାଖରେ ଥିବା ଶୁଆ ପାଖକୁ ଯାଇ ସବୁ କଥା କହିଲେ । ଶୁଆ ସିଂହର ପକ୍ଷ ନେଇ କହିଲା ତୁମେ ମଣିଷମାନେ ଜୀବନ ସାରା ନିଜ ଖୁସି ପାଇଁ ଆମକୁ ପଞ୍ଜୁରୀରେ ବାନ୍ଧିକି ରଖୁଛ, ମନ ଭରିଗଲେ ପଞ୍ଜୁରୀ ସହ କାହାକୁ ଦେଇ ଦେଉଛ ପଛେ ଆମକୁ ମୁକ୍ତ କରୁନାହଁ, ତେଣୁ ତୁମକୁ ସିଂହ ଖାଇଦେଲେ ମୋର ଅବଶୋଷ ନାହିଁ । ମାଧବ ଆଉ କିଛି ବାଟ ସିଂହ ସହିତ ଆଗକୁ ଗଲେ, ବାଟରେ ନାରଦ ମୁନି ସାଧନା କରୁଥିବାର ଦେଖି ସମସ୍ତ ବୃତ୍ତାନ୍ତ କହିଗଲେ । ମୁନି ଶାନ୍ତ ଚିତ୍ତରେ କହିଲେ ଏମିତି ମୁଁ ବୁଝି ପାରୁନାହିଁ, ପ୍ରଥମରୁ କିପରି ଘଟଣା ଥିଲା ମୋତେ ସେହିପରି କରିକି ଦେଖାଅ ତା ପରେ ମୁଁ ନ୍ୟାୟ କରିବି । ମାଧବ ସିଂହକୁ ପୁଣି ଭଲକି ବାନ୍ଧିଦେଲେ । ନାରଦ ମୁନି ହସିକି କହିଲେ ଥାଉ ଆଉ କିଛି ଜାଣିବା ଦରକାର ନାହିଁ, ସମାଧାନ ହୋଇଗଲା । ଅସୁବିଧା ଭୋଗୁଥିବା ସମସ୍ତେ ବିଶ୍ୱସ୍ଥ ହୋଇନଥାନ୍ତି, ଯଦି ଜଣକୁ ଉପକାର କଲାପରେ, ମୁକ୍ତ କଲାପରେ ସେ ତୁମକୁ ମାରିବାକୁ ଯାଉଛି, ଉପକାର ମୂଲ୍ୟ ବୁଝୁନାହିଁ, ତାକୁ ଏମିତି ବନ୍ଦୀ ହୋଇ ରହିବାକୁ ଛାଡ଼ିଦେବା ହିଁ ବୁଦ୍ଧିମାନର କାମ । ଦୟାକର ମନାନାହିଁ, କିନ୍ତୁ ବ୍ୟକ୍ତି ଚୟନ କରି ଦୟା କର, ନହେଲେ ସେଇମାନେ ହିଁ ତୁମକୁ ମାରିଦେବେ ଯେଉଁମାନଙ୍କୁ ତୁମେ ମଲା ମୁହଁରୁ ବଞ୍ଚେଇଥିବ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଘର ବାହାରେ ଓଲଟା ଚପଲ ଦେଖିଲେ ତୁରନ୍ତ କରନ୍ତୁ ସିଧା

**ଘରେ ଓଲଟା ଚପଲ ଦେଖିଲେ ଆମକୁ ଅନେକ ପାଟି କରିଥାନ୍ତି । ଏପରିକି ଓଲଟା ଚପଲକୁ ସିଧା କରିଦେବାକୁ କହିଥାନ୍ତି । ତେବେ କ'ଣ ଆପଣ ଜାଣନ୍ତି ଏହା ପଛରେ ଥିବା କାରଣ କ'ଣ । କୁହାଯାଏ ଘରେ ଓଲଟା ଚପଲ ଥିଲେ ଝଗଡ଼ା ହୋଇପାରେ । ଏପରିକି ମା' ଲକ୍ଷ୍ମୀ କ୍ରୋଧିତ ହୋଇଯାନ୍ତି । ଫଳରେ ଘରେ ଦରିଦ୍ରତା ଦେଖାଦେଇଥାଏ ।**

-ମାନ୍ୟତା ଅନୁଯାୟୀ ଘରେ ଓଲଟା ଚପଲ ଥିଲେ ଝଗଡ଼ା ହୋଇଥାଏ । ଏପରି କଲେ ଘରେ ନକରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।
-କୁହାଯାଏ ଘରେ ଓଲଟା ଚପଲ ଥିଲେ ଚିନ୍ତାର ବାତାବରଣ ରହିଥାଏ । ଏହାଦ୍ୱାରା ଶନିଙ୍କ ପ୍ରକୋପ ପଡ଼ିଥାଏ ।
-କୁହାଯାଏ ଘର ବାହାରେ ଚପଲ ଓଲଟା ରଖିଲେ ଘରର ସଦସ୍ୟଙ୍କ ମନରେ ଖରାପ ପ୍ରଭାବ ପଡ଼ିଥାଏ ।
-ବାସ୍ତୁଶାସ୍ତ୍ର ମୁତାବିକ ଏହାଦ୍ୱାରା ପରିବାରର ସୁଖଶାନ୍ତିରେ ବହୁତ ବାଧା ସୃଷ୍ଟି ହୋଇଥାଏ ।





# ମୁଖ୍ୟ ଦ୍ୱାରରେ ଶୁଭ କଳସ ରଖୁଛନ୍ତି କି, ଜାଣି ରଖନ୍ତୁ ନିୟମ...

କୁହାଯାଏ, ଘରୁ ବାହାରିବା ସମୟରେ ଶୁଭ କଳସ ବା ଜଳପୂର୍ଣ୍ଣ କୁମ୍ଭ ଦେଖିକି ଗଲେ କାର୍ଯ୍ୟସିଦ୍ଧି ହୋଇଥାଏ । ସେଥିପାଇଁ ଅନେକେ ଘରର ମୁଖ୍ୟଦ୍ୱାର ନିକଟରେ ଶୁଭ କଳସ ରଖିଥାନ୍ତି । ତେବେ ଏହି ଶୁଭ କଳସ ରଖିବାକୁ ନେଇ ମଧ୍ୟ କିଛିଟା ନିୟମ ରହିଛି, ଯେମିତିକି:

ମୁଖ୍ୟ ଦ୍ୱାରର ବାମପଟେ ଶୁଭ କଳସ ରଖିବା ଅତ୍ୟନ୍ତ ଭଲ ହୋଇଥାଏ । ଆବଶ୍ୟକ ସ୍ଥଳେ ଆପଣ ଚାହିଁଲେ ଏହାକୁ ଡାହାଣ ପଟେ କିମ୍ବା ଦ୍ୱାରର ସମ୍ମୁଖ ଭାଗରେ ମଧ୍ୟ ରଖିପାରିବେ । କିନ୍ତୁ ସମ୍ମୁଖରେ ରଖିଲେ ଭୁଲ୍‌ରେ କାହାର ଗୋଡ ବାଜିଯିବାର ସମ୍ଭାବନା ଥାଏ । ତେଣୁ ନିଜର ସୁବିଧା ଅନୁଯାୟୀ ଶୁଭ କଳସକୁ ଦ୍ୱାରର ଯେଉଁଠି ଚାହିଁବେ ସେଠି ରଖିପାରିବେ । କିନ୍ତୁ ଧ୍ୟାନ ଦେବେ ଘରକୁ ଯିବାଆସିବା ସମୟରେ ଯେମିତି ଶୁଭକଳସ ଉପରେ ସମସ୍ତଙ୍କର ନଜର ପଡିପାରୁଥିବ ।

ଯଦି ଆପଣଙ୍କ ମୁଖ୍ୟ ଦ୍ୱାରର କାନ୍ଥକୁ ଲାଗି ଚଉରା ରହିଛି, ତା'ହେଲେ ଉକ୍ତ ଚଉରାର ମଣ୍ଡପ ଉପରେ ଆପଣ ଏହି ଶୁଭ କଳସକୁ ମଧ୍ୟ ରଖିପାରିବେ

ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନସାରି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଦେବେ, ତା'ପରେ ମା' ବୃନ୍ଦାବତୀଙ୍କୁ ପୂଜା କରିବେ । ଆଉ ତା'ପରେ ମୁଖ୍ୟ ଦ୍ୱାର ନିକଟରେ ଶୁଭ କଳସକୁ ସ୍ଥାପନା କରି ଘର ଠାକୁରଙ୍କୁ ପୂଜା କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

ଯଦି ସୂର୍ଯ୍ୟୋଦୟ ପୂର୍ବରୁ ଶୁଭ କଳସ ବସାଇବା ସମ୍ଭବ ହେଉନାହିଁ ତା'ହେଲେ ସକାଳର ପ୍ରଥମ ପ୍ରହର ଅର୍ଥାତ୍ ସକାଳ ୯ଟା ଭିତରେ ଶୁଭ କଳସ ବସାଇବା ନିହାତି ଆବଶ୍ୟକ ।

ଶୁଭ କଳସର ପାଣି ବାସି ହେବା ଠିକ୍ ନୁହେଁ ଅର୍ଥାତ୍ ସକାଳେ ଯେଉଁ ଶୁଭ କଳସ ବସାଇଥିବେ ସୂର୍ଯ୍ୟାସ୍ତ ପୂର୍ବରୁ ସେହି କଳସର ପାଣିକୁ କୌଣସି ଗଛ ମୂଳରେ ଢାଳିଦେବେ । ପୂର୍ନଃବାର ତା'ପରଦିନ ଶୁଦ୍ଧ ଜଳରେ ପୁଣି ଶୁଭ କଳସ ବସାଇବେ ।



ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୧୪ ଅଗଷ୍ଟ ୨୦୨୫, ଗୁରୁବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆତ୍ମପ୍ରଶଂସା ନୁହେଁ ଆତ୍ମସମୀକ୍ଷାର ବେଳ

ବିଂଶ ଶତାବ୍ଦୀରେ ଯଦି ତୈଳ ଏବଂ ଶିଳ୍ପ ଶକ୍ତିର ମାପକାଠି ଥିଲା, ତେବେ ଏକବିଂଶ ଶତାବ୍ଦୀରେ ଏହି ସ୍ଥାନ ନେଇଛି ପ୍ରଯୁକ୍ତିବିଦ୍ୟା । ଆଜିର ଭୂ-ରାଜନୈତିକ ପରିବେଶରେ, କୌଣସି ଦେଶର ସାମର୍ଥ୍ୟ କେବଳ ତା'ର ସାମରିକ ଶକ୍ତି ବା ଅର୍ଥନୈତିକ ଆକାରରେ ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ତା'ର ଦକ୍ଷତା ଉପରେ ମପାଯାଉଛି । ଏହି ପରିପ୍ରେକ୍ଷୀରେ, ହାର୍ଭାର୍ଡ କେନେଡି ସ୍କୁଲ୍ ଦ୍ୱାରା ପ୍ରକାଶିତ 'କ୍ରିଟିକାଲ୍ ଆଣ୍ଡ ଏମର୍ଜିଂ ଟେକ୍ନୋଲୋଜି ଇଣ୍ଡେକ୍ସ' ଭାରତ ପାଇଁ ଏକ ଚେତାବନୀ ସଦୃଶ । ୨୫ଟି ଦେଶକୁ ପାଞ୍ଚଟି ପ୍ରମୁଖ କ୍ଷେତ୍ର – କୃତ୍ରିମ ବୁଦ୍ଧିମତା (AI), ବାୟୋଟେକ୍ନୋଲୋଜି, ସେମିକଣ୍ଡକ୍ଟର, ମହାକାଶ ଏବଂ କ୍ୱାଣ୍ଟମ୍ – ରେ ମୂଲ୍ୟାଙ୍କନ କରୁଥିବା ଏହି ସୂଚକାଙ୍କରେ ଭାରତ ଦଶମ ସ୍ଥାନରେ ରହିଛି, ଯାହା ଆମେରିକା, ଚୀନ୍ ଏବଂ ୟୁରୋପ ଭଳି ଶୀର୍ଷ ଦେଶଗୁଡ଼ିକଠାରୁ ବହୁ ପଛରେ । ଏହି ସାମଗ୍ରିକ ଚିତ୍ର, ବିଶେଷକରି ସେମିକଣ୍ଡକ୍ଟର କ୍ଷେତ୍ରରେ ଆମର ଗଭୀର ଦୁର୍ବଳତା, ଭାରତର ବିଶ୍ୱଶକ୍ତି ହେବାର ଆକାଂକ୍ଷା ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ସୂଚକାଙ୍କରେ ସର୍ବାଧିକ ୩୫% ଗୁରୁତ୍ୱ ବହନ କରୁଥିବା ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ପ୍ରଦର୍ଶନ ସବୁଠାରୁ ନୈରାଶ୍ୟଜନକ । ସାଧାରଣ ସ୍ମାର୍ଟଫୋନଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ ପର୍ଯ୍ୟନ୍ତ, ସବୁକିଛିର ମୂଳରେ ରହିଛି ଏହି କ୍ଷୁଦ୍ର ଚିପ୍ । ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳତାର ଅଭାବ କେବଳ ଆମର ଅର୍ଥନୀତିକୁ ପଙ୍ଗୁ କରେନାହିଁ, ବରଂ ଜାତୀୟ ସୁରକ୍ଷାକୁ ମଧ୍ୟ ସଙ୍କଟରେ ପକାଇଥାଏ । ଏହି ବାସ୍ତବତାକୁ ହୃଦୟଙ୍ଗମ କରି ଭାରତ ସରକାର 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ' ଅଧୀନରେ ୭୬,୦୦୦ କୋଟି ଟଙ୍କାର ଏକ ବିଶାଳ ପ୍ରୋତ୍ସାହନ ପ୍ୟାକେଜ୍ ଘୋଷଣା କରିଛନ୍ତି । ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ମାଇକ୍ରନ୍ ଭଳି କମ୍ପାନୀମାନେ ଗୁଜରାଟ ଓ ଆସାମରେ ନିଜର ୟୁନିଟ୍ ସ୍ଥାପନ କରିବାକୁ ଅଗ୍ରସର ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ କେବଳ କିଛି ଫ୍ୟାବ୍ ବା ଆସେମ୍ବ୍ଲି ୟୁନିଟ୍ ସ୍ଥାପନ କରିଦେଲେ ଆମର ଲକ୍ଷ୍ୟ ପୂରଣ ହେବନାହିଁ । ଏଥିପାଇଁ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମର ଆବଶ୍ୟକତା ରହିଛି – ଚିପ୍ ଡିଜାଇନ୍, କଞ୍ଚାମାଲ ଯୋଗାଣ, ଅତ୍ୟାଧୁନିକ ଗବେଷଣା ଏବଂ କୁଶଳୀ ମାନବ ସମ୍ବଳର ବିକାଶ । ଏହି ସବୁ କ୍ଷେତ୍ରରେ ଆମେ ଏବେବି ବହୁ ପଛରେ ଅଛୁ ।

ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିରେ ମଧ୍ୟ ସ୍ଥିତି ବିଶେଷ ଉତ୍ସାହଜନକ ନୁହେଁ। ମହାକାଶ ପ୍ରଯୁକ୍ତିବିଦ୍ୟାରେ, ଇସ୍ରୋର ଚନ୍ଦ୍ରଯାନ ଏବଂ ମଙ୍ଗଳଯାନ ଭଳି ସଫଳତା ସତ୍ତ୍ୱେ, ଆମେ ସାମଗ୍ରିକ ଭାବେ ସପ୍ତମ ସ୍ଥାନରେ ରହିଛୁ । ଏହାର ମୁଖ୍ୟ କାରଣ ହେଉଛି ପ୍ରତିରକ୍ଷା ଏବଂ ବାଣିଜ୍ୟିକ ମହାକାଶ ସମ୍ପତ୍ତି କ୍ଷେତ୍ରରେ ଆମର ପଛୁଆପଣ। କୃତ୍ରିମ ବୁଦ୍ଧିମତା (AI) ରେ ଆମେରିକା ଓ ଚୀନର ଦବଦବା କାଏମ ରହିଥିବା ବେଳେ, ଭାରତ ମୌଳିକ ଗବେଷଣା ପରିବର୍ତ୍ତେ କେବଳ ସେବା ପ୍ରଦାନକାରୀ ଭୂମିକାରେ ସୀମିତ ରହିଯାଇଛି ।

ଏହି ବୈଷୟିକ ପଛୁଆପଣର ମୂଳ କାରଣ ହେଉଛି ଗବେଷଣା ଓ ବିକାଶ (R&D) କ୍ଷେତ୍ରରେ ଆମର ଉଦାସୀନତା । ବିକଶିତ ଦେଶମାନେ ନିଜ ଜିଡିପିର ୨.୫% ରୁ ୫% ପର୍ଯ୍ୟନ୍ତ R&D ରେ ଖର୍ଚ୍ଚ କରୁଥିବା ବେଳେ, ଭାରତର ଖର୍ଚ୍ଚ ମାତ୍ର ୦.୬୪% ରେ ସୀମିତ ରହିଛି । ଇସ୍ରାଏଲ୍ (୫.୪%), ଆମେରିକା (୩.୫%) ଏବଂ ଚୀନ୍ (୨.୪%) ତୁଳନାରେ ଏହା ନଗଣ୍ୟ । କେବଳ ସରକାରୀ ଅନୁଦାନ ନୁହେଁ, ବେସରକାରୀ କ୍ଷେତ୍ରର ଯୋଗଦାନ ମଧ୍ୟ ନୈରାଶ୍ୟଜନକ । ଆମ ଦେଶରେ ବେସରକାରୀ କ୍ଷେତ୍ରର R&D ଯୋଗଦାନ ମାତ୍ର ୩୬.୪% ହୋଇଥିବା ବେଳେ ଚୀନ୍ ରେ ଏହା ୭୭% । ଏହା ବ୍ୟତୀତ, ଆମର ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ କୌଣସି ସମନ୍ୱୟ ନାହିଁ, ଯାହା ଫଳରେ ଗବେଷଣାଗାରର ଜ୍ଞାନକୌଶଳ ବଜାର ପର୍ଯ୍ୟନ୍ତ ପହଞ୍ଚିପାରୁନାହିଁ ।

ଏହି ସଙ୍କଟରୁ ମୁକୁଳିବା ପାଇଁ ଏକ ବହୁମୁଖୀ ଏବଂ ସୁଦୀର୍ଘ ଯୋଜନାର ଆବଶ୍ୟକତା ରହିଛି । ସରକାରଙ୍କୁ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ' ଏବଂ 'ନ୍ୟାସନାଲ୍ କ୍ୱାଣ୍ଟମ୍ ମିଶନ' ଭଳି ପଦକ୍ଷେପଗୁଡ଼ିକୁ କେବଳ କାଗଜପତ୍ରରେ ସୀମିତ ନରଖି, ଏହାର ଦୃତ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ପଡ଼ିବ । R&D ଖର୍ଚ୍ଚକୁ ଜିଡିପିର ଅତିକମରେ ୨%କୁ ବୃଦ୍ଧି କରିବା ସହ ବେସରକାରୀ କ୍ଷେତ୍ରକୁ ଏଥିରେ ସାମିଲ ହେବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ । ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ଉଦ୍ଭାବନ ଏବଂ ସମାଲୋଚନାତ୍ମକ ଚିନ୍ତାଧାରାକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଯଦି ଭାରତ ଏକବିଂଶ ଶତାବ୍ଦୀରେ ଏକ ପ୍ରକୃତ ବିଶ୍ୱଶକ୍ତି ହେବାକୁ ଲକ୍ଷ୍ୟ ରଖିଛି, ତେବେ ତାକୁ ପ୍ରଯୁକ୍ତିବିଦ୍ୟାର ଏହି ମହାପଥରେ ଦୃଢ଼ ଭାବରେ ଆଗେଇ ଯିବାକୁ ହିଁ ହେବ, ନଚେତ୍ ଆମେ କେବଳ ଏକ ବଡ଼ ବଜାର ହୋଇ ରହିଯିବା, ଜ୍ଞାନର ସୃଷ୍ଟିକର୍ତ୍ତା ନୁହେଁ ।

# ମହିଳା ସଶକ୍ତିକରଣ ଏକ ଆହ୍ୱାନ



**ପ୍ରଶାନ୍ତ କୁମାର ନାୟକ**

ସମାଜର ଦୁଇଟି ମୁଖ୍ୟ ଅଙ୍ଗ ହେଲେ ମହିଳା ଓ ପୁରୁଷ। ଗୋଟିଏ ମୁଦ୍ରାର ଦୁଇଗୋଟି ପାର୍ଶ୍ୱଭଳି । ନାରୀ ଓ ପୁରୁଷର ସମନ୍ୱୟରେ ହିଁ ମାନବ ସମାଜର ଆତ୍ମ ପରିପ୍ରକାଶ ସମ୍ଭବ ହୋଇପାରିଛି । ସମାଜର ସୁପରିଚାଳନା, ପାରିବାରିକ ଜୀବନର ଦାୟିତ୍ୱବଦ୍ଧତା ଓ ବିଶ୍ୱ କଲ୍ୟାଣାର୍ଥେ ଉଭୟ ନାରୀ ଓ ପୁରୁଷଙ୍କର ଗୁରୁତ୍ୱ ସମାନ ଭାବରେ ରହିଥାଏ । ମଧ୍ୟ ଯୁଗରେ ମହିଳାମାନଙ୍କ ସହିତ ଘଟିଯାଇଥିବା ଅନ୍ୟାୟ, ଅତ୍ୟାଚାର ଏକ ନିନ୍ଦନୀୟ ଅଧ୍ୟାୟ ଥିଲା । ସମାଜର ପୁରୁଷମାନଙ୍କ ସହିତ ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରାଯାଇ ପାରିଲେ ହିଁ ଆମ ଦେଶର ଭବିଷ୍ୟତ ଯଥାଶୀଘ୍ର ଉଜ୍ଜ୍ୱଳ ହୋଇପାରିବ । ମହିଳା ସଶକ୍ତିକରଣର ଅର୍ଥ ହେଉଛି ସେମାନଙ୍କୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ପୁରୁଷମାନଙ୍କ ଭଳି ସମାନ ସୁବିଧାସୁଯୋଗ ମିଳିବା । ତେବେଯାଇ ଏ ସମାଜର ପ୍ରକୃତ ଅଗ୍ରସର ହୋଇପାରିବ ବୋଲି ମନେ କରାଯାଏ। ଗୋଟିଏ ନାରୀର ଅନେକ ରୂପ ରହିଛି । ଯେମିତିକି- ମାଆ, ଝିଅ, ବୋହୂ, ଭଉଣୀ ଏବଂ ଦେବୀ ଇତ୍ୟାଦି। ଜାତିର ପିତା ମହାତ୍ମାଗାନ୍ଧୀ କହିଥିଲେ ଯେ, 'ଏ ଦେଶ ସେତେବେଳେ ସ୍ୱାଧୀନ ବୋଲି ଆମେ ଜାଣିବା, ଯେତେବେଳେ ଜଣେ ମହିଳା ରାତ୍ରୀ ୧୨:୦୦ରେ ମଧ୍ୟ ନିର୍ଭୟରେ ସ୍ୱାଧୀନ ଭାବେ ବାହାରେ ବୁଲିପାରୁଥିବ । ସମାଜରେ ଚାଲି ଆସୁଥିବା କୁସଂସ୍କାର ଏବଂ ଅନ୍ଧ ବିଶ୍ୱାସ ହିଁ ନାରୀ ଉତ୍ପୀଡନର ମୂଳ କାରଣ । ନାରୀଟିଏ ସବୁବେଳେ ଫୁଲପରି ପବିତ୍ର ଆଉ ନିର୍ମଳ । କିନ୍ତୁ ଏଠି ତାଙ୍କୁ ପାଦେପାଦେ ଅଗ୍ନୀ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥାଏ। କଥାରେ ଯେପରି କୁହାଯାଏ – 'ଆଜିର ଛାତ୍ର, ଆସନ୍ତା କାଲିର ନାଗରିକ ।' ଠିକ୍ ସେମିତି ଏକ ଉକ୍ତି ପରିବେଶରେ ସମାୟିତ ହେବା ଦରକାର ଅର୍ଥାତ୍ 'ଆଜିର ନାରୀ, ଭବିଷ୍ୟତର ସମ୍ମାନ ।' ନାରୀବିନା ସମାଜର ପରିକଳ୍ପନା ଅସମ୍ଭବ । ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ହୁଏ । ଅତଏବ ନାରୀ ଶକ୍ତି ସ୍ୱରୂପିଣୀ, କଲ୍ୟାଣମୟୀ ଓ ଜ୍ଞାନମୟୀ । ସେ ଏକାଧାରରେ ଜଣେ ମାତା, ଭଗିନୀ, କନ୍ୟା ଏବଂ ଜାୟା। ସମାଜରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଯେଉଁ ପଦକ୍ଷେପଗୁଡ଼ିକ ହାତକୁ ନେଇଛନ୍ତି ତା' ମଧ୍ୟରେ 'ମିଶନ ଶକ୍ତି' ଅନ୍ୟତମ । ମିଶନ ଯାହା ଏକ ଇଂରାଜୀ ଶବ୍ଦ ଓ ଏହାର ଅର୍ଥ ହେଲା – ଜୀବନର ଲକ୍ଷ୍ୟ ଏବଂ 'ଶକ୍ତି' ଅର୍ଥାତ ପାୱାର ବା କ୍ଷମତା । ଏହି ଯୋଜନା ମହିଳା ମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରାଇ ପାରିବ।

୨୦୦୧ ମସିହା ମାର୍ଚ୍ଚ ୦୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସରକାର **W.S.H.G.( Women Self Help Group)** ଅର୍ଥାତ୍ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ନାମିତ କଲେ । ନାରୀ ଓ ପୁରୁଷ ଭଗବାନଙ୍କ ଅମୃତ ସୃଷ୍ଟିର ଅମୃତ ସନ୍ତାନ। ନାରୀ ଏକାଧାରରେ ଜଣେ ଜନନୀ, ଜାୟା ଓ ଭଗିନୀ । ନାରୀବିନା ସମାଜର ସାମଗ୍ରିକ ଉନ୍ନତିର କଳ୍ପନା କରିହେବ ନାହିଁ। ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ ହୁଏ । ଜଣେ ଜଣକ ବିନା ଅଧା ରହିଥାଏ ଅର୍ଥାତ୍ ପୂର୍ଣ୍ଣମାତ୍ରାରେ ତାହା ପ୍ରତିଫଳିତ ହୋଇ ନପାରେ । ଯଥାର୍ଥରେ ମହର୍ଷି ମନୁ କହିଥିଲେ :-

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତାଃ ।

ନାରୀ ଶକ୍ତିମୟୀ, କଲ୍ୟାଣମୟୀ, ଜ୍ଞାନମୟୀ, ବିଶ୍ୱରୂପା। ତେଣୁ ଶିକ୍ଷାଲାଭରୁ ସେ ବଞ୍ଚିତ ହେବା ଅନୁଚିତ। କାରଣ ଗୋଟିଏ ପୁରୁଷ ଲୋକ ଶିକ୍ଷିତ ହେଲେ ଜଣେ ଲୋକ ଶିକ୍ଷିତ ବୋଲି ଧରାଯାଏ, ମାତ୍ର ଜଣେ ମହିଳା ଶିକ୍ଷିତ ହେଲେ ଗୋଟିଏ ପରିବାର ଶିକ୍ଷିତ ହୋଇଥାଏ। ସନ୍ତାନମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ମା' । ପୃଥିବୀର ଅନେକ ମହାମାନବଙ୍କ ଜୀବନକୁ ସେମାନଙ୍କର ମା' ମାନେ ହିଁ ଗଢି ତୋଳିଥିବାର ଇତିହାସ ରହିଛି । ଅନୁରୂପ ଭାବରେ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ରହିଛି ଏବଂ ଶିକ୍ଷିତା ନାରୀଟିଏ ହିଁ ତା'ର ସମାଧାନ କରିପାରିବ । ପୁରୁଷ ସହିତ ସମକକ୍ଷ ହୋଇ ତାହାର ସହକର୍ମୀ, ସହାୟିକା କିମ୍ବା ବାନ୍ଧବୀ ହୋଇ ସେ ଏକ ଉନ୍ନତ ସଚେତନ ସମାଜ ଗଠନରେ ସହାୟକ ହୋଇପାରିବ । ଏହିସବୁ ଦୃଷ୍ଟିରୁ ନାରୀଶିକ୍ଷାର ଏକାନ୍ତ ଆବଶ୍ୟକତା ରହିଛି ।

ପ୍ରାଚୀନ ଭାରତରେ ପୁରୁଷମାନଙ୍କ ଭଳି ନାରୀମାନେ ମଧ୍ୟ ଉପଯୁକ୍ତ ଶିକ୍ଷାର ଅଧିକାରିଣୀ ହେଉଥିଲେ । ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା ଓ ମଦାଳସା ପ୍ରଭୃତି ବିଦୂଷୀ ନାରୀଗଣ ବେଦମନ୍ତ୍ର ରଚନା କରିବା ସହିତ ସେମାନଙ୍କର ଅନନ୍ୟ ପ୍ରତିଭାପାଇଁ ଚିର ସ୍ମରଣୀୟ ହୋଇ ରହିପାରିଛନ୍ତି।

ମଧ୍ୟ ଯୁଗରେ ବୈଦେଶିକମାନଙ୍କ ଶାସନକାଳରେ ନାରୀ ଶିକ୍ଷାକୁ ଅବହେଳାର ଅନ୍ଧକାର ମଧକୁ ଠେଲି ଦିଆଯାଇଥିଲା । ଇଂରେଜ ଶାସନ ସମୟରେ ରାଜା ରାମମୋହନ ରାୟ , କର୍ମବୀର ଗୌରୀଶଙ୍କର ରାୟ ଓ ମହର୍ଷି ଦୟାନନ୍ଦ ସରସ୍ୱତୀ ପ୍ରଭୃତିଙ୍କ ପ୍ରୟାସ ଓ ପ୍ରଯତ୍ନ ଫଳରେ ନାରୀଶିକ୍ଷା ବିଷୟ ଉନ୍ନତିର ସ୍ୱାଦ ଚାଖିପାରିଥିଲା । ।

ଆଜିକାଲି ନାରୀମାନେ ପୁରୁଷମାନଙ୍କ ଭଳି ଶିକ୍ଷାଲାଭ କରୁଛନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି । ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ନାରୀ ଆଜି ତାହାର ବୈଶିଷ୍ଟ୍ୟ ପ୍ରତିପାଦନ କରିପାରିଛି । ଆଜିର ଶତାବ୍ଦୀରେ ନାରୀଶିକ୍ଷାର ପ୍ରଚାର ପ୍ରସାର ପାଇଁ ସମସ୍ତେ ନିଜର ଉତ୍ସୁକତା ପ୍ରକାଶ କରିଛନ୍ତି । ବିଭିନ୍ନ ଅନ୍ଧ ବିଶ୍ୱାସ, ବହୁ ବିବାହ, ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ପରି ସର୍ବଗ୍ରାସୀ ଦାନବର କବଳରୁ ଉଦ୍ଧାର କରିବା ପାଇଁ ନାରୀଶିକ୍ଷା ଯେ ଏକାନ୍ତ ଅପରିହାର୍ଯ୍ୟ ଏହା ଆଜି ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରି ସାରିଛନ୍ତି । ନାରୀଶିକ୍ଷା ପାଇଁ ସାରା ମାନବ ଜାତି ଅନୁକୂଳାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ଏବଂ ସେମାନଙ୍କୁ ପୂର୍ଣ୍ଣ ସ୍ୱାକ୍ଷର କରାଇବା ମଧ୍ୟ ଏକାନ୍ତ ଆବଶ୍ୟକ। ସେଥିପାଇଁ ନେପୋଲିୟନ୍ ବୋନାପାର୍ଟ କହିଛନ୍ତି:- **The future destiny of the child is always the works of the mother.**

ସେହିପରି ନାରୀକୁ ସକଳ ଶକ୍ତିର ଆଧାର ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । କାରଣ ମାତୃଶକ୍ତି ବିନା ସୃଷ୍ଟି ଅସମ୍ଭବ । କଥାରେ ଅଛି :-

ଜନନୀ ଜନ୍ମ ଭୂମିଶ୍ଚ
ସ୍ୱର୍ଗାଦପି ଗରିୟସୀ ।

ନାରୀ ସହନଶୀଳତା ଆଉ ତ୍ୟାଗର ଏକ ଜ୍ୱଳନ୍ତ ଉଦାହରଣ। କାରଣ ଯେତେବେଳ ଗୋଟିଏ ଛୁଆ ଅଇଁଠା ଛାଡି ଚାଲିଯାଏ, ତା' ମାଆ ହିଁ ତାହାକୁ ଖାଇଦିଏ। ଭାଇ ଅଇଁଠା ଛାଡିଲେ ଭଉଣୀ ଖାଏ, ସ୍ୱାମୀ ଅଇଁଠା ଛାଡିଲେ ସ୍ତ୍ରୀ ଖାଏ। ଯଦି କେତେବେଳେ କୌଣସି ମା' ଭଉଣୀ, ସ୍ତ୍ରୀ ଅଇଁଠା ଛାଡିଲେ ତାହାକୁ କୌଣସି ପୁରୁଷ କେବେ ଖାଇଛନ୍ତି କି ? ନା, ଆଦୌ ଖାଆନ୍ତି ନାହିଁ । କାରଣ ଏଭଳି ତ୍ୟାଗ ଓ ସହନଶୀଳ ଶକ୍ତି ଭଗବାନ କେବଳ ନାରୀମାନଙ୍କୁ ହିଁ ଦେଇଛନ୍ତି । ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଛନ୍ତି – ଲୋକମାନଙ୍କୁ ସଚେତନ କରାଇବାକୁ ହେଲେ ପ୍ରଥମେ ମହିଳାମାନେ ସଚେତନ ହେବା ଜରୁରୀ ଅଟେ । ଥରେ ଯଦି ସେ ନିଜର ପାଦ ଉଠାଏ, ତେବେ ପରିବାର ଆଗକୁ ବଢିଥାଏ, ଗାଁ ଆଗକୁ ବଢେ ଓ ରାଷ୍ଟ୍ର ଉନ୍ନତି ମାର୍ଗରେ ଅଗ୍ରସର ହୋଇଥାଏ।

ଐତିହାସିକ ପ୍ରସଙ୍ଗ ଓ ପ୍ରଗତି ଦୃଷ୍ଟିରୁ ମହିଳା ସଶକ୍ତିକରଣ ଏକ ଦୀର୍ଘ ମିଆଦି ଏବଂ ବିକାଶଶୀଳ ସଂଘର୍ଷ ଅଟେ। ଅନେକ ସମାଜରେ ମହିଳାମାନଙ୍କୁ ମତଦାନ କରିବାର ଅଧିକାର, ସଂପତ୍ତିର ମାଲିକାନା ଏବଂ ଉଚ୍ଚ ଶିକ୍ଷା ଲାଭ କଲାଭଳି ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଥିଲା । ଊନବିଂଶ ଏବଂ ବିଂଶ ଶତାବ୍ଦୀରେ ମହିଳାମାନଙ୍କ ମତଦାନ ସଂପର୍କିତ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ବଦଳାଇଲା। ଯେହେତୁ ମହିଳାମାନେ ବିଭିନ୍ନ ଦେଶମାନଙ୍କରେ ରାଜନୈତିକ ଅଧିକାର ହାସଲ କରିବାକୁ ଲାଗିଲେ । ୧୯୬୦ ଏବଂ ୧୯୭୦ ଦଶକର ନାରୀବାଦୀ ଗତିବିଧି ମହିଳାମାନଙ୍କ ଅଧିକାରର କାରଣକୁ ଆହୁରି ବିକଶିତ କରିବା ସହିତ ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ ସାମ୍ୟତା, ପ୍ରଜନନ ଅଧିକାର ଏବଂ ଲିଙ୍ଗ ଭିତ୍ତିକ ହିଂସାରୁ ମୁକ୍ତି ଦେବାପାଇଁ ପ୍ରୟାସ କରିଥିଲା । ଏସବୁ ଗତିବିଧି ଗୁଡିକ ମହିଳା ସଶକ୍ତିକରଣର ଆଧୁନିକ ବୁଝାମଣା ପାଇଁ ମୂଳଦୁଆ ପକାଇଥିଲା, ଯାହା କେବଳ ରାଜନୈତିକ ଏବଂ ଅର୍ଥନୈତିକ ଅଧିକାର ନୁହେଁ, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଶାରୀରିକ ଅଖଣ୍ଡତାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ । ସାଂପ୍ରତିକ ଦଶନ୍ଧିର ମହିଳା ମାନଙ୍କ ଶିକ୍ଷା, ରୋଜଗାରକ୍ଷମ ଏବଂ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି। ମିଳିତ ଜାତିସଂଘର ସ୍ଥାୟୀ ବିକାଶର ଲକ୍ଷ୍ୟ ଭଳି ବିଶ୍ୱସ୍ତରୀୟ ପଦକ୍ଷେପଗୁଡ଼ିକ ସର୍ବକାଳୀନ ବିକାଶର ଏକ ପ୍ରମୁଖ ଉପାଦାନ ଭାବରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦେଇଥାଏ । ପୂର୍ବ ସମୟ ଅପେକ୍ଷା ରାଜନୀତି,ବ୍ୟବସାୟ ଏବଂ ନାଗରିକ ସମାଜରେ ଆଜି ଅଧିକ ମହିଳା ନେତୃତ୍ୱ ଗ୍ରହଣ କରିଛନ୍ତି। ବର୍ତ୍ତମାନ ସମୟରେ ମହିଳାମାନଙ୍କର/ ଶିଶୁ କନ୍ୟାମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ପ୍ରଶଂସନୀୟ ଯୋଜନାମାନ ଜାରି କରିଛନ୍ତି । ସେଗୁଡ଼ିକ ମଧ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମହିଳା ଶକ୍ତି କେନ୍ଦ୍ର, ସୁଭଦ୍ରା ଯୋଜନା, ଇ-ହାଟ ଯୋଜନା ଓ ସିଲେଇ ମେସିନ ଯୋଜନା ଇତ୍ୟାଦି ଅନ୍ୟତମ । ମାତ୍ର ଏଗୁଡ଼ିକ ସ୍ଥାୟୀ ଯୋଜନା ହେବା ଆବଶ୍ୟକ। ମହିଳା ସଶକ୍ତିକରଣର ପ୍ରମୁଖ ପ୍ରତିବନ୍ଧକ ହେଲା ଆର୍ଥିକ ପ୍ରତିବନ୍ଧକ। କୋଭିଡ୍-୧୯ ମହାମାରୀ ଏହି ଅର୍ଥନୈତିକ ଆହ୍ୱାନକୁ ଅନେକମାତ୍ରାରେ ବର୍ଦ୍ଧିତ କରିଛି। କାରଣ ବିଶ୍ୱର ସଂକଟ ସମୟରେ ମହିଳାମାନେ ଅନୁପଯୁକ୍ତ ଭାବରେ ଚାକିରୀ ଏବଂ ଆୟ ହରାଇ ବସିଛନ୍ତି । ମହିଳା ସଶକ୍ତିକରଣ ଉଭୟର ଏକ ନୈତିକ ଆବଶ୍ୟକତା ଏବଂ ଏକ ନ୍ୟାୟପୂର୍ଣ୍ଣ, ସମାନ ଏବଂ ସମୃଦ୍ଧ ବିଶ୍ୱ ସୃଷ୍ଟିପାଇଁ ଏକ ବ୍ୟବହାରିକ ଦିଗର ଆବଶ୍ୟକତା ରହିଛି । ଦେଶମାନଙ୍କରେ ଅବା ରାଜ୍ୟଗୁଡ଼ିକରେ ଅଦ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବାବେଳେ ପୂର୍ଣ୍ଣ ମହିଳା ସଶକ୍ତିକରଣପାଇଁ ପ୍ରଚେଷ୍ଟା ଅବ୍ୟାହତ ରହିଛି ଏବଂ ତାହା ସମାଜର ସମସ୍ତ କ୍ଷେତ୍ରରେ ନିରନ୍ତର ପ୍ରତିବଦ୍ଧତା ଆବଶ୍ୟକ କରେ । ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ମହିଳାମାନଙ୍କ ଅଗ୍ରଗତି ମାର୍ଗରେ ଥିବା ପ୍ରତିବନ୍ଧକକୁ ଭାଙ୍ଗିବା ଦ୍ୱାରା ଆମେ ଏକ ପ୍ରକୃତ ଅନ୍ତର୍ଭୁକ୍ତ ଏବଂ ସମୃଦ୍ଧଶାଳୀ ବିଶ୍ୱ ସମୁଦାୟ ହାସଲ କରିପାରିବା ।

ପରିଶେଷରେ ମହିଳାମାନଙ୍କ ସମ୍ମାନରେ କିଛି ସ୍ଲୋଗାନ:-

ମହିଳାମାନଙ୍କୁ ଦିଅ ଏତେ ସମ୍ମାନ
ଯଦ୍ଦ୍ୱାରା ବଢିବ ଦେଶରମାନ,
ମହିଳା ଅଟେ ଦେଶ ବିକାଶର ଆଧାର
ତାଙ୍କପ୍ରତି ବଦଳେଇବା ଆମ ବିଚାର ।।
ଅଗଣାର ଶୋଭା ବଢାଏ ନାରୀ
ତା' ପାଖରେ ଅଛି ଦୁନିଆସାରୀ,
ଯେଉଁଠି ହୁଏ ନାରୀର ଅପମାନ
ସେହି ସମାଜ ଅଟେ ନରକ ସମାନ।

ୟୁନିଟ୍-୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ଶ୍ରେୟ ମାର୍ଗ ଓ ପ୍ରେୟ ମର୍ଗ



**ଅଧ୍ୟାପକ ଶ୍ରୀହେମନ୍ତ କୁମାର ଗନ୍ତାୟତ**

ମର୍ତ୍ତ୍ୟ ଲୋକରେ ମନୁଷ୍ୟଙ୍କ ପାଇଁ ଦ୍ୱିବିଧ ମାର୍ଗ ରହିଛି। ଗୋଟିଏ ହେଉଛି ଶ୍ରେୟ ମାର୍ଗ ଏବଂ ଅପରଟି ହେଲା ପ୍ରେୟ ମାର୍ଗ। ଜୀବନ ଯାତ୍ରା ନିମନ୍ତେ ଉଭୟ ମାର୍ଗ ମଧ୍ୟରୁ କୌଣସି ଏକ ମାର୍ଗକୁ ବାଛି ନେଇଥାଏ ମନୁଷ୍ୟ। ଆମ ଭାରତୀୟ ଆଧ୍ୟାତ୍ମିକ ଶାସ୍ତ୍ରରେ ଶ୍ରେୟ ମାର୍ଗକୁ ଶ୍ରେଷ୍ଠ ବା କଲ୍ୟାଣପ୍ରଦ ଓ ପ୍ରେୟ ମାର୍ଗକୁ ପ୍ରିୟ ବା ସୁଖପ୍ରଦ ବୋଲି କୁହାଯାଇଛି। ଯେଉଁମାନେ ଜଗତ ଓ ଜାଗତିକ ପଦାର୍ଥକୁ ଅନିତ୍ୟ ମାନନ୍ତି ସେହିମାନେ ଶ୍ରେୟ ମାର୍ଗକୁ ଅନୁସରଣ କରିଥାନ୍ତି। କିନ୍ତୁ ଯେଉଁମାନଙ୍କ ଦୃଷ୍ଟିରେ ସାଂସାରିକ ଦ୍ରବ୍ୟ ନିତ୍ୟ ଓ ସୁଖପ୍ରଦ ସେ'ମାନେ ପ୍ରେୟ ମାର୍ଗକୁ ଶ୍ରେୟସ୍କର ମଣି ଏହି ପଥର ପଥିକ ହୋଇଥାନ୍ତି।


ଉପରୋକ୍ତ ଦୁଇ ମାର୍ଗକୁ ସ୍ୱଷ୍ଟ କରିବାକୁ ଯାଇ କଠୋପ ଉପନିଷଦରେ କୁହାଯାଇଛି ଯେ – ଶ୍ରେୟଶ୍ଚ ପ୍ରେୟଶ୍ଚ ମନୁଷ୍ୟମେତଃ ତୌ ସଂପରୀତ୍ୟ ବିବିନକ୍ତି ଧୀରଃ। ଶ୍ରେୟୋ ହି ଧୀରଙ୍କଭିପ୍ରେୟସୋ ବୃଣୀତେ ପ୍ରେୟୋ ମନ୍ଦୋ ଯୋଗ କ୍ଷେମାଦବୃଣୀତେ ॥ ଏହାର ଅର୍ଥ ମନୁଷ୍ୟ ସମ୍ମୁଖରେ ଦୁଇଗୋଟି ମାର୍ଗ ରହିଛି । ଯଥା – ଶ୍ରେୟ ଓ ପ୍ରେୟ । ବିବେକ ସମ୍ପନ୍ନ ବ୍ୟକ୍ତି ବିଚାର ପୂର୍ବକ ଶ୍ରେୟ ମାର୍ଗକୁ ଗ୍ରହଣ କରିଥାଏ କିନ୍ତୁ ଅବିବେକୀ ବା ମୂଢବ୍ୟକ୍ତି ଅନୃତ ଜଗତକୁ ସତ୍ୟ ଭାବି ପ୍ରେୟ ପଥକୁ ଅନୁସରଣ କରେ। ଯାହା ଫଳରେ ସେ ତତ୍କାଳିକ ସୁଖ ପ୍ରାପ୍ତି କରିଥାଏ। ଚାର୍ବକ ଦର୍ଶନରେ କୁହାଯାଇଛି ଯେ ପ୍ରେୟ ମାର୍ଗ ହିଁ ସର୍ବ ଶ୍ରେଷ୍ଠ ମାର୍ଗ। ଜାଗତିକ ସୁଖ ହିଁ ପ୍ରକୃତ ସୁଖ । ତତ୍ ବ୍ୟତିରିକ୍ତ ଅନ୍ୟ କୌଣସି ସୁଖ ଏ ସଂସାରରେ ନାହିଁ । ନିଜ ମତକୁ ଦୃଢ଼ କରିବାକୁ ଯାଇ କହିଛନ୍ତି ଯେ – 'ଯାବତ୍ ଜିବେତ୍ ସୁଖଂ ଜିବେଦ୍, ଋଣଂ କୃତ୍ୱା ଘୃତଂ ପିବେତ୍; ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ।

ଏହାର ତାତ୍ପର୍ଯ୍ୟ ହେଲା ମନୁଷ୍ୟ ଶରୀରର ନଶ୍ୱର ଅଟେ। ଏଣୁ ଏ ସଂସାରରେ ଯେତେ ଦିନ ପର୍ଯ୍ୟନ୍ତ ବଞ୍ଚିଥିବ ସେତେ ଦିନ ପର୍ଯ୍ୟନ୍ତ ସୁଖରେ ରୁହ ଏବଂ ଋଣ କରି ମଧ୍ୟ ନିଜର କାମନା ପୂର୍ତ୍ତିକର। କାରଣ ସଂସାରରେ ଥରେ ମାତ୍ର ଶରୀର ଜନ୍ମ ନେଇଥାଏ। ଯେତେବେଳେ ଦେହର ଅବସାନ ଘଟେ ଏ ଦେହକୁ ଅଗ୍ନିରେ ଦହନ କରିଦିଆଯାଏ । ଯାହା ଫଳରେ ଏ ଶରୀର ଆଉ ଫେରେ ନାହିଁ କି, ପୁନର୍ଜନ୍ମ ମଧ୍ୟ ହୁଏ ନାହିଁ। ଅତଃ କାମିନୀ ଓ କାଞ୍ଚନ ଉପଭୋଗ ହିଁ ପରମ ପୁରୁଷାର୍ଥ।

ଉପୋରକ୍ତ ଚାର୍ବାକ ମତକୁ କିଞ୍ଚିତ୍ ଗୋଷ୍ଠୀ ସମର୍ଥନ କରୁଥିବା ବେଳେ ଅଧିକାଂଶ ମତରେ ଶ୍ରେୟ ମାର୍ଗ ହିଁ ଶ୍ରେୟସ୍କର କହିଛନ୍ତି । ଯେପରି ନିଗମ ଶାସ୍ତ୍ରର ନିର୍ଯ୍ୟାସ ପରମ ପାବନ ଶ୍ରୀମଦ୍ଭାଗବତ ମହାପୁରାଣରେ ଅତିବଡ଼ି ଜଗନ୍ନାଥ ଦାସ ଶ୍ରେୟ ମାର୍ଗକୁ ଶ୍ରେଷ୍ଠ ବୋଲି ଅଭିହିତ କରି କହିଛନ୍ତି ଯେ – 'ଶ୍ରେୟ ସାଧନ ଯୋଗ ଏତେ ପ୍ରାଣୀଙ୍କ ଜନ୍ମ ସିଦ୍ଧି ଅର୍ଥେ । ସେ'ପରି ଗୀତାରେ ମଧ କୁହାଯାଇଛି, ଶ୍ରେୟ ମାର୍ଗ ଏପରି ଏକ ମାର୍ଗ ଯେଉଁ ମାର୍ଗରେ ମନୁଷ୍ୟକୁ ଜ୍ଞାନ, କର୍ମ ଓ ଭକ୍ତି ମାଧମରେ ଆତ୍ମ ସାକ୍ଷାତ୍କାର ହୋଇଥାଏ ଏବଂ ତତ୍ ସହିତ ଚିରକାଳ ପର୍ଯ୍ୟନ୍ତ ଆନନ୍ଦ ଦିଗକୁ ଯାତ୍ରା କରାଏ। ପ୍ରେୟ ପଥ ତତ୍କାଳିକ ସୁଖ ଦେଇଥାଏ କିନ୍ତୁ ଭବ ବନ୍ଧନରୁ ମୁକ୍ତି ଦେଇପାରେନା। ପରନ୍ତୁ ଶ୍ରେୟ ମାର୍ଗ ତତ୍କାଳିକ ସୁଖ ପ୍ରସବ କରେନା କିନ୍ତୁ କାଳାନ୍ତରେ ଆନନ୍ଦ ପ୍ରଦାନ କରିବା ସହ ମୁକ୍ତି ଦେଇଥାଏ । ସାଧାରଣତଃ ମାୟା ଭ୍ରମରେ ଭ୍ରମିତ ହୋଇ ଅଜ୍ଞ ବା ବଦ୍ଧ ପୁରୁଷ ପ୍ରେୟ ମାର୍ଗ ପ୍ରତି ଆକୃଷ୍ଟ ହୋଇଥାଏ ଏବଂ ବୁଦ୍ଧିମାନ ବ୍ୟକ୍ତି ଅଳିକ ପ୍ରେୟ ମାର୍ଗକୁ ତ୍ୟାଗକରି ନିତ୍ୟାନନ୍ଦ ବା ଶ୍ରେୟ ମାର୍ଗକୁ ଶ୍ରେୟସ୍କରମଣି ଗମନ କରିଥାଏ।

ଶ୍ରେୟ ମାର୍ଗ ଓ ପ୍ରେୟ ମର୍ଗକୁ ଆଧାର କରି କଠପୋନିଷଦରେ ଏକ ସୁନ୍ଦର ବାର୍ତ୍ତା ଦିଆଯାଇଛି। ଦିନେ ନଚିକେତାଙ୍କ ପିତା ଉଦ୍ଦାଳକ ଋଷି ସ୍ୱର୍ଗସୁଖ ପ୍ରାପ୍ତି ପାଇଁ ବିଶ୍ୱଜିତ୍ ନାମକ ଏକ ଯଜ୍ଞର ଆୟୋଜନ କରିଥିଲେ। ସେହି ଯଜ୍ଞରେ ରଗ୍ଣ ଓ ଦୁର୍ବଳ ଗାଇଗୁଡ଼ିକୁ ପିତା ଦାନ କରିବାର ଦେଖି ନଚିକେତାଙ୍କ ମନରେ ଦୁଃଖ ଜାତ ହେଲା। କାରଣ, ଯେଉଁ ଦାନ ଦ୍ୱାରା ଦାତା ଓ ଗ୍ରହୀତା କାହାର ଉପକାର ହୁଏ ନାହିଁ, ସେହି ଦାନ ମୂଲ୍ୟହୀନ ଅଟେ। ଏହି କାରଣରୁ ନଚିକେତା ପିତାଙ୍କୁ କହିଥିଲେ ମୋତେ ଆପଣ କାହାକୁ ଦାନ କରିବେ ବୋଲି ! ଏପରି ବାରମ୍ବାର ପ୍ରଶ୍ନ କରିବା ଫଳରେ ; ପିତା ବିରକ୍ତି ପ୍ରକାଶ କରି କହିଥିଲେ ଯେ ମୁଁ ତୁମକୁ ମୃତ୍ୟୁର ଦେବତା ଯମଙ୍କୁ ଦାନ କରୁଛି । ଏହା ଶୁଣି ନଚିକେତା ଯମାଳୟକୁ ପ୍ରସ୍ଥାନ କଲେ। ସେଠାରେ ସେ ଭୋକ ଉପାସରେ ତିନିଦିନ ଅପେକ୍ଷା କରିଥିଲେ ; ଯମରାଜାଙ୍କ ଦର୍ଶନ ପାଇଁ । ଏହି କାରଣରୁ ଯମଦେବ ପ୍ରସନ୍ନ ହୋଇ ନଚିକେତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । ନଚିକେତା ପ୍ରଥମ ବରରେ ପିତାଙ୍କ ସନ୍ତୁଷ୍ଟି, ଦ୍ୱିତୀୟ ବରରେ ସ୍ୱର୍ଗସୁଖ ପ୍ରଦାୟିନୀ 'ଅଗ୍ନିବିଦ୍ୟା' ଓ ତୃତୀୟ ବରରେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି 'ଆତ୍ମବିଦ୍ୟା' ପ୍ରାପ୍ତି ପାଇଁ ଇଚ୍ଛା ପ୍ରକାଶ କଲେ। ଯମଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସାରିକ ପ୍ରେୟ ବସ୍ତୁର ପ୍ରଲୋଭନ ସତ୍ତ୍ୱେ ନଚିକେତା ନିଜ କଥାରେ ସ୍ଥିର ରହିବା ଦେଖି; ଯମଦେବ ଅନ୍ତିମରେ ପରମାତ୍ମାଙ୍କ ସର୍ବବ୍ୟାପକତା, ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ସମ୍ବନ୍ଧ ବିଷୟକ ଜ୍ଞାନ ପ୍ରଦାନ କଲେ। ସଂସାରର ନଶ୍ୱରତା, ଯଜ୍ଞ ଦ୍ୱାରା ସ୍ୱର୍ଗପ୍ରାପ୍ତି ତଥା ଯୋଗ ସାଧନ ଓ ଈଶ୍ୱର ବିଶ୍ୱାସ ଦ୍ୱାରା ମୋକ୍ଷ ପ୍ରାପ୍ତିର ଶ୍ରେୟ ମାର୍ଗ ସମ୍ବନ୍ଧୀୟ ତତ୍ତ୍ୱ ମଧ କହିଥିଲେ। ଅନେକ ସତ୍ ଶାସ୍ତ୍ରରେ କୁହାଯାଉଛି ଯେ, ସୁଖ ଦୁଇପ୍ରକାର- ଭୌତିକ ଓ ଆଧ୍ୟାତ୍ମିକ ଏବଂ ଏହି ସୁଖପ୍ରାପ୍ତି ପାଇଁ ମାର୍ଗ ମଧ ଦୁଇ ପ୍ରକାର- ଶ୍ରେୟ ଓ ପ୍ରେୟ ମାର୍ଗ। ସାଂସାରିକ ବିଷୟ ବାସନାଦି ଉପଭୋଗରୁ ମିଳୁଥିବା ସୁଖ ଭୌତିକ, ମାତ୍ର ସଂସାରରୁ ମୁକ୍ତ ହୋଇ ବ୍ରହ୍ମ ସାକ୍ଷାତ୍ ?କାର କରିବା ଦ୍ୱାରା ଯେଉଁ ସୁଖ ମିଳେ ତାହା ଶାଶ୍ୱତ ସୁଖ। ଶ୍ରେୟ ମାର୍ଗ କଲ୍ୟାଣ ସାଧନ ପାଇଁ ଉଦ୍ଦିଷ୍ଟ ହେଉଥିବା ବେଳେ ପ୍ରେୟ ମାର୍ଗ ପ୍ରୀତି ସାଧନ ପାଇଁ ଉଦ୍ଦିଷ୍ଟ। ପ୍ରେୟ ମାର୍ଗରେ ଗତି କରୁଥିବା ବ୍ୟକ୍ତି ସାଂସାରିକ ସୁଖକୁ ଉପଭୋଗ କରି ଜନ୍ମ-ମୃତ୍ୟୁ ଚକ୍ରରେ ଘୂରୁଥିବା ବେଳେ ପ୍ରେୟ ମାର୍ଗ ଅନୁସରଣ କରୁଥିବା ବ୍ୟକ୍ତି ବ୍ରହ୍ମ ସାକ୍ଷାତକାର ଦ୍ୱାରା ଜୀବନ୍ମୁକ୍ତ ଅବସ୍ଥାକୁ ପ୍ରାପ୍ତ କରିଥାଏ।

ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮




## ଶବର ସବାରି ଅଟଇ କୋକେଇ

**ଜୟନ୍ତ କୁମାର ମଲ୍ଲିକ୍**

ଶବର ସବାରି ଅଟଇ କୋକେଇ
ଲୋଡ଼ା ହୁଏ ମଲା ପରେ –
ଶବ ବାହକଙ୍କ କାନ୍ଧରେ ବସିକି
ଶମଶାନେ ଯାତ୍ରା କରେ।
ଛ' ଖଣ୍ଡ ବାଉଁଶ ଲୋଡ଼ା ପଡ଼ିଥାଏ
କୋକେଇ ତିଆରି ବେଳେ –
ଶବ ଥୁଆହୋଇ ସାରିଲା ପରେ ସେ
ପାଳ ଦଉଡ଼ିରେ ଖେଳେ।
ଶେଷଯାତ୍ରା ପାଇଁ ସେ ଶ୍ରେଷ୍ଠ ସମ୍ବଳ
ତାହାର ତୁଳନା ନାହିଁ –
ଶବକୁ କୋକେଇ କୋକେଇକୁ ଶବ
ରହିଥାନ୍ତି ସଦା ଚାହିଁ।
କୋକେଇ ପରିକା ପ୍ରିୟତମ ମିତ
ସଭିଙ୍କୁ ପ୍ରାପତ ହୁଏ –
ସିଏ ବନ୍ଧା ହେଲେ ଛାତି ତଳ କୋହ
ଲୁହ ସାଜି ଦୁଃଖ ଧୁଏ।

+ଶୂରଡିହ, ନନ୍ଦିପୁର, ଦଶରଥପୁର
ଯାଜପୁର, ଓଡ଼ିଶା
ପିନ୍ – ୭୫୫୦୦୬
ମୋ: ୯୪୩୭୮୬୫୭୨୭


## ନୀରବି ପାରୁ ନଥିବା ସହର

**ଡଃ ଶୁଭେନ୍ଦୁ ମେହେର**

ପୃଥିବୀର
ବିସ୍ତିର୍ଣ୍ଣ ଛାତି ଉପରେ
ନୀରବି ପାରୁନଥିବା
ଅମୋଘ ତାତିରେ,
ମହଣ ମହଣ ମୌନତା ନେଇ
ପ୍ରତିଟି ମୁହୂର୍ତ୍ତ ମାନଙ୍କୁ
ସାମ୍ନା କରେ ।
ନିରୀହ ପ୍ରେମରେ
ସେ' ନୀରବତାର ସଂଗୀତ ଗାଏ,
ମହୁଆ ପାହାନ୍ତିର ସ୍ପର୍ଶରେ
ନିଇତି ମୋତେ ନିଦରୁ ଉଠାଏ।
ତା' ନୀରବତାର ଘଣ୍ଟି ବାଜିଲେ
ମୋ' ଗାଁ ମନ୍ଦିରରେ
ଅମୃତ ମଣୋହି ଲାଗେ,
ତା' ନୀରବ ନାଦର ଶୃଙ୍ଗାରକୁ
ମୁଁ କାଳେ ହରେଇ ଦେବି ଭାବି
ନୀରବି ଯାଉଥିବା ବେଳେ,
ସେ' ମୋତେ ନିର୍ଭର ପ୍ରତିଶ୍ରୁତି ମାଗେ ।
ସେ' ପାରା ଭଳି ଘୁମୁରିଲେ
ମୋତେ ଲାଗେ ଶବ୍ଦବ୍ରହ୍ମ,
କୁହୁକ ଭଳି ମହକ ବୁଣୁଥିବା
ହୃଦୟ ଭିତରେ
ମୁଠେଇ ଧରେ
ମୋ' ତମାମ ଜୀବନ ।
ତା' ବିଶାଳ ହୃଦୟରେ
ମୋ' ନୀରବ ଭାଷା ଅବୁଝା ରହେନା,
କଜ୍ୱଳ ଲଗା ଆଖିର ଇସାରାରେ
ସେ' ନିଥର କରେ, ନିଜର କରେ
ମୋ' ନିର୍ଜୀବ ଛାତି ଭିତରେ
ସଂଜୀବନୀ ଭରେ ।
ତା' ନୀରବ ଓଠରେ
ମୁଁ ଶୁଣିପାରେ ଗୀତଗୋବିନ୍ଦର ଛନ୍ଦ'
ତା' ଶୋରିଷ ଫୁଲିଆ ସହରରେ
ଦିବ୍ୟ ପ୍ରେମର ଗନ୍ଧ ।
ମୁଁ ଶୁଣିପାରେ ପ୍ରତି ମୁହୂର୍ତ୍ତରେ
ତା' ଗୋପନ ଇଚ୍ଛାର ନୀରବ ଆହ୍ୱାନ।
ମୁହୂର୍ତ୍ତ ମୁହୂର୍ତ୍ତ ପାଇଁ
ମୋ ଇଚ୍ଛା ମାନଙ୍କୁ ଧାର ନେଇ
ବନ୍ଦୀ କରେ ମୋ ସଞ୍ଚିତ ଯୌବନ ।
ସିଏ ହିଁ ମୋ' ଶେଷ ଅଭିଳାଷ
ନୀରବତାର ଅମୋଘ ଅସ୍ତ୍ର,
ତପସ୍ୟାର ତପୋବନ
ଆୟୁଷ ଅଜସ୍ର ।

+ଯାଲୋଏ, ସୁବର୍ଣ୍ଣପୁର

ଧାରାବାହିକ ଉପନ୍ୟାସ



# ଦୁରନ୍ତ ଶିଖା

ଭାଗ-୭୭



ଡ. ସିନ୍ଧୁ ସେନ୍

॥ ପଇଁତିରିଶ ॥

ପ୍ରତିଟି କାର୍ଯ୍ୟ ପଛରେ ଉଭୟ ଭଲ ଓ ମନ୍ଦ ରହିଥାଏ । କାର୍ଯ୍ୟ ସମ୍ପନ୍ନ କରିଥିବା ବ୍ୟକ୍ତିଟି ଭଲ କରୁ କି ଖରାପ, ଅନ୍ୟମାନଙ୍କ ପାଖରେ ତାକୁ ସମାଲୋଚିତ ହେବାକୁ ପଡ଼ିଥାଏ । କାରଣ ସମାଲୋଚନା ପ୍ରତ୍ୟେକଙ୍କ ପାଇଁ ଏକ ଅଭ୍ୟାସଗତ ପ୍ରକୃତି। ବେଳେବେଳେ ସମାଲୋଚିତ ହେବା ମଧ୍ୟ ଏକପ୍ରକାର ଶୁଭଙ୍କର ହୋଇଥାଏ । ମୋ ଅବସ୍ଥା ଠିକ୍ ସେଇଆ । ସେତୁବନ୍ଧ ଓ ଶିବଲିଙ୍ଗର ପ୍ରତିଷ୍ଠା କରି ମୁଁ ଯେ ଲଙ୍କାବାସୀଙ୍କ ଦ୍ୱାରା ସମାଲୋଚିତ ହେବି ଏହା ତ ସ୍ୱାଭାବିକ । କାରଣ ସମସ୍ତେ ଜାଣିଥିଲେ ତାହା ହେଉଛି ଶତ୍ରୁପକ୍ଷର ବିଜୟର ଆହ୍ୱାନ । ମୁଁ ସିନା ଧର୍ମାନୁମୋଦିତ ଭାବି ଶତ୍ରୁ ଶିବିରର ନିମନ୍ତ୍ରଣକୁ ସାଦରେ ଗ୍ରହଣ କରିନେଇଥିଲି । ହେଲେ, ଏସବୁର କେତେ ନିନ୍ଦା, ସମାଲୋଚନା, ଅପବାଦ ହେଉଛି, ତାହା ମୁଁ ବେଶ୍ ବୁଝିପାରୁଥିଲି । ମୋ ସାମ୍ନାରେ ମୁହଁ ଫିଟାଇ କେହି କିଛି କହିପାରୁ ନଥିଲେ ମଧ୍ୟ ଅନ୍ତରାଳରେ କେତେ ଘପା ଗୁଞ୍ଜରଣ ହେଉଛି ସେସବୁ ମୁଁ ବେଶ୍ ହୃଦୟଙ୍ଗମ କରିପାରୁଥିଲି । ସମସ୍ତଙ୍କର ଧାରଣା, ମୁଁ କୁଆଡ଼େ ରାମଙ୍କ ଡରରେ ଏସବୁ କଲି । ତାଛଡା ଏସବୁ କାର୍ଯ୍ୟକରି ଲଙ୍କାପାଇଁ ମୁଁ ଯେ ବିପଦକୁ ନିମନ୍ତ୍ରଣ କରି ଆଣିଲି, ସେ କଥା ତ ମୁଁ ଅସ୍ୱୀକାର କରିପାରିବି ନାହିଁ । କାରଣ ଏହା ପରେପରେ ହିଁ ବାନରସେନା ମାନଙ୍କର ଆରମ୍ଭ ହୋଇଯିବ ଲଙ୍କାଯାତ୍ରା । ପରେପରେ ଯୁଦ୍ଧ ।

ଯୁଦ୍ଧ..... ଯୁଦ୍ଧ..... ଯୁଦ୍ଧ.... କାହିଁ କେଉଁ ଯୁଗରୁ ଯୁଦ୍ଧ ବିଭୀଷିକା ଚାଲିଆସୁଛି; ଆସୁଥିବ ମଧ୍ୟ । ନା କେହି କେବେ ଏ ଯୁଦ୍ଧକୁ ରୋକିପାରିବ, ନା ଏଥିରୁ ନିସ୍ତାର ପାଇ ପାରିବ । ଯୁଦ୍ଧ ଚିନ୍ତା ମୋତେ ମଧ୍ୟ ଆବୋରି ବସିଥିଲା । ଭାବୁଥିଲି ଖାଲି କ'ଣ ସମୁଦ୍ରରେ ସେତୁବନ୍ଧଟାଏ ବାନ୍ଧି ଦେଲେ ଲଙ୍କା ଆକ୍ରମଣରେ ବିଜୟୀ ହୋଇଯିବେ । ମୋ ପାଖରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ତ କିଛି କମ୍ ନାହିଁ । ଲଙ୍କାର ଦୁର୍ଗ ତ ସାଧାରଣ ଦୁର୍ଗ ନୁହେଁ । ଏ ଯେ ଅଭେଦ୍ୟ ଦୁର୍ଗ, ମୋ ପାଖରେ ମଧ୍ୟ ରହିଛି ବିପୁଳ ଅସ୍ତ୍ରଶସ୍ତ୍ର । ଅଶ୍ୱ, ହସ୍ତୀ, ରଥ, ବିରାଟ ରାକ୍ଷସ ସେନା । ଏତେ ସୁରକ୍ଷା ବ୍ୟବସ୍ଥା ପରେ ମଧ୍ୟ ଶତ୍ରୁପକ୍ଷ ଲଙ୍କାର ନିକଟବର୍ତ୍ତୀ ହୋଇପାରିଲେ କେମିତି । ମୋତେ ତେଣୁ ଆମ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ପଡ଼ିବ । ମୋତେ ତେଣୁ ଆମ ମନ୍ତ୍ରୀ ପରିଷଦ, ରାଜକର୍ମଚବରୀ ମାନଙ୍କ ସହ ଆଲୋଚନା କରିବାକୁ ପଡ଼ିଲା । ଏପଟେ ଲଙ୍କାଗଡ଼ର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ନିଜେ ପ୍ରତ୍ୟକ୍ଷ ଭାବେ ଟିକିନିଖି ତଦାରଖ କଲି । ନଗର ପରିଭ୍ରମଣରେ ବାହାରି ଏ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେଲି ।

ସେଦିନ ବୋଧେ ଥିଲା ଚୈତ୍ୟର ଏକ ଅପରାହ୍ଣ । କକ୍ଷରେ ବିଶ୍ରାମ ନେଉଥିଲି । ମନ ମଧ୍ୟରେ ନାନା ପ୍ରକାର ବିକ୍ଷିପ୍ତ ଚିନ୍ତା ଆବୋରି ବସିଥିଲା । ସୀତା, ରାମ, ଲକ୍ଷ୍ମଣ, ହନୁମାନ, ବାନରସେନା ସବୁକିଚି ଯେମିତି ମୋତେ ଘେରି ରହିଥିଲେ । ପରିଚାରିକା ଆସି ଖବର ଦେଲା ଶତ୍ରୁପକ୍ଷର ଦୂତ ମୋ ସାକ୍ଷାତ ଅପେକ୍ଷାରେ ଅଛନ୍ତି।

ପୁଣି ଶତ୍ରୁପକ୍ଷର ଦୂତ, କିଏ ହୋଇପାରେ ? ମୋ ନିକଟକୁ ଆସିବାର କାରଣ କ'ଣ ? ମନରେ ଉତ୍ସୁକତା ବଢ଼ିଲା । ତାଙ୍କୁ ଦେଖା କରିବା ନିମନ୍ତେ ଆଗେଇଗଲି । ଆରେ ପୁଣି ସେଇ ଦୂତ ? ଇଏ ତ ସେଇ ଅଙ୍ଗଦ । ଯିଏ ମୋତେ ସେଦିନ ପୁରୋହିତର ନିମନ୍ତ୍ରଣ ନେଇ ଆସିଥିଲେ । ଆଜି ପୁଣି କି ସନ୍ଦେଶ ଆଣିଛନ୍ତି ।

ରାମଦୂତ ଅଙ୍ଗଦର ପ୍ରଣାମ ସ୍ୱୀକାର କରନ୍ତୁ ଲଙ୍କେଶ । ରଘୁବୀର ଯୁଦ୍ଧ କିମ୍ବା ରକ୍ତପାତର ପକ୍ଷବାଦୀ ନୁହଁନ୍ତି । ସେ ଚାହାଁନ୍ତି, ସୀତାଙ୍କୁ ତାଙ୍କ ହାତରେ ସମର୍ପଣ କରି ତାଙ୍କ ସହ ସନ୍ଧି କରନ୍ତୁ।

ସନ୍ଧି.... କିନ୍ତୁ କାହିଁକି ? କ'ଣ ପାଇଁ ? ରଘୁବୀର କ'ଣ ଲଙ୍କାଧୀଶକୁ ଭୟ କରୁଛନ୍ତି ? ନହେଲେ ଯୁଦ୍ଧର ଆରମ୍ଭ ହେବା ପୂର୍ବରୁ ଏମିତି ସନ୍ଧି ପ୍ରସ୍ତାବ ପଠାଇଛନ୍ତି କ'ଣ ପାଇଁ ?

ନା ନା ଲଙ୍କାଧୀଶ କେବେ ଏ ପ୍ରସ୍ତାବକୁ ଗ୍ରହଣ କରିପାରେନା କି ପାରିବିନି ।

ଫେରିଯାଅ ଦୂତ, ଫେରିଯାଅ । ବରଂ ତୁମ ପ୍ରଭୁ ରାମଙ୍କୁ କହିଦେବ, ଦଶଗ୍ରୀବ ଆଦୌ ଭୀରୁ ନୁହଁନ୍ତି । ସୀତାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ରାବଣ ବୀର, ପରାକ୍ରମୀ, ତା ଧମନୀରେ ଶେଷ ରକ୍ତବିନ୍ଦୁ ପ୍ରବାହିତ ହେଉଥିବା ପର୍ଯ୍ୟନ୍ତ ସେ କସ୍ମିନକାଳେ ସୀତାଙ୍କୁ ଶତ୍ରୁହାତରେ ପ୍ରତ୍ୟର୍ପଣ କରିପାରିବ ନାହିଁ । ସୀତାଙ୍କୁ ଉଦ୍ଧାର କରିବାକୁ ହେଲେ ରାମଙ୍କୁ ଯୁଦ୍ଧ କରିବାକୁ ପଡ଼ିବ । ଏହାହିଁ ମୋର ଶେଷ ନିଷ୍ପତ୍ତି ।

ମୋ ମୁହଁରୁ ନାସ୍ତିବାଣୀ ଶୁଣି ବାଳୀପୁତ୍ର ଅଙ୍ଗଦ ଫେରି ଯାଇଥିଲେ । ସାରା ଲଙ୍କା ରାଜ୍ୟରେ ଏ ଖବର ତଡ଼ିତ ବେଗରେ ଖେଳିଗଲା । ଯେଉଁମାନେ ମୋତେ ସମାଲୋଚନା କରୁଥିଲେ, ସେଇମାନେ ପୁଣି ମୋତେ ପ୍ରଶଂସାରେ ପୋତି ପକାଇଲେ । ମୁଁ ଯେ ରାମଙ୍କୁ ଭୟ କରେନି । ଏ ବିଶ୍ୱାସ ତାଙ୍କ ମନରେ ଦୃଢ଼ୀଭୂତ ହୋଇଗଲା । ଏବେ ଆମ ସେନାବାହିନୀର ପୂର୍ବଠାରୁ ଆହୁରି ଅଧିକ ମନୋବଳ ବଢ଼ିଗଲା । ଆସନ୍ନ ଯୁଦ୍ଧ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଗଲା । ମୋତେ ସାହାଯ୍ୟ କରିବାପାଇଁ ମୋ ସହ ମୋର ପ୍ରିୟ ସେନାପତି ପ୍ରହସ୍ତ, ପୁତ୍ର ମେଘନାଦ ସଦାସର୍ବଦା ମୋ ସହ ରହିଥାନ୍ତି । ବିଶାଳ ଆୟତନ ବିଶିଷ୍ଟ ଲଙ୍କାର ଦୁର୍ଗ । ଏ ପର୍ଯ୍ୟନ୍ତ ସେଭଳି ଦୁର୍ଗ କେହି ବି ତିଆରି କରି ପାରି ନାହାନ୍ତି । ଏପରିକି ଦେବ, ଗନ୍ଧର୍ବ, କିନ୍ନର ମାନଙ୍କରେ ପକ୍ଷରେ ଏଭଳି ବିରାଟ ଦୁର୍ଗର ନିର୍ମାଣ ସମ୍ଭବ ହୋଇ ପାରିନି ବୋଲି ସେମାନଙ୍କ ଈର୍ଷା ଦୃଷ୍ଟି ରହିଥାଏ ଆମ ଉପରେ, ଆସନ୍ନ ଯୁଦ୍ଧର ମୁକାବିଲା ପାଇଁ ଦୁର୍ଗର ସବୁ ଦ୍ୱାର ନିକଟରେ ଆମ ସେନାବାହିନୀର ବୀରମାନେ ପହରା ଦେଉଥାନ୍ତି ଆମର ରଥ, ହସ୍ତୀ, ଅଶ୍ୱ ମାନଙ୍କର ସଂଖ୍ୟା ମଧ୍ୟ ଏହା ମଧ୍ୟରେ ଆଶାତୀତ ଭାବେ ବେଶ୍ ବୃଦ୍ଧି ପାଇସାରିଛି । ମୁଁ ନିଜେ ସମସ୍ତ ସେନାବାହିନୀର ନେତୃତ୍ୱ ନେଉଥିଲି ।

ଆମ ରାକ୍ଷସ ମାନେ ଖାଲି ବୀର ନୁହଁନ୍ତି । ମାୟାବୀ ମଧ୍ୟ, ବିଶେଷକରି ଶୁକ ଓ ସାରଣ ଥିଲେ ମାୟାଯୁଦ୍ଧରେ ପ୍ରବଳ ପରାକ୍ରମୀ । ଆମ ରାକ୍ଷସ ମାନଙ୍କ ପାଇଁ ମାୟାଯୁଦ୍ଧ ହିଁ ପ୍ରଧାନ ଅସ୍ତ୍ର ଥିଲା, ମାୟାଯୁଦ୍ଧର ଅର୍ଥ ହେଉଛି ଏଠାରେ ଲୁଚିଛପି ଯୁଦ୍ଧ କରିବାକୁ ପଡ଼େ । ଏହା ସାଧାରଣ ସମ୍ମୁଖ ଯୁଦ୍ଧ ଠାରୁ କିଛିଟା ଭିନ୍ନ, ଅବଶ୍ୟ ମାୟାଯୁଦ୍ଧ, ଯୁଦ୍ଧର ନୀତି ବିରୁଦ୍ଧ । ନୀତିବିରୁଦ୍ଧ ଆଉ ଅଧିକ ହେଲେ ମଧ୍ୟ ମୁଁ ଆମ ରାକ୍ଷସ ସୈନ୍ୟମାନଙ୍କୁ ସେ ବିଷୟରେ ପରାମର୍ଶ ଦେଇଥିଲି । କାରଣ ଆମ ପାଇଁ ଧର୍ମ, ଅଧର୍ମର ମୂଲ୍ୟ ନାହିଁ । ଆମକୁ ଯେନତେନ ପ୍ରକାରରେ ଯୁଦ୍ଧ କରି ଜିତିବାକୁ ପଡ଼ିବ । ଶତ୍ରୁପକ୍ଷରେ ପରାଜୟ ପାଇଁ ଯେକୌଣସି ଉପାୟ ଅବଲମ୍ବନ କରିବାକୁ ପଡ଼ିବ । ମୁଁ ନିଜେ ଯୁଦ୍ଧର ନୀତି ଅନୀତିର ବାଛବିଚାର କରେନି । ମୋତେ କେବଳ ବିଜୟ ଆବଶ୍ୟକ । ସହଜେ ତ ଆମେ ରାକ୍ଷସଜାତି । ନିଜର ବଳ, ପରାକ୍ରମ ଦେଖାଇ ଯୁଦ୍ଧରେ ଜୟଲାଭ କରିବା ଆମର ଲକ୍ଷ୍ୟ । ତେଣୁ ଆମ ରଣନୀତି ବିଷୟରେ ବିଶଦ ଭାବେ ବୁଝାଇ ଆମ ରାକ୍ଷସସେନା, ମାନଙ୍କୁ ବାନରସେନା ମାନଙ୍କ ସହ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଲି ।

ସେଦିନ ଖବର ଆସିଲା ରାମ ଏବେ ବାନରସେନା ସହ ସେତୁବନ୍ଧ ପାର ହୋଇ ଲଙ୍କାରେ ପ୍ରବେଶ କରି ସାରିଲେଣି । ସୁବେଳ ପର୍ବତ ଉପରେ ତାଙ୍କର ଶିବିର ସ୍ଥାପନ ମଧ୍ୟ କରି ସାରିଲେଣି । ସେଦିନ ମନ୍ତ୍ରୀ ଶୁକଙ୍କ କଥା ବିଶ୍ୱାସ କରିପାରି ନଥିଲି। ସେ ତ ଠିକ୍ କହିଥିଲେ । ରାଜନ୍ ବାନରବାହିନୀ ଖୁବ୍ ବିରାଟ । ସତକୁ ସତ ଏବେ ସେଇ ବିରାଟ ବାନର ବାହିନୀ ମୋ ଦୁର୍ଗ ଦ୍ୱାରରେ ଖଟ୍‌ଖଟ୍ ଶବ୍ଦ ଆରମ୍ଭ କରିଦେଲେଣି । ଶୂନ୍ୟକକ୍ଷରେ ଏକାକୀତ୍ୱ ମୋତେ ଆହୁରି ବିବ୍ରତ କରି ତୋଳୁଥିଲା । କିଛି ଉପାୟ ନପାଇ ନିକଟରେ ଥିବା ପାତ୍ରରୁ କିଛି ମଦ୍ୟ ପାନ କଲି । ତଥାପି ମନ ଶାନ୍ତ ହେଉ ନଥିଲା । ମୁଁ କ'ଣ କରିବି.... କରିବି ଏମିତି ଭାବନାରେ ବ୍ୟସ୍ତ ହେଉଥିବାବେଳେ ପରିଚାରିକା ମୋ ନିକଟରେ ଆସି ଠିଆ ହେଲା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

---

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୦୩ ॥

(ପୂର୍ବ ପୃଷ୍ଠାରେ ଲେଖା ଥିବା ଛ ' କୋଟି ବର୍ଷ ତଳେ ମହାକାଶରେ ପନ୍ଦରଟି ସୂର୍ଯ୍ୟୋଦୟ ହେଉଥିଲା । କିନ୍ତୁ ବର୍ତ୍ତମାନ ବୈଜ୍ଞାନିକ ମାନଂକ ଅନୁସାରେ ପ୍ରାୟ କୋଡ଼ିଏ କୋଟି ବର୍ଷ ପୂର୍ବେ, ଯେତେବେଳେ କି ପାଞ୍ଜିଆ ଏବଂ ଗଣ୍ଡୱାନାଲ୍ୟାଣ୍ଡ ଦୁଇଟି ଭୂଖଣ୍ଡ ଏବଂ ଗୋଟିଏ ମହାସମୁଦ୍ର ଥିଲା,ସେହି ସମୟ ରେ ହିଁ ମହାକାଶରେ ପନ୍ଦରଟି ସୂର୍ଯ୍ୟ ଉଦୟ ଓ ଅସ୍ତ ହେଉଥିଲେ । ଯେଉଁ ସମୟ ରେ ନୃବାନରରୁ ମାନବ ମାନେ ସୃଷ୍ଟି ହୋଇ ଥିଲେ , ସେମାନେ ହନୁମାନଙ୍କ ପରି ଆକୃତିର ଥିଲେ କ୍ଷନୀଳ ଲୋହିତ ମଧ୍ୟ ଏହି ସମୟରେ ଜନ୍ମ ହୋଇଥିଲେ । ଏହି ମାନେ ରୁଦ୍ର ଥିଲେ । ଏହି ଆଦି ମାନବ ମାନେ ସୃଷ୍ଟି ହେବା ସମୟରେ ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟ ପରାଗ ହୋଇଥିଲା । ପ୍ରଜାପତି ମାନେ ଜନ୍ମ ହେବା ପୂର୍ବରୁ ମାନବ ସାଧାରଣ ଥିଲା । ତାର କୌଣସି ବିଜ୍ଞାନ ବା ବିଶେଷ ଜ୍ଞାନ ନଥିଲା । ସୂଚନା ଅନୁସାରେ ପୃଥିବୀରେ କୌଣସି ଉଲ୍କାପାତ ହୋଇନଥିଲା । ହୁଏତ ଶୀତ ଲହରୀ ହେତୁ ଅଗ୍ନି ପ୍ରଳୟ ସୃଷ୍ଟି ହୋଇଥିଲା । ହୋଇପାରେ, ପୃଥିବୀରେ ବ୍ୟାପିଥିବା ଏହି ଜୀବ ମାନଙ୍କ ମଧ୍ୟରୁ ହିମାଳୟ ଉଦ୍ଭବ ସମୟରେ ବା ଭୂଚଳନ ବା ଭୁକମ୍ପନରେ ପ୍ରାକୃତିକ ପରିବେଶ ର ପରିବର୍ତ୍ତନ ହେତୁ କେତେକ ଜୀବ ଲୋପ ହୋଇ ଯାଇଥାଇ ପାରନ୍ତି । ବେଦମତେ ବା ସମୟ ନିର୍ଦ୍ଦିଷ୍ଟ ଥିବ, ଭାଗବତରେ କଳ୍ପ ଆଦି ବ୍ୟତୀତ ମାନବ ସୃଷ୍ଟି ବିଷୟରେ କୌଣସି ନିର୍ଦ୍ଦିଷ୍ଟ ସମୟ ମୁଁ ଜାଣିନାହିଁ । ମୋର ଧାରଣା ଜାମ୍ବବାନ ଆଦି ଭାଲୁ ଆକୃତିର ଆଦି ମାନବ ମାନେ ଆଫ୍ରିକାର ଜାମ୍ବୋଡ଼ିଆରୁ ଜମ୍ବୁ ଦ୍ୱିପକୁ ଆସିଥିଲେ । ହନୁମାନଙ୍କ ପୂର୍ବଜ ମାନଙ୍କୁ ହନସ୍ ବା ହଂସ କୁହା ଯାଉଥିଲା, ଯେଉଁମାନେ କି ପ୍ରଥମ ଯୋଗ ଶିକ୍ଷା ଦେଇଥିଲେ ।)

ଶ୍ରୀମଦ୍ ଭାଗବତରେ ସମସ୍ତ ପ୍ରକାର ମାନବ ମାନଂକ ଜୀବନ ଶୈଳୀ କିପରି ହେବା ଉଚିତ୍ ତାହା ସ୍ୱତନ୍ତ୍ର ଭାବେ ଲେଖାଅଛି । ଏହା ଏକ ପୂର୍ଣ୍ଣାଙ୍ଗ ବିଜ୍ଞାନ ଗ୍ରନ୍ଥ । ତେଣୁ ବର୍ତ୍ତମାନଠାରୁ ଭାଗବତର ଏହି ବିଷୟରେ ଥିବା ବିଜ୍ଞାନ ମାନଙ୍କରେ ମୁଁ କେବଳ ସେହି ଭଗବତ କୃପା, ଗୁରୁଜନଙ୍କ କୃପାରୁ ମୋର ବୋଧ ହେଉଥିବା ବିଜ୍ଞାନ ଜ୍ଞାନର ଉପଯୋଗ କରିବି ।

'ବେଦରେ ତ କୌଣସି ଜାତି ଭେଦ ନଥିଲା । ସତ୍ୟ, ଶାନ୍ତି ଓ ଅହିଂସା ବେଦର ମୌଳିକ ତତ୍ତ୍ୱ ଥିଲା । ସେତେବେଳେ ଯିଏ ଯେଉଁ କର୍ମକୁ ଅଧିକ ଆଗ୍ରହ କରୁଥିଲା ସେ ତାହାକୁ (ପ୍ରାୟ ବର୍ତ୍ତମାନ ସମୟ ପରି) ନିର୍ଦ୍ୱନ୍ଦରେ ଓ ନିର୍ବିଘ୍ନରେ କରିପାରୁଥିଲା । ଯେଉଁ ଗୋଷ୍ଠି ଗୋଟିଏ ପ୍ରକାର କାର୍ଯ୍ୟ କରୁଥିଲେ ସେମାନଙ୍କ ମଧ୍ୟରେ ମାନସିକଓ ଶାରୀରିକ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲା । କାଳକ୍ରମେ ସେମାନଙ୍କ ପୁତ୍ ପୌତ୍ର ପ୍ରପୌତ୍ର ଗଣମାନେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେହି କାର୍ଯ୍ୟରେ ଆହୁରି ଅଧିକଦକ୍ଷ,ଦକ୍ଷତର ଓ ଦକ୍ଷତମ ହୋଇଯାଉଥିଲେ । କିନ୍ତୁ ସେମାନେ ଅନ୍ୟ କୌଳିକ ବୃତ୍ତିକୁ ଗ୍ରହଣ କରୁଥିବା ପରିବାରରେ ବିବାହ କଲେ ଉଭୟ ସ୍ୱାମୀ ସ୍ତ୍ରୀ, ସେମାନଙ୍କ ସମ୍ପର୍କୀୟ ବନ୍ଧୁ ଓ ବାନ୍ଧବ ମାନଙ୍କ ମଧ୍ୟରେ କାର୍ଯ୍ୟ , ମାନସିକତା, ବିଚାରଧାରା ଆଦିରେ ପ୍ରଭେଦ ପରିଲକ୍ଷିତ ହେବ । ଏପରିକି ଜଣେ କୃଷକ, ଜଣେ ସେବକ, ଜଣେ ଲୁହା ପିଟୁଥିବା କମାର ଏବଂ ଜଣେ ଧର୍ମକାର୍ଯ୍ୟ କରୁଥିବା ବ୍ରାହ୍ମଣର ଶରୀର ଗଠନ ମଧ୍ୟ ଏକାପରି ହୋଇପାରିବ ନାହିଁ । ବେଦ ମନ୍ତ୍ର ରଚନା କରୁଥିବା ଋଷିଙ୍କ ସହିତ ମନ୍ଦିରରେ ପୂଜା କରୁଥିବା ଜଣେ ବ୍ରାହ୍ମଣ ମଧ୍ୟରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଫଳରେ ସେମାନଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନା ଥାଏ ।

'ମୁଁ ଆପଣଙ୍କ ସହିତ ଏକମତ' । ପ୍ରଜାପତି କର୍ଦ୍ଦମ କହୁଥିଲେ ବ୍ରାହ୍ମର୍ଷି ମାନେ ଜାଣିପାରିଛନ୍ତି ଯେ , ଜଣେ ଶିଶୁ ତାହାର ସପ୍ତପୁରୁଷ ପୂର୍ବ ମାତୃବଂଶ କିମ୍ବା ପିତୃବଂଶର ଯେ କୌଣସି ସଦସ୍ୟଙ୍କର ରୂପ ଏବଂ ଗୁଣକୁ ଗ୍ରହଣ କରିଥାଏ । ତାହାର ରକ୍ତ ମଧ୍ୟ ତାହାର ପିତା କିମ୍ବା ମାତା କାହା ସହିତ ନିଶ୍ଚୟ ମିଶି ଯାଇଥାଏ । ସେଥିପାଇଁ ଆମେ ଶ୍ରାଦ୍ଧ ଦେବାବେଳେ ଏବଂ ଅସ୍ଥି ବିସର୍ଜନ କରିବା ବେଳେ ମାତୁଳ ବଂଶ ଏବଂ ପିତୃ ବଂଶର ସପ୍ତପୁରୁଷଙ୍କ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀଙ୍କ ନାମ ସ୍ମରଣ କରାଯାଇଥାଏ ।

ତେଣୁ କୌଣସି ଅପୁତ୍ରିକ ପୋଷ୍ୟ ପୁତ୍ର ଗ୍ରହଣ କରିବା ବେଳେ କିମ୍ବା ବଧୂ ଚୟନ ବେଳେ ନିଜ ବଂଶ କିମ୍ବା ନିଜ ଜାତିର ସନ୍ତାନ ଗ୍ରହଣ କରିଥାନ୍ତି । ବିଶେଷତଃ ପୁତ୍ର ହିଁ ପିତୃ ବଂଶର ଗୁଣ ସୂତ୍ର ଓ ପରିଚୟ ନେଇ ଜନ୍ମ ହୋଇଥାଏ । ଘରକୁ ବଧୂଟିଏ ଆଣିଲେ, ସେ ମଧ୍ୟ ଶ୍ୱଶୁର ଘରର ରୀତି, ନୀତି ସହ ବେଳେ, ବେଳେ ଖାପ ଖୁଆଇ ଚଳି ପାରିନଥାଏ ବା ପସନ୍ଦ କରେନାହିଁ । ଆସକ୍ତି କ୍ଷଣ ସ୍ଥାୟୀ, କିନ୍ତୁ ମମତା ଚିରନ୍ତନ । ଏହା କଲେ ଭବିଷ୍ୟତରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନା ନଥାଏ ।

କାର୍ଯ୍ୟ ଦୃଷ୍ଟିରୁ ଜଣେ ରାଜ ପତ୍ନୀ, ସାଧବ ପତ୍ନୀର କାର୍ଯ୍ୟ ଜଣେ ବ୍ରାହ୍ମଣ ପତ୍ନୀର କାର୍ଯ୍ୟଠାରୁ ଭିନ୍ନ ହୋଇ ଥାଏ । ତେଣୁ ଏକ ସଂସ୍କୃତି ଓ ବୃତ୍ତିର ମଣିଷ ସେହି ଗୋଷ୍ଠୀରେ ପାରିବାରିକ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ପରିବାରରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ । ତେଣୁ ବର୍ତ୍ତମାନ( ୭୦୦୦ ବର୍ଷ ପୂର୍ବେ) ପାଇଁ ମାନବ ମାନେ ନିଜ ବୃତ୍ତି ଅନୁସାରେ ସମାସ୍କନ୍ଧ କୁଳୀନ ଘରୁ ଓ ସ୍ୱଜାତିର କନ୍ୟାକୁ ଗ୍ରହଣ କରନ୍ତୁ । ସେଥିରେ ଅସୁବିଧା ଅଛି କେଉଁଠି' ?

' ମୁଁ ଆପଣଙ୍କ ସହିତ ଏକମତ' । କଶ୍ୟପ ପୁଣି ପ୍ରଶ୍ନ କରୁଥିଲେ । ' ଏବେ ଭାରତ ବର୍ଷରେ ଅସୁର, ନର ଓ ଅମର ମାନଂକ ବ୍ୟତୀତ ଯବନ ନାମକ ଏକ ଜାତି ବାସ କରନ୍ତି । ଏମାନେ ଦ୍ରାବିଡ଼ ବା ଆର୍ଯ୍ୟ ମଧ୍ୟ ନୁହନ୍ତି । ଚିର ଯୌବନ ହୋଇଥିବାରୁ ଏମାନଙ୍କୁ ଯବନ କୁହାଯାଏ । ଏମାନେ ପ୍ରାୟ ଦାନବ ମାନଂକ ସୈନ୍ୟ ଭାବେ କାର୍ଯ୍ୟ କରନ୍ତି । ଏତଦ୍ ବ୍ୟତୀତ ଶୂଦ୍ର ବା ସମାଜର ସେବକ ଓ ଶ୍ରମିକ ଜାତି ମାନେ ଅଛନ୍ତି । ( ସୂତ, ବାଦକ, ଦାସ ଆଦି ଏହି ଜାତି ) । ପୃଥିବୀର ଏହି ସମସ୍ତ ଜାତିରୁ ମୁଁ ପନ୍ଦର ଜଣ ପତ୍ନୀ ବିବାହ କରିଅଛି । ମୁଁ ନିଜେ ଜଣେ ପ୍ରଜାପତି ଓ ବ୍ରହ୍ମର୍ଷି । ସମସ୍ତଙ୍କ ସନ୍ତାନ ମାନେ ମୋର ସନ୍ତାନ । ତଥାପି ଶୂଦ୍ର ମାନଙ୍କୁ ବେଦ ରଚନା ଓ ବେଦ ଆବୃତ୍ତିର ଅଧିକାର, ଉଚ୍ଚ ଜାତି ସହ ଧର୍ମ, ଜ୍ଞାନ ଆଦି ଆଲୋଚନାରେ ଅଧିକାର କାହିଁକି ଦିଆ ଯାଉନାହିଁ ? ଯଦି ବା ଏମାନଙ୍କ ମଧ୍ୟରୁ ଅନେକ ଜାତିର ଜାତିଆଣ ମୁଖିଆ ବା ରାଜା ଅଛନ୍ତି । (ଯେପରି ବର୍ତ୍ତମାନ ବ୍ରାହ୍ମଣ ସମାଜ, ସାଧବ ସମାଜ, ଗୋପାଳ ସମାଜ ଆଦି ।ଏମାନଙ୍କ ଜାତି ର ସୁନ୍ଦରୀ କନ୍ୟା ମାନଙ୍କୁ ଋଷି ଓ ରାଜା ମାନେ ମଧ୍ୟ ଗ୍ରହଣ କରୁଛନ୍ତି । (ସତ୍ୟବତୀଙ୍କୁ ପରାଶର ଓ ଶାନ୍ତନୁ, ଚଣ୍ଡାଳ କନ୍ୟା ଅରୁନ୍ଧତୀଙ୍କୁ ବଶିଷ୍ଠ ।) କିନ୍ତୁ ଏମାନଙ୍କ ବସତି ସ୍ୱତନ୍ତ୍ର ଓ ତପସ୍ୟା, ଯୋଗ ଆଦି କରିବାର ଅଧିକାର ଏମାନଙ୍କର ନାହିଁ । ଏମାନେ ଉଚ୍ଚ ତିନି ଜାତିର କୌଣସି ବୃତ୍ତି କରି ପାରିବେ ନାହିଁ । ଏହା କଣ ଅନ୍ୟାୟ ନୁହେଁ ?'

' ମାନବିକ ତା ଦୃଷ୍ଟିରୁ ଏହା ଅନ୍ୟାୟ ଅଟେ । ଯଦି ବା ଆର୍ଯ୍ୟ ମାନଂକ ମତରେ ବସୁଧା ଏକ କୁଟୁମ୍ବ,ନର ନାରାୟଣ ଓ ସେମାନେ ଦେବତାଙ୍କ ସଦୃଶ ମାନବିକତାବାଦୀ, ଏବଂ ଏମାନେ ମଧ୍ୟ ମଣିଷ, ବାସ୍ତବରେ ପାଞ୍ଚ ଶହ ବର୍ଷ ପୂର୍ବରୁ ଭୟଙ୍କର ବନ୍ୟା, ଦୁର୍ଭିକ୍ଷ, ମରୁଭୂମି ଉତ୍ପତ୍ତିରେ ସେମାନେ ହତଶ୍ରୀ ହୋଇ ଯାଇଛନ୍ତି । ସେମାନଙ୍କର ବିଦ୍ୟା ଅଧ୍ୟୟନର ଅଧିକାର ଆହିଁ । ତେଣୁ ଆର୍ଯ୍ୟ ମାନଙ୍କ କାର୍ଯ୍ୟ, ତପ, ଯୋଗ, ସ୍ନାନ, ଶୌଚ ଆଦି କାର୍ଯ୍ୟ ବା ବେଦ ପାଠ, ଜ୍ଞାନ ଚର୍ଚ୍ଚା, ଗବେଷଣା ଭଳି କାର୍ଯ୍ୟ ସେମାନେ କରିପାରିବେ ନାହିଁ । ଯୁଦ୍ଧ ବା ରାଜ୍ୟ ପରିଚାଳନା କରି ପାରିବେ ନାହିଁ । ସୂକ୍ଷ୍ମ କାରିଗରୀ ବା ବ୍ୟବସାୟିକ ବୁଦ୍ଧି ମଧ୍ୟ ତାଙ୍କର ନାହିଁ । ପାଞ୍ଚ ଶହ ବର୍ଷ ଧରି ସେମାନେ ଖାଦ୍ୟ ପାଇଁ ଦାସ, ସେବକ ଓ ଶ୍ରମିକ କାର୍ଯ୍ୟ କରି ଆସୁଛନ୍ତି । ସେହି କାର୍ଯ୍ୟରେ ସେମାନେ ନିପୁଣ । କିନ୍ତୁ ସେମାନଙ୍କ ସେବା, ଧର୍ମର ପୁଣ୍ୟ ସେମାନଙ୍କୁ ନିଶ୍ଚୟ ମିଳିବ । ଅବଶ୍ୟ ତ୍ରେତୟା ଓ ଦ୍ୱାପରରେ ଏମାନେ ଉଚ୍ଚ ଜାତିର ପୂର୍ଣ୍ଣ ଅଧିକାର ପାଇପାରିବେ ନାହିଁ । ( ତ୍ରେତୟାରେ ଶମ୍ବୁକ, ଦ୍ୱାପରରେ କର୍ଣ୍ଣ ଆଦି ନିଜର ମାନବିକ ଅଧିକାର ପାଇଁ ସଚେଷ୍ଟ ଥିଲେ !) ।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

---



## ଶ୍ରାବଣ ସମ୍ଭାର

### ରତ୍ନକାନ୍ତି ମିଶ୍ର

ବନ ଉପବନେ କେଦାର କାନନେ
ଶ୍ରାବଣର ବୈଜୟନ୍ତୀ
ସୃଜନ ପର୍ବର ମାହେନ୍ଦ୍ର ଲଗନେ
ସଦ୍ୟସ୍ନାତା ବସୁମତୀ,
ଅପୂର୍ବ ପ୍ରକୃତି ଦୃଶ୍ୟ
ବର୍ଷା ଛିଟା ସଙ୍ଗେ ଶୀତଳ ସମୀରେ
ରିକ୍ତ ରୌଦ୍ରତାପ କ୍ଲେଶ ।।

ଆକାଶ ବକ୍ଷରେ ମେଘର ମେଖଳା
ପବନେ ଖେଳନ୍ତି ଦୋଳି
କଳା କଳେବର ବୁକୁରେ ଚପଳା
ଚମକେ କନକ ଝଳି,
ସ୍ୱପ୍ନ ସମ୍ଭାବନା ବୁଣେ
ଝରେ ଧାର ଧାର ବର୍ଷା ଅବିରତ
ଶ୍ରାବଣର ଆଗମନେ ।।

ନଦୀ ସରୋବର ନିମ୍ନଗା ପ୍ରାନ୍ତର
ଶ୍ରାବଣ ସାନ୍ନିଧ୍ୟେ ଭରା
ପାଦପ ବଲ୍ଲରୀ ସବୁଜିମା ଶିରୀ
ସିକ୍ତ ଅପରୂପା ଧରା ,
ସସାଗରା ପୁଲକିତ
ଚାତକ ଚଞ୍ଚୁରେ ଚାରୁମୟ ହସ
ଚାଷୀ ପ୍ରାଣ ପରିତୃପ୍ତ ।।

ଶ୍ୟାମଳ ଶ୍ରାବଣ ରୂପ ଅନୁପମ
ଧରା ପରେ ଛନ୍ଦପାତେ
କେକୀର ନୃତ୍ୟରେ ଅପୂର୍ବ ବିନ୍ୟାସ
ନଭେ ମେଘ ଉପଗତେ,
ଆହା କି ସୁନ୍ଦର କାନ୍ତି
ନିଶବ୍ଦ ନିଶୀଥେ ଝିଙ୍କାରୀର ସ୍ୱରେ
ଶ୍ରାବଣ ସମ୍ଭାର ସ୍ତୁତି ।।

+ ଆଳି, କେନ୍ଦ୍ରାପଡା

---



## ବରପାଲିର ବରପୁତ୍ର

### ପ୍ରତିଭା ଦାଶ

ଓଡ଼ିଶାର ଗୌରବ ଗଙ୍ଗାଧର
ବରପାଲିର ବରପୁତ୍ର
ସ୍ୱଭାବ କବି ନାମେ ପରିଚିତ
ନାୟକ ସେ ମାତୃଭୂମିର ।

ମାତୃଭାଷାକୁ ସମ୍ମାନ ଦେଇଣ
ପ୍ରକାଶ କରିଲେ ପତ୍ରିକା
ଓଡ଼ିଆ ଭାଷାକୁ ନେଲେ ଆଗେଇ
ରଚି ବହୁ କାବ୍ୟ କବିତା ।

ଓଡ଼ିଶାବାସୀଙ୍କୁ ଦେଲେ ଆହ୍ୱାନ
ସଭିଏଁ ହେବା ଏକତ୍ରିତ
ବିଦେଶୀ ଭାଷାକୁ କରି ବର୍ଜନ
କରିବା ଏଠୁ ବିତାଡିତ ।

ଉଚ୍ଚେ ରଖିବା ଆମ ମାତୃଭାଷା
ଓଡ଼ିଶାର ରହିବ ଯଶ
ଅଜ୍ଞାନୀ ଆଉ ରହିବେ ନାହିଁ
ଲାଗିଲେ ଭାଷାର ରସ ।

ମାତୃଭୂମି ମାତୃଭାଷାର ମାନ
ସର୍ବଦା ଆମେ ରଖୁଥିବା
ବୀରପୁତ୍ରଙ୍କ ଆତ୍ମ ବଳିଦାନ
ତୁଚ୍ଛରେ ଉଡ଼ାଇ ନ ଦେବା ।

+ଡୁମେରପାଣି
ଜିଲ୍ଲା -ନୂଆପଡ଼ା
ମୋ: ୭୮୯୪୫୨୮୪୯୩

---

## ସଂଘର୍ଷ

### ଡଃ ସୁମିତ୍ରା ମିଶ୍ର



ପ୍ରତିଥର ସେଇ ସମାନ ସଂଘର୍ଷ
ସେଇ ସମାନ ପରିଣତି
ହୁଏତ କେହି ହୁଏନା ବିଜୟୀ
କି ଅନ୍ୟ କେହି ବିଜିତ ।

ଖୋଜି ବୁଲୁଛି ମୁଁ ଧର୍ମଗ୍ରନ୍ଥର ପୃଷ୍ଠାରେ
ଦର୍ଶନର ତଥ୍ୟ ଆଧାରରେ
ପଢୁଛି ମୁଁ ପ୍ଲାଟୋ, ରସେଲ, କିର୍କେଗାର୍ଡ
ରବୀନ୍ଦ୍ର ନାଥ, ଶରତ ଚନ୍ଦ୍ର,
ବିଭୁତି ପଟ୍ଟନାୟକ, ପ୍ରତିଭା ରାୟ,
ଷ୍ଟେନବେକ୍, ଫିଜେରାଲ୍‌ଡ,
ବୁଝି ପାରୁନି କିଏ ଅର୍ଜୁନ,
କିଏ ଦୁର୍ଯ୍ୟୋଧନ,
କିଏ ରହସ୍ୟମୟ ସୁଦର୍ଶନଧାରୀ କୃଷ୍ଣ ।

ଚତୁର୍ଦ୍ଦିଗରେ ଭେଟୁଛି ସଂଘର୍ଷକୁ
କେବେ ଦୁର୍ଯ୍ୟୋଧନର
ଅହଂକାରୀ ଗର୍ଜନରେ
ତ କେବେ ରାବଣର
ଶିବ ତାଣ୍ଡବ ପାଠରେ ।

ବଞ୍ଚିବାକୁ ଚାହୁଁଛି ମୁଁ
ଏକଦମ୍ ସାଧାରଣ ମଣିଷଟିଏ ପରି
ବୈଶାଖର ଗ୍ରୀଷ୍ମ ଆଶ୍ଳେଷରେ ଜଳି ପୋଡି
ଆଷାଢର ଭିଜାମାଟିର
ବାସ୍ନାରେ ପାଗଳ ହୋଇ
ଶାରଦୀୟ ସୁନୀଳ ନଭରେ
ପୂର୍ଣ୍ଣମୀ ଚାନ୍ଦ ସହ ଲୁଚକାଳି ଖେଳି
ଶୀତ ରାତିର ଉଷୁମ କୋଳରେ
କମଳ ଘୋଡେଇ
ବସନ୍ତର କୋକିଳ କୁଜନରେ
ନିଷିଦ୍ଧ ସ୍ୱପ୍ନକୁ ଆଡେଇ ଦେଇ,
ହସି, ରସି, ଆତ୍ମସ୍ଥ ନଚେତ୍
ନିରୁଦ୍‌ବିଗ୍ନ ଯନ୍ତ୍ରବତ୍ ହୋଇ ।

ହେଲେ ବାରବାର ସଂଘର୍ଷ
ସମାନ ବିତର୍କ, ସମାନ ରୋଷ, ଅଭିମାନ
ସେଇ ସମାନ ପରିଣତି, ଆତ୍ମ ସମର୍ପଣ ।

ହଜେଇ ଦେବାକୁ ଚାହୁଁଛି ନିଜକୁ
ଶବ୍ଦର ଅଥଳ ତଳ ଲହରୀମାଳା ଭିତରେ
କେବେ ୟୁଟ୍ୟୁବ୍‌ର ଭଜନ,
ଜଣାଣ, ଭାଗବତ ଶ୍ରବଣରେ
କେବେ ଲତା ମଙ୍ଗେସ୍‌କର, ରଫି,
ନଜରୁଲ୍ କି ଜଗଜିତ୍‌ଙ୍କ ସ୍ୱରରେ
କେବେ ଫେସ୍‌ବୁକ୍,
ହ୍ୱାଟ୍‌ସ ଆପ୍ କି ଇନଷ୍ଟାଗ୍ରାମ୍ ପୃଷ୍ଠାରେ
ବୁଝେଇ ପାରୁନି ନିଜକୁ ଯେ
ନିରବତାରେ ହିଁ ଶାନ୍ତି, ସନ୍ତୋଷ ।

ହେଲେ ପ୍ରତିଥର ସମାନ ସଂଘର୍ଷ
ଚା କପ୍‌ଟିଏରୁ ଭାତ ଥାଳି,
ମୋବାଇଲ୍‌ରୁ ରିମୋଟ୍
ସର୍ବତ୍ର ସେଇ ସମାନ ସଂଘର୍ଷ ଭିତରେ
ହଜି ଯାଉଛି ଜୀବନର ସରଳ ଛନ୍ଦ
ମୂର୍ଚ୍ଛିତ ହୋଇ ପଡିରହୁଛି
ଦ୍ରୌପଦୀର ସ୍ୱାଭିମାନ
ସୀତାର ଆତ୍ମତ୍ୟାଗ ।

+ରିଟାୟାର୍ଡ ପ୍ରଫେସର ଅଫ ଇଂଲିସ

# କେନ୍ଦୁଝର ନଗର ବିଜେପିର ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର, ୧୩/୦୮ (ନି.ପ୍ର): କେନ୍ଦୁଝର, ବିଜେପି କେନ୍ଦୁଝର ନଗର ମଣ୍ଡଳ ପକ୍ଷରୁ ମଙ୍ଗଳବାର କେନ୍ଦୁଝର ସହରର ଜେଲରୋଡ଼ ନିକଟସ୍ଥ ବସ୍ ଷ୍ଟପ୍ ତଥା ଆଖପାଖ ସ୍ଥାନ ମାନଙ୍କରେ ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପି କେନ୍ଦୁଝର ନଗର ମଣ୍ଡଳ ସଭାପତି ଅସିତ ନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉତ୍ସାହିତ କରିବା ସହିତ ନିଜେ ଝାଡୁ ଧରି ସଫେଇ କରିଥିଲେ । ଆଗକୁ ସ୍ୱାଧୀନତା ଦିବସ ଥିବାବେଳେ ବିଜେପି ପକ୍ଷରୁ ବିଭିନ୍ନ ଜାଗାରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀ ମାନଙ୍କୁ ଧୂଆଧୁଇ କରି ପରିଷ୍କାର କରିବା ସହିତ ପୁଷ୍ପ ମାଲ୍ୟ ଅର୍ପଣ କରାଯାଉଥିବା ବେଳେ ଜେଲ ରୋଡ଼ ଛକ ସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତୀକୁ କାର୍ଯ୍ୟକର୍ତ୍ତା ମାନେ ପାଣି ଢାଳି ତେଲ ଲଗାଇ ସଫା କରିବା ପରେ ଜିଲ୍ଲା ସଭାପତି ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଗୋପୀନାଥ ରାମ, କେନ୍ଦୁଝରଗଡ଼ ପୌରପାଳିକାର ପୌରାଧ୍ୟକ୍ଷା ନିକୁ ସାହୁ, ସାଂସଦ ପ୍ରତିନିଧି ହରିହର ମହାନ୍ତ, ସାଂସଦଙ୍କ ପୌରପାଳିକା ପ୍ରତିନିଧି ଶ୍ୟାମସୁନ୍ଦର ନାଏକ, ନଗର ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର, ସମ୍ପାଦକ ଦୁର୍ଗା ବାରିକ, ଉପସଭାପତି ଦୁର୍ଯ୍ୟୋଧନ ସାହୁ, କେନ୍ଦୁଝର ଲୋକସଭା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ, କାଉନସିଲର ନିହାର ଦାସ ଏବଂ କିରଣ ସୋରେନ, ସତ୍ୟନାରାୟଣ ବାରିକ, ଚିତ ରଞ୍ଜନ ସାହୁ, ପ୍ରତାପ ନାଏକ, ଗଣେଶ ନାୟକ, ପ୍ରଶାନ୍ତ ସାହୁ, ଦୀନବନ୍ଧୁ ପାତ୍ର, ବାଦଲ ଦାସ, ସାଗର ଲୋହାର, ମଞ୍ଜରୀ ମୁର୍ମୁ, ଗୋପାଳଚନ୍ଦ୍ର ନନ୍ଦ, ସୁଶୀଲ ନାଏକ, ସନାତନ ମହାରଣା, ଲଳିତା ବାରିକ ତଥା ଜିଲ୍ଲା ଏବଂ ନଗର ଅନେକ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଚମ୍ପୁଆ ବନାଂଚଳରେ 'ବିଶ୍ୱ ହସ୍ତୀ ଦିବସ' ପାଳିତ

ଚମ୍ପୁଆ, ୧୩/୦୮ (ନି.ପ୍ର): ଚମ୍ପୁଆ ବନାଂଚଳ ତରଫରୁ ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି । ହସ୍ତୀ ସଂରକ୍ଷଣ ଓ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଏ । ଚମ୍ପୁଆ ବନାଂଚଳ ଅଧିକାରୀ ଏସିଏଫ ଅକ୍ଷୟ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ନିକୋଲସନ୍ ବନବିଦ୍ୟାଳୟର ଡିସିଏଫ୍ ରାମଚନ୍ଦ୍ର ଗୁରୁ , ରଜିଆ ସରପଂଚ ସନ୍ତୋଷ ନାଏକ , ଅଧ୍ୟାପକ ଦୀପକ କର ଯୋଗ ଦେଇଥିଲେ । ଅତିଥି ମାନେ ଐତିହ ପ୍ରାଣୀ ହାତୀ ର ସୁରକ୍ଷା, ସେମାନଙ୍କର ବାସସ୍ଥାନ ସୁରକ୍ଷା, ଓ ମନୁଷ୍ୟ-ହାତୀ ସଂଘର୍ଷ କମାଇବା ପାଇଁ ସାମାଜିକ ସଚେତନତା ବଢାଇବା, ଜଙ୍ଗଲ କ୍ଷୟ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର କ୍ଷୟ, ପରିବେଶ ସନ୍ତୁଳନରେ ହାତୀ ମାନଙ୍କ ଭୂମିକା ଓ ସମ୍ପ୍ରତି ହାତୀମାନଙ୍କ ସମସ୍ୟା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

# ରୋଟାରି ଜିଲ୍ଲା-୩୨୬୨ ରୋପଣ କରିବ ଏକଲକ୍ଷ ତାଳ ଚାରା




ଉଦଳା , ୧୩/୦୮ (ନି.ପ୍ର): ପରିବେଶପ୍ରତି ତାଳଗଛର ଆବଶ୍ୟକତା କେତେ ଅଧିକ ତାହା ଏବେ ସମସ୍ତେ ବେଶ ଭଲଭାବରେ ଅନୁଭବ କରିବା ସହିତ ତାଳଚାରା ରୋପଣ ପାଇଁ ବିଭିନ୍ନ ସ୍ଥାନରେ ଉଦ୍ୟମ ଆରମ୍ଭ ହୋଇଥିବାର ଜଣାଯାଇଛି । ଏହି ଅବସରରେ ରୋଟାରି ଜିଲ୍ଲା-୩୨୬୨ ଚଳିତ ବର୍ଷ ବିଭିନ୍ନ ସ୍ଥାନରେ ମୋଟ ଏକ ଲକ୍ଷ ତାଳଚାରା ରୋପଣ କରିବ ବୋଲି ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି । ରୋଟାରି ଜିଲ୍ଲା-୩୨୬୨ ଅଧିନରେ ଥିବା ଉଦଳା ରୋଟାରି କ୍ଲବ ଏଥିରୁ ଦଶହଜାର ତାଳଚାରା ରୋପଣ କରିବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ପୂର୍ଣ୍ଣଚନ୍ଦ୍ର ସାହୁ ଜଣାଇଛନ୍ତି । ବର୍ତ୍ତମାନସୁଦ୍ଧା ୫ଶହ ତାଳଚାରା ରୋପଣ ସରିଥିବା ବେଳେ ଅବଶିଷ୍ଟ ଆସନ୍ତା ୨୦୨୬ ମାର୍ଚ୍ଚ ଶେଷସୁଧା ପୂର୍ଣ୍ଣ ହେବ ବୋଲି କହିଛନ୍ତି । ତାଳଗଛ ବଜ୍ରପାତରୁ ଜୀବନ ରକ୍ଷା କରୁଥିବା ବେଳେ ମୃତିକାକ୍ଷୟକୁ ବହୁଳ ଭାବରେ କମାଇ ଦେଇଥାଏ ବୋଲି ରୋଟାରିଆନ ରାଜଲକ୍ଷ୍ମୀ, କୁନ୍ତଳା ଓ ପ୍ରେମଲତା ଜଣାଇଛନ୍ତି । ସେହିପରି ତାଳଗଛ ବାୟା ଚଢ଼େଇ ଓ ଶାଳିଆପତିନିଙ୍କ ପାଇଁ ନିରାପଦ ଆଶ୍ରୟସ୍ଥଳ ଅଟେ ବୋଲି ରୋଟାରିଆନ ଦୁଳମଣି ଓ ଜୟନ୍ତି ଜଣାଇଛନ୍ତି । ତାଳଗଛ ସଂଖ୍ୟା କମିଯିବା ଯୋଗୁଁ ଏହି ଦୁଇ ପ୍ରକାର ଜୀବଙ୍କ ସଂଖ୍ୟା ମଧ କମିବାରେ ଲାଗିଛି । ବର୍ତ୍ତମାନରୁ ସତର୍କତା ଅବଲମ୍ବନ ନକଲେ ଖୁବ୍ ଅଳ୍ପ ଦିନ ମଧ୍ୟରେ ବାୟା ଚଢ଼େଇ ଓ ଶାଳିଆପତିନି ପୃଥିବୀ ପୃଷ୍ଠରୁ ସବୁଦିନ ପାଇଁ ବିଦାୟ ନେଇଯିବେ ଏଥିରେ ସନ୍ଦେହ ନାହିଁ ବୋଲି ଚେତାବନି ଦେଇଛନ୍ତି । ତାଳଗୁଡ଼ର ଚାହିଦା ବଜାରରେ ଖୁବ୍ ଅଧିକ ଥିବା ବେଳେ ଆବଶ୍ୟକ ମୁତାବକ ତାଳଗଛ ନଥିବା ଯୋଗୁଁ ଏଠାରେ ତାଳଗୁଡ଼ ଉତ୍ପାଦିତ ହୋଇପାରୁନାହିଁ ବୋଲି ଅଜୟ ବେହେରା ଓ ଅବଜବନ୍ଧୁ ବାରିକ ଜଣାଇଛନ୍ତି । ତେବେ ଏହି ତାଳଗଛ ରୋପଣ କାର୍ଯ୍ୟରେ ହରେନ ପଟ୍ଟନାୟକ, ଇଂ. ସୁବାଷଚନ୍ଦ୍ର ପଣ୍ଡା, ଚିତରଂଜନ ବାରିକ ପ୍ରହ୍ଲାଦ ଦାସ, ଅଂଜଳି ମହାନ୍ତି, ଅଶୋକ ମହାନ୍ତି, ମନୋରଂଜନ ପାଢ଼ି, ଡ଼ା. ଶଚିଦାନନ୍ଦ ପରିଡ଼ା ପ୍ରମୁଖ ନେତୃତ୍ୱ ନେଉଥିବା ବେଳେ ଇନରହୁଇଲ କ୍ଲବ ଓ ସ୍ୱେଚ୍ଛାସେବି ସନ୍ତୋଷ ସାହୁ ସହଯୋଗର ହାତ ବଢ଼ାଇଛନ୍ତି । ଉଦଳା ରୋଟାରି କ୍ଲବର ଏହି ବାର୍ତ୍ତା ଏକ ଜନଆନ୍ଦୋଳନରେ ପରିଣତ ହେବ ବୋଲି ସଭାପତି ପୂର୍ଣ୍ଣଚନ୍ଦ୍ର ଓ ସମ୍ପାଦକ ସୁଦର୍ଶନ ଆଶା ବାନ୍ଧିଛନ୍ତି ।

# ବଲାଙ୍ଗିରଠାରେ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ

ବଲାଙ୍ଗିର, ୧୩/୦୮ (ନି.ପ୍ର): ଆଜି ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ଠାରେ ଜିଲ୍ଲା ସ୍ତରୀୟ ଜାତୀୟ କୃମିନାଶକ ଦିବସ ଅଗଷ୍ଟ ରାଉଣ୍ଡ -୨୦୨୫ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପବିତ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡ. ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡ. ବି. କେ. ପତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅକାରୀ (ପରିବାର କଲ୍ୟାଣ),ଡ. ସୁଧା ବାର୍ଲା, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା), ଡ. ସିଦ୍ଧେଶ୍ୱର ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରତାପ ଚନ୍ଦ୍ର ମହାନ୍ତି, ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକ ବୃନ୍ଦ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ, ରାଜେଶ ରାଓ ପଟ୍ଟନାୟକ, ଉପ ପରିଚାଳକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ଭଗବାନ ମେହେର ଓ ଅନ୍ୟ ସହକାରୀ ସଂଚାର ଓ ପ୍ରକଳ୍ପ ପରିଚାଳକ ଆନନ୍ଦ ମିଶ୍ର ଓ କବିନ୍ଦ୍ର ଜେନା ମଂଚାସୀନ ଥିଲେ । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ସର୍ବ ପ୍ରଥମେ ବିଦ୍ୟାଳୟ ଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇ ଜିଲ୍ଲା ସ୍ତରୀୟ ଜାତୀୟ କୃମିନାଶକ ଦିବସ ଅଗଷ୍ଟ ରାଉଣ୍ଡ-୨୦୨୫ ଉଦ୍ଘାଟନ କରିଥିଲେ । କୃମିନାଶକ ବଟିକା ଓ ସିରପ ଖାଇବା ଦ୍ୱାରା ପୁଷ୍ଟିହୀନତା ଓ ରକ୍ତହୀନତା ଦୂର ହୁଏ ଏବଂ ପିଲାଙ୍କ ଶାରୀରିକ ଓ ମାନସିକ କ୍ଷେତ୍ରରେ ବୃଦ୍ଧି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ଯ ବୋଲି ମୁଖ୍ୟଅତିଥି ନିଜର ଅଭିଭାଷଣରେ କହିଥିଲେ । ଜିଲ୍ଲାର ୧-୧୯ ବର୍ଷର ସମସ୍ତ ପିଲାମାନେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ଔଷଧ ଓ ସିରପ ଖାଇବେ ଓ ୨୦-୨୪ ବର୍ଷର ବିଦ୍ୟାଳୟ ଯାଉନଥିବା ପିଲା ଓ ପ୍ରଜନନକ୍ଷମ ମହିଳା ଅଙ୍ଗନବାଡିରେ କୃମିନାଶକ ଔଷଧ ଖାଇବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୪୮୮୨୭୧ଜଣ ହିତାଧିକାରୀ କୃମିନାଶକ ଔଷଧ ଓ ସିରପ ଖାଇବେ ବୋଲି ଲକ୍ଷ୍ୟ ରଖାଯାଇଛି, ଜିଲ୍ଲାର ୨୬୩୭ ଗୋଟି ଅଙ୍ଗନବାଡି କେନ୍ଦ୍ର ଓ ୨୨୨୩ ଗୋଟି ବିଦ୍ୟାଳୟରେ ସମସ୍ତ ହିତାଧିକାରୀଙ୍କୁ କୃମିନାଶକ ଔଷଧ ଓ ସିରପ ଗୁଡିକ ଜିଲ୍ଲାର ତାଲିମ ପ୍ରାପ୍ତ ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ବିଦ୍ୟାଳୟ ଶିକ୍ଷକଙ୍କ ଦ୍ୱାରା ଔଷଧ ଖୁଆଇ ଦିଆଯିବ । ଏହା ସହ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମକୁ ତାଦରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ଟାଉନ ବାଳିକା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରି, ଛାତ୍ରୀମାନେ, ବିଦ୍ୟାଳୟର କର୍ମଚାରିଙ୍କ ସହ ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

# ତାଲା ବନ୍ଦ ଘରୁ ଚୋରି

ବାରିପଦା, ୧୩/୦୮ (ନି.ପ୍ର): ବାରିପଦାରେ ଚୋରି ଓ ଛିନତାଇ ଗ୍ୟାଙ୍ଗ କିଛି ଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇଛନ୍ତି । ପୁଣି ତାଲାବନ୍ଦ ଘରୁ ଚୋରି କରିଛନ୍ତି । ଏନେଇ ବାଉରା ଗ୍ରାମର ଚନ୍ଦ୍ର ମାର୍ଣ୍ଡି ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି । ସେ ତାଙ୍କ ପତ୍ନୀଙ୍କ ସହ ବିଲକୁ ଚାଷ କାମ ପାଇଁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ ମାନେ ଚୋରି କରିଛନ୍ତି । ତାଲାବନ୍ଦ ଘରେ ଦୁର୍ବୃତ ମାନେ ପଶି କଳା କନା ବୁଲାଇଥିଲେ । ଆଲମାରୀ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଓ ୪୦ ହଜାର ଟଙ୍କା ଚୋରି କରିଛନ୍ତି । ସେହିପରି ତାଙ୍କ ପଡ଼ୋଶୀ ସଲମା ହେମ୍ବ୍ରମଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ୧୦ ହଜାରଟଙ୍କା ଚୋରି କରିଛନ୍ତି । ଏ ବାବଦରେ ସେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ ।

# ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘର ପ୍ରତିବାଦ: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ବାରିପଦା, ୧୩/୦୮ (ନି.ପ୍ର): ଓଡିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଐତିହାସିକ ପରିବର୍ତ୍ତନ ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଚଳିତ ମାସ ୨ ତାରିଖ ଦିନ ଏକ ନିଷ୍ପତି ଗ୍ରହଣ କରିଥିଲେ । କିନ୍ତୁ, ଗତ ୮ତାରିଖ ଦିନ କୌଣସି କାରଣରୁ ଏହି ନିଷ୍ପତିକୁ ଗଣଶିକ୍ଷା ବିଭାଗ ପ୍ରତ୍ୟାହାର କରିନେଇଥିଲା । ୨ ତାରିଖ ନିଷ୍ପତି ଅନୁଯାଇ ଓଡ଼ିଶାରେ ଧ୍ୱଂସ ପାଇବାକୁ ବସିଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗଦର୍ଶନ ମିଳିପାରିଥାନ୍ତା । ସେଥିପାଇଁ ୨ତାରିଖ ନିଷ୍ପତିକୁ କାର୍ଯ୍ୟକାରି କରିବା ଦାବି ନେଇ ଓଡିଶା କନିଷ୍ଠ ଶିକ୍ଷକ ସଂଘ ଆହ୍ୱାନରେ ମୟୁରଭଞ୍ଜ ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲାର ବିଭିନ୍ନ କୋଣରୁ କନିଷ୍ଠ ଶିକ୍ଷକ ମାନେ ଏକ ପ୍ରତିବାଦ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଭାବେ ଶିକ୍ଷକ ନିଯୁକ୍ତି କରିବା, ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା, କନିଷ୍ଠ ଶିକ୍ଷକ (ଯୋଜନାଭିତିକ)ମାନଙ୍କୁ ନିୟମିତ କରିବା ଆଦି ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ପୁନଃ ରାଜ୍ୟ ସରକାର ପକ୍ଷରୁ ନିଆ ଯାଇଥିବା ୨ ତାରିଖର ନିଷ୍ପତିକୁ କାର୍ଯ୍ୟକାରୀ କଲେ ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ମୋଡ଼ ଦେଇ ପାରିବ ବୋଲି କନିଷ୍ଠ ଶିକ୍ଷକ ମାନେ ପ୍ରକାଶ କରିଥିଲେ । ଯଦି ସରକାର କନିଷ୍ଠ ଶିକ୍ଷକ ମାନଙ୍କ ଦାବି ପୂରଣ ନକରନ୍ତି ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି କନିଷ୍ଠ ଶିକ୍ଷକ ।

# ହର ଘର ତିରଙ୍ଗା ଅଭିଯାନ ପରିପ୍ରେକ୍ଷୀରେ କେନ୍ଦୁଝରଠାରେ ବିଶାଳ ତ୍ରିରଙ୍ଗା ରାଲି ଅନୁଷ୍ଠିତ

କେନ୍ଦୁଝର, ୧୩/୦୮ (ନି.ପ୍ର): ଦେଶପ୍ରେମର ଏକ ଚମତ୍କାର ପ୍ରଦର୍ଶନ କରି କେନ୍ଦୁଝର ଜିଲ୍ଲା ପ୍ରଶାସନ ଆଜି ହର ଘର ତିରଙ୍ଗା ଅଭିଯାନର ଅଂଶ ଭାବରେ ଏକ ବିଶାଳ ତ୍ରିରଙ୍ଗା ରାଲି ଆୟୋଜନ କରିଛି । ହଜାର ହଜାର ଛାତ୍ର, ଅଧିକାରୀ ଏବଂ ଜନସାଧାରଣ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାଟି କେନ୍ଦୁଝର ଷ୍ଟାଡିୟମରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତା ଦେଇ ଆଗେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଆସିଥିଲା । ୧୦୦ ମିଟର ଲମ୍ବା ପତାକା ଜାତୀୟ ଏକତା ଏବଂ ଉତ୍ସବର ପରିବେଶ ସୃଷ୍ଟି କରିଥିଲା । ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉପସ୍ଥିତ ଅତିଥି ଦେଶପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ସ୍ୱାଧୀନତା ପାଇଁ ଦିଆଯାଇଥିବା ବଳିଦାନକୁ ନାଗରିକମାନଙ୍କୁ ମନେ ପକାଇବାରେ ହର ଘର ତିରଙ୍ଗା ପଦକ୍ଷେପର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ।

# ହାଇୱା ଚାଳକ ଅଦାଲତ ଚାଲାଣ

କୋରେଇ, ୧୩/୦୮ (ନି.ପ୍ର): ପାଣିକୋଇଲି ଗୋଳେଇ ଛକରେ ଏକ ହାଇୱା ଧକ୍କାରେ ସୋମବାର ଜଣେ ଲେକର ମୃତ୍ୟୁଘଟିଥିଲା । ଆଜି ପୁଲିସ ଉକ୍ତ ହାଇସ୍ୱା ଚାଳକ ଯାଜପୁର ଥାନା ଗୁରୁଦାସପୁର ଗ୍ରାମର ପ୍ରଦୀପ ଜେନାଙ୍କ ପୁଅ ରମେଶ ଜେନା (୩୭)କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ଭଦ୍ରକ ଜିଲ୍ଲା ଚରମ୍ପା ଅଂଚଳର ବୁଦ୍ଧଦେବ ସାହୁ ଧନପୁର ଠାରେ ଥିବା ଟାଟା ମୋଟର୍ସରେ କାର୍ଯ୍ୟରତ ଥିବା ପାଣିକୋଇଲି ଅଂଚଳରେ ଭଡ଼ା ନେଇ ରହୁଥିଲେ । ସବୁଦିନ ବୁଦ୍ଧଦେବ ନିଜ ସାଇକେଲ ଯୋଗେ କର୍ମକ୍ଷେତ୍ରକୁ ଯାଆନ୍ତି । ତେବେ ସେମବାର ସକାଳେ ସେ ସୋରୁମକୁ ଯିବା ସମୟରେ ପାଣିକୋଇଲି ବଜାର ଉପରେ ସଠିପୁର ପଟୁ ଏକ ଦ୍ରୁତଗାମୀ ହାଇୱା (ଓଡ଼ି୩୪ଏକ୍ସ ୪୦୪୯) ଓଭରବ୍ରିଜ ତଳୁ ବାହାରି ବୁଦ୍ଧଦେବଙ୍କୁ ଧକ୍କା ଦେବା ସହିତ ତାଙ୍କ ଉପରେ ଚଢି ଯାଇଥିଲା । ହେଲେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ପୁଲିସ ଥାନାରେ ଏକ ମାମଲା ରୁଜୁ କରି ହାଇୱା ଓ ଚାଳକକୁ ଥାନାରେ ଅଟକ ରଖିଥିଲା । ଆଜି ଉକ୍ତ ଚାଳକକୁ ଅଦାଲତ ଚାଲାଣ କରାଯାଇଛି ।

# ଶ୍ରୀରାମଚନ୍ଦ୍ର ପାଠାଗାରରେ ଜାତୀୟ ଲାଇବ୍ରେରୀ ଦିବସ ପାଳିତ



ବାରିପଦା, ୧୩/୦୮ (ନି.ପ୍ର): ଐତିହ୍ୟ ସମ୍ପନ୍ନ ସର୍ବପୁରାତନ ଶ୍ରୀରାମଚନ୍ଦ୍ର ପାଠାଗାର ଓ ସର୍ବତ୍ର ପରିଚିତ ଜୁବୁଲି ଲାଇବ୍ରେରୀରେ ଜାତୀୟ ଲାଇବ୍ରେରୀ ଦିବସ ମଙ୍ଗଳବାର ପୂର୍ବାହ୍ନ ରେ ସଭାପତି ଜୟନ୍ତ କୁମାର ପାଲଙ୍କ ପୌରହିତ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି । ସମ୍ପାଦକ ଅଶୋକ କୁମାର ବେହେରା ଏହି ଦିବସ ପାଳନ ସମ୍ପର୍କିତ ମହତ ଉଦ୍ଦେଶ୍ୟର ସମ୍ୟକ ସୂଚନା ଦେବା ପରେ ବରେଣ୍ୟ ଅତିଥି ମାନଙ୍କର ଉପସ୍ଥିତିରେ ଭାରତୀୟ ଲାଇବ୍ରେରୀ ସାଇନ୍ସର ଜନକ ପ୍ରଫେସର ଡ. ଏସ ଆର ରଙ୍ଗନାଥନ ଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ମୃତି ଚାରଣ କରି ପ୍ରଦୀପ ପ୍ରଜ୍ୱଳନ ସହ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପାଠାଗାର ର ପ୍ରାଣ ପ୍ରତିଷ୍ଠାତା ରାଜର୍ଷୀ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇ ଥିଲା । ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ନବୀନ କୁମାର ସାହୁ ଡ଼ଃ ରଙ୍ଗନାଥନ ଙ୍କ ଜୀବନୀ ଓ ଲାଇବ୍ରେରୀ ବିଜ୍ଞାନ କୁ ତାଙ୍କର ମହନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଶିକ୍ଷାବିତ ଡ. ମୋହିତ କୁମାର ଷଡଙ୍ଗୀ ବାରିପଦା ସହରର ସେ ସମୟର ସମସାମୟିକ ଲାଇବ୍ରେରୀ ଓ ଜୁବୁଲି ଲାଇବ୍ରେରୀ ସହିତ ଜଡ଼ିତ ଭାବେ ବିଶିଷ୍ଟ ବ୍ୟକ୍ତି ମାନଙ୍କ ସମ୍ପର୍କ ରେ ତଥ୍ୟ ପ୍ରଦାନ କରିବା ସହ ଏହି ପୁରାତନ ଲାଇବ୍ରେରୀ ର ଉନ୍ନତିକରଣ ନିମନ୍ତେ ସମର୍ପଣ ଭାବ ସହ ମିଳିତ ପ୍ରଚେଷ୍ଟା ନିମନ୍ତେ ଆହ୍ୱାନ କରିଥିଲେ । ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇ ଗବେଷକ ତଥା ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ ଜୁବୁଲୀ ଲାଇବ୍ରେରୀ ସହ ତାଙ୍କର ବାଲ୍ୟକାଳ ରୁ ଗଢିଉଠିଥିବା ନିବିଡ଼ ସମ୍ପର୍କରର ସ୍ମୃତି ଚାରଣ କରି ଏହାର ଉତ୍ତରୋତ୍ତର ଅଭିବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କରିବାର ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବାରିପଦା ପୌର ପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଲାଇବ୍ରେରୀ ସହ ବାଲ୍ୟକାଳରୁ ରହିଥିବା ଅନୁଭବ ଅନୁଭୁତିର ବର୍ଣ୍ଣନା କରିବା ସହ ନୂତନ ପିଢ଼ି ର ପିଲାମାନଙ୍କୁ ପୁସ୍ତକ ଓ ଲାଇବ୍ରେରୀ ସହିତ ଯୋଡ଼ିବାରେ ପିତାମାତା ନୈତିକ ଦାୟିତ୍ୱ ନେବା ପାଇଁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ସମାଜସେବୀ କବି ବିଷ୍ଣୁ ଶତପଥୀ ଲାଇବ୍ରେରୀ ଆନ୍ଦୋଳନ ରେ ସଚେତନ ନାଗରିକ ମାନଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ମତାମତ ରଖିଥିଲେ । ଶିକ୍ଷାବିତ୍ ଡ .ବନଜା ମହାନ୍ତି ଲାଇବ୍ରେରୀ ରେ ଅଧ୍ୟୟନରତ ଯୁବପିଢିଙ୍କୁ ଦିଗଦର୍ଶନ ଦେବା ସହ ସେମାନଙ୍କୁ ବୈଷୟିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲବେଳେ ଡ଼. ସତ୍ୟବ୍ରତ ମିଶ୍ର ଲାଇବ୍ରେରୀ ସମ୍ପର୍କିତ ଗଠନମୂଳକ ପରାମର୍ଶ ପ୍ରଦାନ କରିଥିଲେ ।

# ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ: ମହିଳା ଶିଶୁ ବିକାଶ ଓ ପର୍ଯ୍ୟଟନ ବିକାଶ ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ୧୩/୦୮ (ନି.ପ୍ର): ଓଡିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମନ୍ଦିର ମାଳିନୀ ତଥା ଦ୍ୱିତୀୟ ବାରାଣସୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ପାତାଳି ଶ୍ରୀକ୍ଷେତ୍ର ରେ ପହଂଚି ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଦର୍ଶନ ପରେ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ସୁଖସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ । ପରେ ନୂତନ ଭବ୍ୟ ମନ୍ଦିର ର ର ନିର୍ମାଣ ସ୍ଥଳିରେ ମନ୍ଦିର ର ନକ୍ସା ବ୍ୟୟ ଅଟକଳ ପ୍ରଭୃତି ତଦାରଖ କରିଥିଲେ । ପରେ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସମଗ୍ର ପାତାଳି କ୍ଷେତ୍ରର ସାମଗ୍ରୀକ ବିକାଶ ପାଇଁ ଏକ ସାତ ଦଫା ଦାବିପତ୍ର ପ୍ରଦାନ କରଯାଇଥିଲା । ପରେ ସେ ସୁବର୍ଣ୍ଣପୁର ର ଇଷ୍ଟଦେବୀ ମାଁ ସୁରେଶ୍ୱରୀ ଙ୍କ ମନ୍ଦିରରେ ପହଂଚି ପୂଜାର୍ଚ୍ଚନା କରି ମାଁ ଙ୍କର ଆଶିର୍ବାଦ ନେଇଥିଲେ ତଥା ସେଠାରେ ମଧ ସେ ସେବାୟତ ସଂଘ ଓ ମନ୍ଦିର ପରିଚାଳନା କମିଟି ର ସଦସ୍ୟ ଙ୍କ ସହ ମନ୍ଦିରର ଉନ୍ନତି ନିମନ୍ତେ ନିଆଯାଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ସେହିପରି ସୋନପୁର ସୁରେଶ୍ୱରୀ ମନ୍ଦିର ଦେବୋତ୍ତର ବା ମନ୍ଦିର କମିଟି ପକ୍ଷରୁ ସୁରେଶ୍ୱରୀ, ରାମେଶ୍ୱର ଓ ସୁବର୍ଣ୍ଣମେରୁ ମନ୍ଦିର କୁ ନେଇ ଆରମ୍ଭ ହୋଇଥିବା ଐତିହାସିକ ସ୍ୱର୍ଣ୍ଣ ତ୍ରିବେଣୀ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ମନ୍ଦୀର ର ଜମି ଚିହ୍ନଟ ସହ ଦେବୋତ୍ତର ପରିଚାଳିତ ଅନ୍ୟ ସବୁ ମନ୍ଦିର ର ଜମି ଚିହ୍ନଟ କରି ଜବର ଦଖଲ ଉଚ୍ଛେଦ କରିବା, ଜିଲ୍ଲା ର ପର୍ଯ୍ୟଟନ ସ୍ଥଳୀ ର ଭିତ୍ତିଭୂମି ର ବିକାଶ, ସ୍ଥାୟୀ ଦେବୋତ୍ତର ଅଧିକାରୀ ନିଯୁକ୍ତ, ଏକ ପର୍ଯ୍ୟଟନ ଅଧିକାରୀ ନିଯୁକ୍ତ ସହ ଯାନ ବାହନ ବ୍ୟବସ୍ଥା, ସୁରେଶ୍ୱରୀ ମନ୍ଦିର ରେ କଲ୍ୟାଣ ମଣ୍ଡପ ନିର୍ମାଣ, ମହାନଦୀ ତେଲ ନଦୀର ସଙ୍ଗମ ସ୍ଥଳୀ ର ତଳ ଭାଗରେ ଏକ ଆନିକଟ ନିର୍ମାଣ ସହ ଜଳ ସଂରକ୍ଷଣ କରିବା ଓ ତେଲ ନଦୀ ଓ ମହା ନଦୀ ରୁ ପର୍ଯ୍ୟଟକ ଙ୍କ ପାଇଁ ମା ସୁରେଶ୍ୱରୀ ଗଙ୍ଗା କୁ ପାଇପ ଯୋଗେ ଜଳ ଯୋଗାଣ ପ୍ରମୁଖ ଦାବୀ ଉପ ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରିଥିଲେ । ପରେ ପରେ ଐତିହାସିକ ଶୈବ ପୀଠ ତଥା ତ୍ରିବେଣୀ ସଙ୍ଗମ ଶ୍ରୀ ରାମେଶ୍ୱର ମନ୍ଦିର ପରିଦର୍ଶନ ରେ ପହଂଚି ପ୍ରଭୁ ଙ୍କ ଆଶୀର୍ବାଦ ଭିକ୍ଷା କରି ମନ୍ଦିର କମିଟି ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ସମସ୍ତ ଗସ୍ତ ସମୟରେ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ , ଜିଲ୍ଲାପାଳ ଉପସ୍ଥିତ ଥିଲେ । ପରେ ସର୍କିଟ ହାଉସ ଠାରେ ବୀର ମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଡିଆଇଜି ହିମାଂଶୁ ଲାଲ୍, ଜିଲ୍ଲାପାଳ ନୃପରାଜ ସାହୁ , ଏସପି ଓ ଜିଲ୍ଲା ପ୍ରଶାସନ ର ସମସ୍ତ ଅଧିକାରୀ ଙ୍କ ସହ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲା ର ବିକାଶ ଉପରେ ସମୀକ୍ଷା କରିଥିଲେ । ଏବଂ ସହର ଓ ଜିଲ୍ଲା ର ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକ ତୁରନ୍ତ ସମ୍ପୂର୍ଣ୍ଣ କରିବା କୁ ନିର୍ଦ୍ଦେଶ କରି ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟ ରେ ସ୍ୱଚ୍ଛତା ଆଣିବାରେ ପରାମର୍ଶ କରିଥିଲେ । ପରେ ସର୍କିଟ ହାଉସ ଠାରେ ସୁଭଦ୍ରା ଭଉଣୀ ଏବଂ ଲକ୍ଷପତି ଦିଦି ଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଉପରେ କର୍ମଶାଳା



ପାରାଦୀପ, ୧୩/୦୮ (ନି.ପ୍ର): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଏକ ପ୍ରମୁଖ ପଦକ୍ଷେପ ନିଶାମୁକ୍ତ ଭାରତ ଅଭିଯାନ ର ଅଂଶ ବିଶେଷ ଭାବରେ ଆଜି ପାରାଦୀପ ବନ୍ଦରରେ ଏକ କର୍ମଶାଳା ର ଆୟୋଜନ ହୋଇଯାଇଛି । ବନ୍ଦର ପ୍ରଶାସନିକ ଭବନ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦରର ଅଧ୍ୟକ୍ଷ ଶ୍ରୀ ପିଏଲ ହରନାଦ ଯୋଗ ଦେଇ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ହରନାଦ ସମସ୍ତ ସମସ୍ତ ଅଂଶ ଗ୍ରହଣ କାରୀଙ୍କୁ ନିଶା ସେବନରୁ ଦୂରରେ ରହିବା ଓ ସେମାନଙ୍କ ପରିବାରକୁ ଓ ସମାଜକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ । ପାରାଦୀପ ସ୍ୱାକ୍ଷରିତା ସମିତିର ସଚିବ ରାମଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରିଥିଲେ । ବନ୍ଦର ଚିକିତ୍ସାଳୟର ବରିଷ୍ଠ ଚିକିତ୍ସା ଅଧିକାରୀ ଡଃ ରୁନୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶ୍ରୀମତୀ ପ୍ରୀତି ଆରତୀ ପରିଜା, ଶ୍ରୀମତୀ ରଶ୍ମି ଆଚାର୍ଯ୍ୟ ଏବଂ ଶ୍ରୀମତୀ ପ୍ରେମଲତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ନିଶା ସେବନ କ୍ଷତି କାରକ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ । ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ନିଶା ଚୋରା ଚାଲାଣ କାରୀଙ୍କ ବିରୋଧରେ ଦୃଢ ଆଇନି କାର୍ଯ୍ୟକାରୀ କରିବା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମକୁ ପାରାଦୀପ ସ୍ୱାକ୍ଷରିତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ କୁମାର ମହାପାତ୍ର ସଂଯୋଜନା କରିଥିଲେ ।

# 'ମାସ' ଓ 'ବିଦ୍ୟାଭାରତୀ' ପକ୍ଷରୁ 'ଆନ୍ତର୍ଜାତିକ ଯୁବ ଦିବସ' ପାଳିତ

## ଯୁବଶକ୍ତି ହିଁ ସମାଜର ମେରୁଦଣ୍ଡ



ବାଲେଶ୍ୱର, ୧୩/୮ (ନି.ପ୍ର): ସମାଜକୁ ସମୃଦ୍ଧ, ସଂସ୍କୃତ ଓ ମଧୁମୟ କରି ଗଢ଼ି ତୋଳିବାରେ ଯୁବସମାଜର ଏକ ପ୍ରମୁଖ ଭୂମିକା ରହିଛି । ଯୁବକମାନେ ହିଁ ସମାଜର ମେରୁଦଣ୍ଡ । ଯେଉଁଠି ଯୁବକମାନଙ୍କୁ ପ୍ରକୃତ ସମ୍ମାନ ଓ ସୁଯୋଗ ମିଳେ, ସେଠାରେ ଉଭୟ ଲକ୍ଷ୍ମୀ ଓ ସରସ୍ୱତୀ ନିବାସ କରିଥାନ୍ତି । ରାଷ୍ଟ୍ରର ପୁଞ୍ଜିର ସଦୁପଯୋଗ ହେଉଛି କି ନାହିଁ ସେ ସଂପର୍କରେ ସଜାଗ ଦୃଷ୍ଟି ରଖିବା ସଚେତନ ଯୁବସମାଜର କର୍ତ୍ତବ୍ୟ । ଯୁବକମାନଙ୍କୁ ଆଗକୁ ଯିବାପାଇଁ ଭରପୂର ସୁଯୋଗ ଦେବା ପାଇଁ ସରକାରୀ ଓ ବେସରକାରୀ କର୍ତ୍ତୃପକ୍ଷମାନେ ଯତ୍ନବାନ ହେବା ଉଚିତ୍ ବୋଲି ମାନବ ଅଧିକାର ସୁରକ୍ଷା ସଂସଦ 'ମାସ୍' ଏବଂ ପ୍ରକାଶନ ପ୍ରତିଷ୍ଠାନ 'ବିଦ୍ୟାଭାରତୀ' ଆନୁକୂଲ୍ୟରେ ଅନୁଷ୍ଠିତ 'ଆନ୍ତର୍ଜାତିକ ଯୁବ ଦିବସ' ପାଳନ ଅବସରରେ ଅତିଥି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବହିଘର ପରିସରସ୍ଥିତ 'ସଂସ୍କୃତି ସଭାଗୃହ' ଠାରେ ୧୨ ତାରିଖ ସନ୍ଧ୍ୟାରେ ଅଭୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରାକ୍ତନ ଲୋକସଭା ସାଂସଦ ଇଂ ରବୀନ୍ଦ୍ର ଜେନା ଆଲୋଚନାଚକ୍ର 'ଆଜିର ଆହ୍ୱାନ : ଏକବିଶ୍ୱ-ଏକରାଷ୍ଟ୍ର'ରେ ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ କହିଲେ ଯେ ଏକ ଯୁଦ୍ଧ ଓ ରକ୍ତପାତମୁକ୍ତ ବିଶ୍ୱ ଆମ ସମସ୍ତଙ୍କର କାମ୍ୟ ହେବା ଉଚିତ୍ । ଏହି ସଭାରେ ଅନ୍ୟାନ୍ୟ ଅତିଥି ବକ୍ତା ଭାବରେ ଯୋଗ ଦେଇଥିଲେ ଓଏଏସ ପ୍ରୋବେସନାରୀ ଅଧିକାରୀ ଅମ୍ବିକା ଭୂୟାଁ, କପ୍ତିପଦା ଉପଖଣ୍ଡର ଆସିଷ୍ଟାଣ୍ଟ କଲେକ୍ଟର ପ୍ରବୀଣ କୁମାର, ବିଶିଷ୍ଟ ଶିଳ୍ପୀ କେଶୁଦାସ, 'ସମୟର ଚକ୍ର'ର ସମ୍ପାଦକ ସର୍ବେଶ୍ୱର ଜେନା, ସାହିତ୍ୟିକ ବିଜୟ ଦାସ ଅଧିକାରୀ, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ ନାଟ୍ୟକାର ବିଦ୍ୟାଧର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ୧୬ ଜଣ ପ୍ରତିଭାଧରଙ୍କୁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜେନା ସମ୍ମାନିତ କରିଥିଲେ । ଯୁବ ପ୍ରଶାସନିକ ଅଧିକାରୀ ଭାବରେ ଅମ୍ବିକା ଭୂୟାଁ, ବିଶିଷ୍ଟ ତ୍ରିଭାଷୀ ଗୀତିକାର ତଥା ସଂଳାପ ଲେଖକ ଭାବରେ ପ୍ରବୀଣ କୁମାର, ଯୁବ ଚିକିତ୍ସାବିଜ୍ଞାନୀ ଭାବରେ ଫିଜିଓଥେରାପିଷ୍ଟ ଡାକ୍ତର ହିତାର୍ଥ ପଟ୍ଟନାୟକ, ବିଶିଷ୍ଟ ଉଦ୍ୟୋଗୀ ଭାବରେ ଦାଣ୍ଡକାଳୀ ସର୍ଜିକାଲ୍ ର ପରିଚାଳନା ନିର୍ଦ୍ଦେଶକ ସତ୍ୟନାରାୟଣ ନାୟକ, ଜିଏଲାର୍ ଇନ୍ଷ୍ଟାର ପରିଚାଳନା ନିର୍ଦ୍ଦେଶକ ମନୋଜ ଜେନା, ସମାଜସେବୀ ଭାବରେ ଆଶ୍ରିତା ତରେଇ, ତପନ ବେହେରା, ମନୋଜ ପୋଦାର, ମାନବାଧିକାର କର୍ମୀ ଓ ସାମ୍ବାଦିକ ତପନ ପତି, ଗୋରକ୍ଷକ ଓ ପଶୁପ୍ରେମୀ ଅର୍ଜୁନ ବାରିକ୍ ଏବଂ ପବନ କୁମାର ଭୋଇ, ଯୁବ ସମ୍ବାଦିକା ଭାବରେ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ଶିକ୍ଷାବିଦ୍ ଭାବରେ ଡ କମଳାକାନ୍ତ ବିଶ୍ୱାଳ, ଯୁବ ସଙ୍ଗୀତଜ୍ଞ ଅମରେଶ ପାତ୍ର, ବିଶିଷ୍ଟ ଯୁବ ଚିତ୍ରଶିଳ୍ପୀ ଅର୍ଚ୍ଚନା ଜେନା ଓ ଯୁବ କଣ୍ଠଶିଳ୍ପୀ ସୁଶ୍ରୀ ଆଫ୍ରିନ୍ ଖାତୁନ୍ ପ୍ରମୁଖଙ୍କୁ ସେମାନଙ୍କର ପ୍ରତିଭା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆରମ୍ଭରେ ସାଇ ସୁହାନୀ ଜେନା ଏବଂ ଆଫ୍ରିନ୍ ଖାତୁନ ଚିତ୍ତାକର୍ଷକ ସଂଗୀତ ଗାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ ।

## ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା


ବସ୍ତା, ୧୩/୮ (ନି.ପ୍ର): ବସ୍ତା ବ୍ଲକ ଜାମଶୁଳି ଉଚ୍ଚ ବିଦ୍ୟାଳୟ ଓ ଜୟ ଚଣ୍ଡୀ ଉ:ପ୍ରା ବିଦ୍ୟାଳୟ ଜାମଶୁଳି ପରିସରରେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜୁଲତା ଦାସ ଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁମତୀ ବାଳା ଦାସ ସଭାପତିତ୍ୱ କରିଥିବା ବେଳେ, ଅବସର ପ୍ରାପ୍ତ ଶିକ୍ଷକ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଭାବେ ଅବସର ପ୍ରାପ୍ତ ଶିକ୍ଷକ ସୁଧାଂଶୁ ବିଶ୍ୱାଳ, ସେହିପରି ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ରମେଶଚନ୍ଦ୍ର ପ୍ରଧାନ, ଭାଗବତ ପ୍ରଧାନ, ଗୟାମଣି ସାହୁ, ସମାଜସେବୀ ଗୌରାଙ୍ଗ ବିଶ୍ୱାଳ, ବିନୋଦିନୀ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷୟତ୍ରୀ ଅଞ୍ଜୁଲତା ଦାସ ଙ୍କର ନୀତି ଆଦର୍ଶ, ସମୟାନୁବର୍ତ୍ତିତା, ନିଷ୍ଠାପରତା, କର୍ତ୍ତବ୍ୟ ପରାୟଣ, ଛାତ୍ର ବତ୍ସଳ ମିଷ୍ଟଭାଷୀ, ଦରଦୀ ଶିକ୍ଷୟତ୍ରୀ ଥିଲେ ବୋଲି ଅଭିମତ ରଖିଥିଲେ । ଏହି ଅବସରରେ ଶାଲ, ମାନପତ୍ର, ଉପଢ଼ୌକନ୍, ପୁଷ୍ପ ଗୋଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଭବାନୀ ଶଙ୍କର ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ପୁଷ୍ମିତା ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଜେପି ପକ୍ଷରୁ ଅନୁଷ୍ଠିତ ହେଲା ବିଶାଳ 'ତିରଙ୍ଗା ଯାତ୍ରା'




ବାଲେଶ୍ୱର, ୧୩/୮ (ନି.ପ୍ର): ପବିତ୍ର ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସଦର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟିର ଝାଡେଶ୍ୱର ଓ ବାଣେଶ୍ୱର ମଣ୍ଡଳ ପକ୍ଷରୁ ବାଲେଶ୍ୱର ସହରରେ ବିଶାଳ 'ତିରଙ୍ଗା ଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆୟୋଜିତ ହେଉଥିବା ତ୍ରିରଙ୍ଗାଯାତ୍ରା ସହିତ ହର ଘର ତ୍ରିରଙ୍ଗା ଅଭିଯାନର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ତ୍ରିରଙ୍ଗା ଯାତ୍ରାର ଗୁରୁତ୍ୱ ଅଧିକ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ନିର୍ଣ୍ଣାୟକ ନେତୃତ୍ୱ, ସେନାର ବୀରତ୍ୱ ଏବଂ ଦେଶବାସୀଙ୍କ ଏକତାର ସଂକଳ୍ପ ସହିତ, 'ଅପରେସନ ସିନ୍ଦୁର' ସମ୍ପୂର୍ଣ୍ଣ ସଫଳ ହୋଇଛି । ଏକ ନୂତନ ସମୃଦ୍ଧ, ଶକ୍ତିଶାଳୀ ଏବଂ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ପାଇଁ ଦେଶବାସୀ ଆଜି ଗର୍ବିତ ବୋଲି ଶ୍ରୀ ଦତ୍ତ କହିଥିଲେ । ମୋଦିଙ୍କ ଆହ୍ୱାନରେ 'ହର ଘର ତିରଙ୍ଗା' ଅଭିଯାନ ଆଜି ଦେଶରେ ସର୍ବବ୍ୟାପୀ ହୋଇପାରିଛି । ତ୍ରିରଙ୍ଗାକୁ ନେଇ ଆନନ୍ଦ ଓ ଉତ୍ସାହରେ ସମସ୍ତ ଦେଶବାସୀ ରାଷ୍ଟ୍ର ପ୍ରେମରେ ଯୋଡି ହୋଇଯାଇଛନ୍ତି ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଥିଲେ । ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଏହି ଯାତ୍ରାରେ ଯୋଗଦେଇ ଦେଶର ୭୯ତମ ସ୍ୱାଧୀନତା ଦିବସକୁ ଅଧିକ ଆକର୍ଷଣୀୟ ଭାବେ ପାଳନ ପାଇଁ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ । ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ଆରମ୍ଭ ହୋଇ ଏହି ତ୍ରିରଙ୍ଗା ଯାତ୍ରା ଫକୀର ମୋହନ ଗୋଲେଇ, ଫାଣ୍ଡି ଛକ ଓ ସିନେମା ଛକ ଦେଇ ମୋତିଗଞ୍ଜ ବଜାରର ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ନିକଟ ରାଜସ୍ଥାନ ଭବନ ପର୍ଯ୍ୟନ୍ତ ଯାଇଥିଲା । ଶତାଧିକ ରାଷ୍ଟ୍ରପ୍ରେମୀ ସହରବାସୀ ୩୦୦ ଫୁଟର ବିଶାଳ ତ୍ରିରଙ୍ଗା ପତାକା ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିବ ସୁନ୍ଦର ଦାଶ, ନିରୁପମା ଦାଶ, ରୋଜାଲିନ ପାଣି, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ବରିଷ୍ଠ ନେତା ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ବିକାଶ ପାଢ଼ୀ, ସୁଷମା ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ମମତା ମହାପାତ୍ର, କାର୍ତ୍ତିକ ରାଉତ, କାନ୍ହୁ ମହାଲିକ, ଧୀରଜ ମହାନ୍ତି, ସୁଧାଂଶୁ ଶେଖର ପଣ୍ଡା, ପ୍ରିୟଙ୍କା ପ୍ରଧାନ, ଶ୍ରୀୟା ଦାସ, ପବନ କମିଳା, ବିଶ୍ୱଜିତ ଖଟୁଆ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚେତନତା କାର୍ଯ୍ୟକ୍ରମ ପକ୍ଷରୁ ଆସ ଆମେ ସ୍କୁଲଯିବା



ଭଦ୍ରକ, ୧୩/୮ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବନ୍ଧଗାଁ ଉଚ୍ଚ ବିଦ୍ୟାଳୟ, ଭଦ୍ରକଠାରେ ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ଅଭିମୁଖୀ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ପୂର୍ଣ୍ଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶ୍ରୀ ରଥ ନିଜ ବକ୍ତବ୍ୟରେ ଆଇନ୍ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ୍ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ନାଲସା ହେଲପ ଲାଇନ ନମ୍ବର ଦେୟମୁକ୍ତ ୧୫୧୦୦ ବିଷୟରେ ଅବଗତ କରାଇବା ସହ ସମ୍ବିଧାନରେ ଧାରା ୨୧ (କ) ରେ ଥିବା ଶିକ୍ଷାଗତ ଅଧିକାର ସଂପର୍କିତ ଆଇନ ପିଲାମାନଙ୍କୁ ବୁଝାଇଥିଲେ । ଅତିଥିମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ପଟ୍ଟନାୟକ, ଇନ୍ସପେକ୍ଟର, ଏସ୍.ପି. ଅଫିସ୍, ଭଦ୍ରକ ଜଗବନ୍ଧୁ ସାହୁ, ସହାୟକ ଶିକ୍ଷାଅଧିକାରୀ, ଭଦ୍ରକ, ପ୍ୟାନାମନି ବେସରା, ପ୍ରଧାନ ଶିକ୍ଷୟିତ୍ରୀ, ଜିଲ୍ଲାସ୍କୁଲ, ଭଦ୍ରକ, ନରେନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ, ବନ୍ଧଗାଁ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ତଥା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଡଃ. ତାପସ କୁମାର ମହାନ୍ତି ଓ ବହ୍ନି ଶିଖା ବିଶ୍ୱାଳ ଏଲ୍.ଏଡି.ସି.ଏସ, ଭଦ୍ରକ ୧୫୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ନେଇ ଆସ ଆମେ ସ୍କୁଲ ଅଭିମୁଖୀ ହେବା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବହୁତ ଶିକ୍ଷଣୀୟ ତଥ୍ୟ ପିଲାମାନଙ୍କ ନିକଟରେ ପହଞ୍ଚାଇଥିଲେ । ଅଧାରୁ ପାଠପଢ଼ା ଛାଡୁଥିବା ପିଲାମାନେ ପୁଣି କିପରି ସ୍କୁଲ ଅଭିମୁଖୀ ହେବେ ସେନେଇ ପିଲାମାନଙ୍କ ଦ୍ୱାରା ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା । ନାଲସା ଗୀତ ଗୋଟେ ମୁଠି ଆକାଶ ମଧ୍ୟ ପ୍ରଦର୍ଶନ କରାଯାଇ ନ୍ୟାୟ ସମସ୍ତଙ୍କ ପାଇଁ ଏବଂ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ ।

## ସାମ୍ବାଦିକଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପାରାଦୀପ, ୧୩/୮ (ନି.ପ୍ର): ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ଶାଖା ପକ୍ଷରୁ ସଭାପତି କର୍ମେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ଆଜି ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାରଦ୍ୱୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଗଣତାନ୍ତ୍ରିକ ରାଷ୍ଟ୍ରରେ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ତେଣୁ ଅନ୍ୟ ରାଜ୍ୟ ଭଳି ଓଡିଶାର ସାମ୍ବାଦିକ ମାନଙ୍କ କେତେକ ମୁଖ୍ୟ ସମସ୍ୟା ସମାଧାନ କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି । ଓଡ଼ିଶାରେ ସାମ୍ବାଦିକ ମାନଙ୍କ କଲ୍ୟାଣ ପାଇଁ ଗଣମାଧ୍ୟମ ପ୍ରତିନିଧି ମାନେ ଯେଉଁ ଯେଉଁ ଦାବି ଗୁଡିକ ଉପସ୍ଥାପନ କରୁଛନ୍ତି ସେହି ଦାବି ଗୁଡିକ ସମାଧାନ କରିବା ନେଇ ସରକାର ପଦକ୍ଷେପ ନେବା ଆବଶ୍ୟକ । ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ସାମ୍ବାଦିକ ଙ୍କୁ ୬୦ ବର୍ଷ ପରେ ପେନସନ ଲାଗୁ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକଙ୍କ ବାପ ମା ଙ୍କୁ ସାମିଲ କରିବା, ସ୍ୱାସ୍ଥ୍ୟ ବୀମା ରାଶି ୫ ଲକ୍ଷ ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଓ ସାମ୍ବାଦିକଙ୍କୁ ସରକାରୀ ବସ ରେ ମାଗଣା ଯାତାୟାତ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ରରେ ଅନୁରୋଧ କରାଯାଇଛି । ତେବେ ବର୍ତ୍ତମାନ ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉଥିବା ଓ ସେମାନଙ୍କୁ ସୁରକ୍ଷା ଦିଗରେ ଅଧିକ ଚିନ୍ତା କରିଥିବା କହିବା ସହିତ ସୁରକ୍ଷା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉଥିବା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା କହିଥିଲେ । ଏହା ସହିତ ପାରାଦୀପରେ ସାଧାରଣ ଲୋକଙ୍କ ସମସ୍ୟା ସହିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ର ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଏଡିଏମ ଙ୍କ ସହିତ କିଛି ସମୟ ଆଲୋଚନା ହୋଇଥିଲା । ବନ୍ଦର ସହର ପାରାଦୀପ ରେ ସାମ୍ବାଦିକ ମାନଙ୍କ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ଓ ବନ୍ଦର ପ୍ରଶାସନ ପକ୍ଷରୁ କଣ ସବୁ ଅଧିକ ସହାୟତା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା ହୋଇଥିଲା । ସମସ୍ତ ସାମ୍ବାଦିକଙ୍କୁ ବନ୍ଦର ସହରରେ ଘର ଯୋଗାଇ ଦେବାକୁ ସାମ୍ବାଦିକ ମାନେ ଦାବି ଉପସ୍ଥାପନ କରିଥିଲେ । ପରେ ଓଡିଶା ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟ ରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ନେଇ ଏକ ଆଲୋଚନା ହେବା ସହ ସୁସ୍ୱାଦୁ ଭୋଜନ ର ଆୟୋଜନ କରାଯାଇ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଓଜେୟୁ ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ ଙ୍କ ସମେତ ପାରାଦୀପ ଶାଖାର ମୁଖ୍ୟ ଉପଦେଷ୍ଟା ଆଜିତ କୁମାର ଦାସ, ସଭାପତି କର୍ମେସ୍ୱର ସ୍ୱାଇଁ, ସମ୍ପାଦକ ସମୀର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ସୁଶୀଲ ପଟ୍ଟନାୟକ, ନିରଞ୍ଜନ ଆଚାର୍ଯ୍ୟ, ପୁରୁଷୋତ୍ତମ ଶତପଥୀ, ବସନ୍ତ କୁମାର ସାହୁ, ବିଶ୍ୱଜିତ ସାହୁ, ରାଜଦିପ ବିଶ୍ୱାସ, ରଶ୍ମି ରଞ୍ଜନ ପରିଡା ଓ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆନ୍ଦୋଳନରୁ ନଓହରିଲେ...

ଅପେକ୍ଷା ନ କରି ସମୂହ ଛୁଟି ଗ୍ରହଣୀୟ ନୁହେଁ । ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଯାଇଛି ଛୁଟି ବାତିଲ ହେବ । ଛୁଟି ମଞ୍ଜୁର ହେବନି ବୋଲି କହିଛନ୍ତି ରାଜସ୍ୱମନ୍ତ୍ରୀ । ୧୦ ଦଫା ଦାବିରେ ସୋମବାରଠାରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛି । ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି ନେଇଛି ସଂଘ । ସାମୁହିକ ଛୁଟିରେ ରହିବା ସହ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ବସିଛନ୍ତି ଅମଲା କର୍ମଚାରୀ । ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଅମଲାଙ୍କ ମୂଳ ଦରମା ଲେଭଲ୍ ନାଇନ୍ କରିବା ସହ ସ୍ୱାସ୍ଥ୍ୟ ବୀମା ୨୦ ଲକ୍ଷକୁ ବୃଦ୍ଧି, ୪ ବର୍ଷରେ ପଦୋନ୍ନତି, ନୂଆ ପେନସନ୍ ଯୋଜନା ରଦ୍ଦ କରି ପୁରୁଣା ପେନସନ୍ ଯୋଜନା ଲାଗୁ ଭଳି ୧୦ ଦଫା ଦାବି ରଖିଛନ୍ତି । ପୂର୍ବରୁ କଳା ବ୍ୟାଚ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ କରିଥିଲେ । ୮ତାରିଖ ସୁଦ୍ଧା ସରକାର କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରିନଥିବାରୁ ୧୧ତାରିଖରୁ ସମଗ୍ର ରାଜ୍ୟର ଅମଲା ମାନେ ସମୂହ ଛୁଟିରେ ଯାଇ ପ୍ରତିବାଦ କରିଛନ୍ତି ।

### ବଙ୍ଗୋପସାଗରରେ ...

ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ସେହିପରି ପ୍ରବଳ ବର୍ଷା ପାଇଁ ଗଜପତି, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ସମ୍ଭାବ୍ୟ ବର୍ଷା ପବନକୁ ଦୃଷ୍ଟିରେ ରଖି ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା ୧୬ ତାରିଖ ଯାଏଁ ସମୁଦ୍ର ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି ।

### ରାଜ୍ୟରେ ଆଇନଶୃଙ୍ଖଳା...

ରାଜ୍ୟର ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ପ୍ରାୟ ୨ଘଣ୍ଟା ଧରି ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନାରୀ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଜିରୋ ଟଲେରାନ୍ସ ନୀତିକୁ ଗୁରୁତ୍ୱ ଦେଇ ପୁଲିସ ଯେଭଳି ସବୁବେଳେ 'ଆକ୍ସନ ମୋଡ୍'ରେ ରହିବ ତାହା ସୁନିଶ୍ଚିତ କରିବାକୁ କହିଛନ୍ତି । ସ୍କୁଲ ଓ କଲେଜ ଅଂଚଳରେ ନିୟମିତ ପାଟ୍ରୋଲିଂ କରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରଦାନ, ଟ୍ରାଫିକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବରିଷ୍ଠ ପୁଲିସ ଅଧିକାରୀମାନେ ନିୟମିତ ଏସବୁର ତଦାରଖ କରିବାକୁ ମଧ୍ୟ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଡ଼ୋଶୀ ରାଜ୍ୟ ସୀମା ଦେଇ ଓଡ଼ିଶାକୁ ଆସୁଥିବା ବ୍ରାଉନସୁଗାର ଚାଲାଣ ଏବଂ ବେଆଇନ ଗଞ୍ଜେଇ ଚାଷକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରୁ ଜଣାପଡ଼ିଛି ଯେ, ଗତ ବର୍ଷକ ମଧ୍ୟରେ ୮୦୩୫ ମହିଳା ଓ ୩୩୦୬ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି । ଗତ ୧୫ ବର୍ଷର ତଥ୍ୟ ଅନୁଯାୟୀ, ବିଗତ ଏକ ବର୍ଷରେ ଅଧିକାଂଶ କ୍ଷେତ୍ରରେ ଅପରାଧ ହ୍ରାସ ପାଇଥିବା ବୈଠକରେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା । ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ବାଲି ଚୋରାଚାଲାଣ ଏବଂ ଜାମିନ୍ ବିହୀନ ୱାରେଂଟ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପୁଲିସର କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ପୁଲିସ ବିଭାଗରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ନେଇଛନ୍ତି । ଏହା ପୋଲିସ ବିଭାଗକୁ ଆହୁରି ସଶକ୍ତ କରିବ ଏବଂ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ସୁଧାରିବାରେ ସହାୟକ ହେବ । ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରାୟ ୬ମାସ ବ୍ୟବଧାନରେ ପୁଲିସର କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗତ ଜାନୁୟାରୀ ମାସରେ ଗୃହ ବିଭାଗର ସମୀକ୍ଷା କରି କେତେକ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଥମଥର ପାଇଁ ଶ୍ରୀ ମାଝୀ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ଯେଉଁଥିରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ସମେତ ମୁଖ୍ୟ ସଚିବ, ଗୃହ ସଚିବ, ପୁଲିସ ଡିଜି, କ୍ରାଇମବ୍ରାଂଚ ଡିଜି, ଗୁଇନ୍ଦା ଡିଜି, ଗୃହ ବିଭାଗର ସ୍ୱତନ୍ତ୍ର ଡିଜିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଓ ବ୍ୟକ୍ତିଗତ ସଚିବ ଉପସ୍ଥିତ ଥିଲେ ।

### ୨୫ ହଜାର ଲାଞ୍ଚ...

ଡାକ୍ତରଙ୍କୁ ୨୫ ହଜାର ଟଙ୍କା ମାଗିଥିଲେ । ତାଙ୍କ ପ୍ରତି ଅନ୍ୟାୟ କରାଯାଉଥିବା ବିଚାର କରି ଯୁବ ଡାକ୍ତର ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଆଉ ତା' ପରେ ଯୋଜନା ପ୍ରକାରେ ଆଜି ଯୁବ ଡାକ୍ତରଙ୍କଠାରୁ କିରାଣି ଶ୍ରୀ ପଟ୍ଟନାୟକ ଓ ପିଅନ ଶ୍ରୀ ନାୟକ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ସେମାନଙ୍କୁ ଧରିଥିଲେ । ସେମାନଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ଭିଜିଲାନ୍ସ ପକ୍ଷରୁ କିରାଣି ଶ୍ରୀ ପଟ୍ଟନାୟକଙ୍କ ଦୁଇଟି ଠିକଣାରେ ମଧ୍ୟ ଚଢ଼ାଉ କରାଯାଇଥିଲା । ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ଦୁଇ ଅଭିଯୁକ୍ତଙ୍କ ନାଁରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି ।

### ସରିଲା କ୍ୟାବିନେଟ୍ ...

ଅନୁମୋଦନ କରିଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ ସୂଚନା ଦେବା ସହ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ରିଲିଜ୍ ମଧ୍ୟ ଜାରି ହୋଇଛି । ଚାଷୀଙ୍କୁ ଗୋଟିଏ ଛାତ ତଳେ ତା'ର ଉତ୍ପାଦିତ ଫସଲ ବିକ୍ରି ଓ ଉଚିତ୍ ମୂଲ୍ୟ ଦେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମଠୁ ଆରମ୍ଭ କରି ଶୀତଳଭଣ୍ଡାର, ଓଜନ ସରଞ୍ଜାମ, ବହୁମୁଖୀ ଗୋଦାମ ସୁବିଧା, ବିଶ୍ରାମ ଗୃହ, ପରିବହନ ସୁବିଧା, ପାର୍କିଂ ଓ ଉଚ୍ଚମାନର ଯନ୍ତ୍ରପାତି ଆଦି ପ୍ରଦାନର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ 'ମଡେଲ ମଣ୍ଡି' ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ମଣ୍ଡି ସ୍ଥାପନ ନିମନ୍ତେ ଆବଶ୍ୟକ ସର୍ଭେ ଆଦି କାର୍ଯ୍ୟ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୩୮ଟି ମଣ୍ଡି ବିକଶିତ କରାଯିବ । ଏଥିରେ ୧୪ଟି ବୃହତ୍?, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି । ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ । ଏହି ନିର୍ମାଣ କାର୍ଯ୍ୟର ତଦାରଖ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ(ଓସମା ବୋର୍ଡ) ଏକ ସେଲ୍ ଗଠନ କରି କରିବ । ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ୩୮ଟି ମଡେଲ୍ ମଣ୍ଡି ସ୍ଥାପନ ପାଇଁ ସମବାୟ ବିଭାଗ ୩୦୦କୋଟି ଟଙ୍କାର ପ୍ରାରମ୍ଭିକ ଆକଳନ କରିଛି । ଆରଏମସିଗୁଡ଼ିକର ନିଜସ୍ୱ ଅର୍ଥରୁ ୧୫୦କୋଟି ଓ ବାକି ରାଜ୍ୟ ସରକାର ୧୫୦କୋଟି ଟଙ୍କା ଦେବେ । ଚଳିତବର୍ଷ ବଜେଟରେ ୫୦କୋଟି ଟଙ୍କା ସରକାର ବ୍ୟବସ୍ଥା କରିଛନ୍ତି । ଓଡ଼ିଶାକୁ ପୂର୍ବ ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର କରିବା ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ମେଂଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ (ଏମଆରଓ) କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ଏହା ପୂର୍ବ ଭାରତର ପ୍ରଥମ ବଡ଼ ଏମଆରଓ କେନ୍ଦ୍ର ହେବ । ଏହି ପ୍ରକଳ୍ପ ସରକାରଙ୍କ ବି-ମାନ (ବିଲଡିଂ ଆଣ୍ଡ ମ୍ୟାନେଜମେଂଟ ଅଫ ଏଭିଏସନ ଆସେଟସ ଆଣ୍ଡ ନେଟୱାର୍କ) ଯୋଜନାର ଅଂଶ । ଘରୋଇ ନିବେଶକଙ୍କୁ ଆକୃଷ୍ଟ ପାଇଁ ଇଣ୍ଡଷ୍ଟ୍ରିଆଲ ପଲିସି ରେଜୋଲ୍ୟୁସନ (ଆଇପିଆର) ୨୦୨୨ ଅନୁସାରେ ଏକ ସ୍ୱତନ୍ତ୍ର ପ୍ୟାକେଜ ଅଫର କରାଯାଇଛି । ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାର୍କସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି । ବିଶ୍ୱ ଏମଆରଓ ବଜାର ୨୦୩୧ ସୁଦ୍ଧା ୧୧୭ ବିଲିୟନ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି, ଆଉ ଭାରତର ଏମଆରଓ ଶିଳ୍ପ ସେହି ସମୟ ସୁଦ୍ଧା ୪ ବିଲିୟନ ଡଲାରରେ ପହଂଚିବ । ସମ୍ବଲପୁରରେ ପାନୀୟ ଜଳ ଯୋଗାଣ: ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ଘଂଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି । ୩୮୨.୪୦ କୋଟି ଟଙ୍କା (ଜିଏସଟି ବ୍ୟତୀତ) ବ୍ୟୟରେ ଏହି ପ୍ରକଳ୍ପ ଏମ/ଏସ ଇଗଲ ଇନଫ୍ରା ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହେବ । ଏଥିରେ ୧୧୦ ଏମଏଲଡି କ୍ଷମତାର ଏକ ଜଳ ଗ୍ରହଣ କୂଅ ଓ ୬୫ ଏମଏଲଡି ଏବଂ ୩୫ ଏମଏଲଡି କ୍ଷମତାର ଦୁଇଟି ଜଳ ଶୁଦ୍ଧିକରଣ କେନ୍ଦ୍ର ନିର୍ମାଣ ହେବ । ଏହି କାମ ୧ ସେପ୍ଟେମ୍ବର ୨୦୨୫ରୁ ଆରମ୍ଭ ହୋଇ ୩୧ ଅଗଷ୍ଟ ୨୦୨୭ ସୁଦ୍ଧା ଶେଷ ହେବ ।

### ଭାରତକୁ ପାକିସ୍ତାନ...

ଅପରେସନ୍ ସିନ୍ଦୂରରେ ଝଟକା ପରେ ଝଟକା ପାଇବା ପରେ ଲାଗୁଛି କିଛି ଶିଖିନି ଶତ୍ରୁ ଦେଶ । ପହଲଗାମ ଆତଙ୍କୀ ଆକ୍ରମଣ ପରେ ସିନ୍ଧୁନଦୀ ଜଳ ଚୁକ୍ତି ବନ୍ଦ କରିଛି ଭାରତ । ଚୁକ୍ତି ରଦ୍ଦ ପାଇଁ ପ୍ରଥମେ ବାରମ୍ବାର ନିବେଦନ କଲା, ଭାରତ ନଶୁଣିବାରୁ ବର୍ତ୍ତମାନ ପୁଣି ନିଜର ଅସଲ ଚେହେରା ଦେଖାଉଛି ଆତଙ୍କୀସ୍ତାନ । ଯେତେ ମୁହଁ ଫୁଟାଣି କଲେ ବି ଭାରତର ପାଣି ଉପରେ ପାକିସ୍ତାନ ନିର୍ଭରଶୀଳ । ଚାଷ, ବିଦ୍ୟୁତ ଉତ୍ପାଦନ ପାଇଁ ପାକିସ୍ତାନ ସିନ୍ଧୁ ନଦୀ ଉପରେ ମୁଖ୍ୟତ ନିର୍ଭର କରେ । ଅନ୍ୟପଟେ ଚେନାବ ନଦୀ ଉପରେ ଭାରତ ହାଇଡ୍ରୋପାୱାର ପ୍ରୋଜେକ୍ଟ ନିର୍ମାଣ କଲାଣି, ଯାହାକୁ ଦେଖି ଛାନିଆ ପାକିସ୍ତାନ ।

### ପାୱାରଲେସ୍ ହେଲେ...

ହେଲେ ଏଣିକି ଆଉ ୨୦ ଲକ୍ଷ କାମ ଯାଏଁ ଅଧ୍ୟକ୍ଷଙ୍କ କାଉଣ୍ଟର ସିଗ୍ନେଚର ଆବଶ୍ୟକ ନାହିଁ । ପୂରା କ୍ଷମତା ବିଡିଓଙ୍କ ହାତକୁ ଟେକି ଦିଆଯାଇଛି । ୨୦ ଲକ୍ଷରୁ ୫୦ ଲକ୍ଷ ଯାଏଁ କାମରେ ଅଧ୍ୟକ୍ଷଙ୍କ ଦସ୍ତଖତ ଜରୁରୀ । ତେବେ ବ୍ଲକରେ ପାଖାପାଖି ୯୦ ପ୍ରତିଶତ କାମ ୨୦ ଲକ୍ଷ ଟଙ୍କାରୁ କମ୍ ରହିଥାଏ । ଯାହାକୁ ବିରୋଧ କରିଛନ୍ତି ବ୍ଲକ୍ ଅଧ୍ୟକ୍ଷମାନେ । ଏପଟେ ପଞ୍ଚାୟତିରାଜର ଏମିତି ନିର୍ଦ୍ଦେଶନାମାକୁ ନେଇ ତେଜିଛି ରାଜନୀତି । ସରକାରଙ୍କ ଉପରେ ଅଭିଯୋଗ ଆଣି ବିଜେଡି କହିଛି, ରାଜ୍ୟରେ ଏବେ ୯୦ ଭାଗ ବ୍ଲକ ଅଧ୍ୟକ୍ଷ ବିଜେଡି ସମର୍ଥିତ ହୋଇଥିବାରୁ ପଞ୍ଚାୟତ ଚୋରି କରିବାକୁ ଏହି ନିଷ୍ପତ୍ତି । ଏମିତି କରି ଗଣତାନ୍ତ୍ରିକ ପଦ୍ଧତିକୁ ମାରିଦେବାକୁ ସରକାର ଚେଷ୍ଟା କରୁଛନ୍ତି । ଶାସକ ବିଜେପି ପାଖରେ ବ୍ଲକ କମ୍ ଥିବାରୁ ଜାଣିଶୁଣି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରତିକ୍ରିୟା ରଖିଛି କଂଗ୍ରେସ । ଜବାବରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେଉଁମାନେ କ୍ଷମତା ଲୋଭରେ ଅଛନ୍ତି, ସେମାନେ କ୍ଷମତା କଟିବା କଥା କହୁଛନ୍ତି, କିନ୍ତୁ ଆବଶ୍ୟକତା ଦୃଷ୍ଟିରୁ ସମୟ ସମୟରେ ସଂଶୋଧନ ହୋଇଥାଏ, ତାହା ହୋଇଛି । ଯଦିଓ ଅଧିକାଂଶ ବ୍ଲକ ଏବେ ବିଜେଡି ଦଖଲରେ ରହିଛି, କିନ୍ତୁ ନିର୍ବାଚନରେ ଅପ୍ରତ୍ୟାଶିତ ପଟ୍ଟ ପରିବର୍ତ୍ତନ ପରେ ରାଜ୍ୟ ରାଜନୀତିରେ ଦେଖାଦେଇଛି ଏକ ଅଲଗା ଟ୍ରେଣ୍ଡ । ବିଜେପି ମୁହାଁ ହେଉଛନ୍ତି ଜନ ପ୍ରତିନିଧି । ଆଉ ଏହି ନିଷ୍ପତ୍ତି ପରେ ଏହି ଟ୍ରେଣ୍ଡ କେଉଁ ମୋଡ ନେଉଛି ତାଉପରେ ନଜର ।

### ଜୀବନ ପ୍ରତି ବିପଦ ...

ଏହି ପୃଷ୍ଠଭୂମିରେ ରାହୁଲ ଗାନ୍ଧି ଏବେ ଯେଉଁଭଳି ପଦକ୍ଷେପ ନେଉଛନ୍ତି, ସେଥିପାଇଁ ତାଙ୍କୁ କ୍ଷତି ପହଞ୍ଚାଇବାକୁ ମଧ୍ୟ ଚେଷ୍ଟା କରାଯାଇ ପାରେ । ତେଣୁ ଏହାକୁ କୋର୍ଟଙ୍କୁ ଅବଗତ କରାଯିବାର ଆବଶ୍ୟକତା ରହିଛି । ଆମେ କୋର୍ଟରେ ଏପରି ଆବେଦନ କରିଥିଲୁ ଓ ଏହାକୁ ଗ୍ରହଣ କରାଯାଇଛି । ସେପଟେମ୍ବର ୧୦ରେ ଏହା ଶୁଣାଣି ହେବ ।" ଆବେଦନରେ ସାତ୍ୟକି ସାବରକର ରଖିବା ବୟାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଯେଉଁଥିରେ ସେ ସିଧାସଳଖ ନିଜକୁ ନାଥୁରାମ ଗଡସେ ଓ ଗୋପାଳ ଗଡସେର ବଂଶଜ ଭାବେ କହୁଛନ୍ତି । ନିଜର ମା'ଙ୍କ ଘର ପଟୁ ଦୁଇ ଗଡସେ ସହ ତାଙ୍କର ସମ୍ପର୍କ ଥିବା ସେ ସ୍ୱୀକାର କରିଛନ୍ତି । ନାଥୁରାମ ହେଉଛି ଜାତିର ପିତା ମହାତ୍ମା ଗାନ୍ଧିଙ୍କ ହତ୍ୟାର ମୁଖ୍ୟ ଦୋଷୀ ।

ଧ୍ୱନି ପ୍ରତିଧ୍ୱନି

# ମାଣିଖମ୍ବରେ ମିର୍ଜା ପୋଖରୀ ବିଶେଶ୍ୱର ମହାଦେବଙ୍କ ଶ୍ରାବଣ ମାସର ଶିବ ପୁରାଣ କଥା ପ୍ରବଚନ

ବାଲେଶ୍ୱର, ୧୩/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ରେ ମିର୍ଜା ପୋଖରୀ ବିଶେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଶ୍ରାବଣ ମାସର ଶିବ ପୁରାଣ କଥା ବିଶେଶ୍ୱର ମହାଦେବ ପୂଜା କମିଟି ଦ୍ୱାରା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଶିବ ପୁରାଣ କଥାକୁ ଶ୍ରୀ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚକ ତାଙ୍କ ପ୍ରବଚନ ମାଧ୍ୟମରେ ଜନସାଧାରଣଙ୍କୁ ଶିବଙ୍କ ମହିମା ଲୋକଙ୍କୁ କହିଥିଲେ । ଏହି ପ୍ରବଚନ ଶୁଣିବା ପାଇଁ ବହୁ ଦୂର ଦୁରାନ୍ତରୁ ବୁଦ୍ଧିଜୀବୀ ଜନ ସାଧାରଣ ସହ ସହ ସଂଖ୍ୟାରେ ରୁଣ୍ଡ ହେଇଥିଲେ । ପ୍ରବଚନ ଆରମ୍ଭରୁ ମୁଖ୍ୟ ପୂଜକ ବିଶେଶ୍ୱର ମହାଦେବଙ୍କ ଆଜ୍ଞା ମାଳ ନେଇ ଶାନ୍ତି ସ୍ୱରୂପ ମିଶ୍ର ଙ୍କୁ ଦେଇ ଥିଲେ। ଶାନ୍ତି ସ୍ୱରୂପ ମିଶ୍ର ତାଙ୍କ ପ୍ରବଚନ ମାଧ୍ୟମରେ ଶିବ ଓ ମାତା ପାର୍ବତୀଙ୍କ ମିଳନ , ଶିବ ପୂଜା ଓ ଶ୍ରାବଣ ମାସରେ ଜଳ ଲାଗି କଲେ କଣ ସୁଫଳ ମିଳେ ବୁଝାଇଥିଲେ । ଏହା ଛଡ଼ା ଶିବଙ୍କର ଶ୍ରୀ ରାମଙ୍କ ସହିତ କି ସମ୍ପର୍କ ଓ ଜଗନ୍ନାଥ କିଏ ଏବଂ ଜଗନ୍ନାଥ ଙ୍କ ସହ ଶିବ ଙ୍କ ସମ୍ପର୍କ କଥା ବୁଝାଇ ଥିଲେ । ପ୍ରବଚନ ମାଧ୍ୟମରେ ଲୋକଙ୍କୁ ବୁଝାଇଥିଲେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ନିବିଡ଼ ସମ୍ପର୍କ ରହିବା ଦରକାର , କାରଣ ସ୍ୱାମୀ ସ୍ତ୍ରୀ ଇହ କାଳ ପର କାଳ ଦେବତା , ତେଣୁ ପ୍ରବଚନର ରାମ ଓ ସୀତା କଳି ସହିତ ତୁଳନା କରି ଲୋକଙ୍କୁ ଉପଦେଶ ଦେଇଥିଲେ । ଘରର କଳି ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ରହିବା ଦରକାର ଯଦି ତୃତୀୟ ପକ୍ଷ କଳି ବିଷୟରେ ଆଲୋଚନା କଲେ ତୃତୀୟ ପକ୍ଷ ଫାଇଦା ଉଠାଇଥାଏ । ଯାହା ଫଳରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବହୁ ପରିମାଣରେ ତିକ୍ତତା ହେବା ସଙ୍ଗେ ସଙ୍ଗେ କ୍ଷତି ଦେଖାଯାଏ । ଶିବ କିପରି ସତ୍ୟ ଶିବ ସୁନ୍ଦର ହେଲେ ସେ ବିଷୟରେ ପ୍ରବଚନ ମାଧ୍ୟମରେ ଜନସାଧାରଣଙ୍କୁ ଉପଦେଶ ଦେଇଥିଲେ। ସମସ୍ତ ଶ୍ରଦ୍ଧାଳୁ ଭକ୍ତ ପ୍ରସାଦ ସେବନ କରିଥିଲେ। ଗୌର ବିଳାସ ମିଶ୍ର , ଗୌର ସାଧନ ମିଶ୍ର , ଦୀପ୍ତି ସ୍ୱରୂପ ମିଶ୍ର, ଗୌର ସୁନ୍ଦର ମିଶ୍ର , ଶଶି ପାଣିଗ୍ରାହୀ , ଯୋଗ ଜୀବନ ପଣ୍ଡା , ପୂଜକ ନୀତ୍ୟା ନନ୍ଦ ହୋତା , ଯଶୋଦା ନନ୍ଦନ ଆଶ୍ ପରିଚାଳନାରେ ସହଯୋଗ କରିଥିଲେ।

# କାର ଏବଂ ପିକଅପ ଭ୍ୟାନ ଜବତ



ବେତନଟୀ, ୧୩/୮ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ କାଠମାଫିଆଙ୍କ ପିଛାକରୁଥିବା ବେଳେ ମଦୁଆକାରଚାଳକଙ୍କୁ ଗିରଫ କରିବା ସହିତ କାର ସମେତ ଏକ ସନ୍ଦୀଗ୍ଧ ପିକଅପଭ୍ୟାନକୁ ମଧ ଜବତକରି ଥାନାକୁ ଆଣିଛି ପୁଲିସ । ଗିରଫ କାରଚାଳକ ଜଣକ ହେଉଛି ରାସଗୋବିନ୍ଦପୁର ଥାନା ଅଧୀନ ମଣ୍ଡାଭାଟି -ଗୋବରା ଅଞ୍ଚଳର ଗୋକୁଳାନନ୍ଦ ବେହେରାଙ୍କ ପୁଅ ନିଗମାନନ୍ଦ ବେହେରା(୩୧) । ହସ୍ତଗତ ସୂଚନା ମୁତାବକ ଚୋରାକାଠ ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବାପରେ ବେତନଟୀ ପୁଲିସର ଏକ ପେଟ୍ରୋଲିଂ ଟିମ ମଙ୍ଗଳବାର ବିଳମ୍ବିତ ରାତିରେ ସଂସା, ପୁରିନ୍ଦା, ଅମଣିନ୍ଦା, ମସର୍ଦାଛକ ଇଲାକାରେ ପେଟ୍ରୋଲିଂକୁ ଜୋରଦାର କରିଥିଲା। ତେବେ ବିଳମ୍ବିତ ରାତିରେ ସନ୍ଦେହଜନକ ଅବସ୍ଥାରେ ଦ୍ରୁତଗତିରେ ଆସୁଥିବା ଗୋବରା ଅଞ୍ଚଳର ଜ୍ୟୋତ୍ସ୍ନାରାଣୀ ବେହେରା ନାମରେ ପଞ୍ଜୀକୃତ ଓଡି-୦୧ଏଟି-୫୧୮୦ ନମ୍ବର ବିଶିଷ୍ଟ ଦାମୀ କାରକୁ ଅଟକାଇଥିଲେ କାରଚାଳକ ନିଗମାନନ୍ଦ ବେହେରା ପ୍ରଚୁର ମଦ୍ୟପାନ କରିଥିବାର ଜାଣିବାକୁ ପାଇଥିଲେ । ସେହି ସମୟରେ ସନ୍ଦୀଗ୍ଧ ଅବସ୍ଥାରେ ଯାଉଥିବା ଚିତ୍ତରଞ୍ଜନ ନାୟକ ନାମରେ ପଞ୍ଜୀକୃତ ଓଡି-୦୧ଏକ୍ୟୁ-୨୯୨୯ ନମ୍ବର ବିଶିଷ୍ଟ ପିକଅପଭ୍ୟାନ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ପିକଅପ ଭ୍ୟାନ ଡାଲାରେ କାଠଗଣ୍ଡିର ଅଂଶବିଶେଷ ପଡିଥିବାର ଦେଖିବାକୁ ପାଇଥିଲେ ଉଭୟ କାର ଏବଂ ପିକଅପ ଭ୍ୟାନକୁ ଜବତ କରି ଥାନାକୁ ଅଣାଯାଇଥିଲା । ମଦପିଇ ଗାଡି ଚଳାଇବା ପାଇଁ ୩୭୦ ନମ୍ବରରେ ମାମଲା ରୁଜୁକରି କାରକୁ ଜବତ କରାଯାଇଥିବା ବେଳେ ସନ୍ଦୀଗ୍ଧ ପିକଅପଭ୍ୟାନର ପଞ୍ଜୀକରଣ ଏବଂ ଆବଶ୍ୟକ କାଗଜପତ୍ର ଯାଞ୍ଚ ପାଇଁ ପରିବହନ ବିଭାଗକୁ ହସ୍ତାନ୍ତର କରାଯିବା ବୋଲି ବେତନଟୀ ଥାନା ଆଇଆଇସି ସୂଚନା ଦେଇଛନ୍ତି । ମଦ୍ୟପ ଗାଡିଚାଳକ ନିଗମାନନ୍ଦକୁ ସର୍ତ୍ତମୂଳକ ନୋଟିସ ବଳରେ ଛଡାଯାଇଥିବା ଜଣାଯାଇଛି ।

# ଜୀ ସାର୍ଥକ ପ୍ରସ୍ତୁତ 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ' ମଞ୍ଚରେ ଅତିଥି ବିଚାରକ ଭାବେ ମୁମ୍ବାଇର ବରିଷ୍ଠ ଅଭିନେତା ପୁନିତ ଇଶାର



ଭୁବନେଶ୍ୱର, ୧୩/୮ (ନି.ପ୍ର): ଜୀ ସାର୍ଥକରେ ଗତ ୯ ଅଗଷ୍ଟରୁ ପ୍ରସାରିତ ହେଉଥିବା ଓଡିଶାର ବଡ଼ ରିୟାଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ୍' ମଞ୍ଚରେ ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ତଥା ଭାରତର ସବୁଠାରୁ ବଡ଼ ଧାରାବାହିକ ମହାଭାରତର ଦୁର୍ଯ୍ୟୋଧନ ଓରଫ ପୁନିତ ଇଶାର ଅତିଥି ବିଚାରକ ଭାବେ ଯୋଗଦେଇଛନ୍ତି । ଓଡ଼ିଶାରେ କୋଣ ଅନୁକୋଣରେ ଅନେକ ଟ୍ୟାଲେଣ୍ଟେଡ କଳାକାର ଅଛନ୍ତି ଏବଂ ଆହୁରି ଅଧିକ ନବୀନ କଳାକାର ସୃଷ୍ଟି କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟଫର୍ମ ଯୋଗାଇଦେଉଛି ସେଥିପାଇଁ ଚ୍ୟାନେଲକୁ ସାଧୁବାଦ ଜଣାଇଥିଲେ ପୁନିତ । ଅଧିକ ପରିଶ୍ରମ କଲେ ନିଶ୍ଚିତ ଭାବେ ନିଜ ଲକ୍ଷସ୍ଥଳରେ ପହଞ୍ଚି ପାରିବ ବୋଲି ମତ ଦେଇଥିଲେ । ସାରା ଭାରତରେ ଅନେକ ରିୟାଲିଟି ଶୋ ଚାଲିଛି ହେଲେ ଆମ ଆଞ୍ଚଳିକ ଚ୍ୟାନେଲ ମାନଙ୍କରେ ମଧ ଉଚ୍ଚକୋଟିର ରିୟାଲିଟି ଶୋ ହେଉଛି ଏବଂ ଯୁବପିଢ଼ି ମନୋରଞ୍ଜନ ଦୁନିଆ ପ୍ରତି ଆକର୍ଷିତ ହୋଇ ନିଜର କ୍ୟାରିୟର ଗଢିବାରେ ଲାଗି ପଡୁଛନ୍ତି । ଓଡ଼ିଶାର ଘରେ ଘରେ ପରିଚିତ, ରାଜ୍ୟର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକର ଗୋଟିଏ ପରେ ଗୋଟିଏ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ଦର୍ଶକଙ୍କ ମନ ଜିତିଛି । ସେହିପରି 'ଓଡ଼ିଶାର ବେଷ୍ଟ ସିନେଷ୍ଟାର ର ଖୋଜ' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ ଯାହା ଓଡ଼ିଶାର ପରବର୍ତ୍ତୀ ବଡ଼ ଅଭିନେତାକୁ ପରିଚୟ ଦେବ । ଏହି ରିଆଲିଟି ଶୋ ରେ ଆଶାୟୀ ଯୁବ ଅଭିନେତା ଓ ଅଭିନେତ୍ରୀମାନେ ସେମାନଙ୍କର ବହୁମୁଖୀ ଅଭିନୟ, ସ୍କ୍ରିନରେ ଉପସ୍ଥିତି ଏବଂ ଷ୍ଟାର ଶକ୍ତି ମାଧ୍ୟମରେ - ଠିକ୍ ବଡ ପରଦାରେ ପ୍ରକୃତ ନାୟକ ଏବଂ ନାୟିକାମାନଙ୍କ ପରି ବିଭିନ୍ନ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦୀତା କରି ଆଗାମୀ ସୁପରଷ୍ଟାର ହେବା ପାଇଁ ନିଜର ଦାବିଦାରି ଉପସ୍ଥାପନ କରୁଛନ୍ତି । ତେବେ ଚଳିତ ବର୍ଷ ବଡ଼ ଧୁମଧାମ ସହିତ ଆୟୋଜିତ ହୋଇଛି ଏହି ରିୟାଲିଟି ଶୋ । ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ସବୁ ପ୍ରକାର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବେ । ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରିବେ ଓ ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ ଯିଏ ପାଇବେ ବଡ ସ୍କ୍ରିନକୁ ପ୍ରବେଶ କରିବାର ବଡ ସୁଯୋଗ । ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ ହେବେ। ଏହି ରିୟାଲିଟି ଶୋ ରେ ବିଚାରକ ଭାବରେ ଓଲିଉଡ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ଶ୍ରୀତମ, ଲିପି ଏବଂ ନମ୍ରତା ଥାପା ନଜର ଆସିବେ ଓ ଉପସ୍ଥାପନା କରିବେ ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ । ପ୍ରତ୍ୟେକ ଶନିବାର ଓ ରବିବାର, ରାତି ୯:୩୦ରୁ କେବଳ ଜୀ ସାର୍ଥକରେ ଦର୍ଶକ ଦେଖିପାରିବେ । ଓଡ଼ିଶାର କଳା ଓ ସ୍ଥାପତ୍ୟ ଓ ଅଭିନୟକୁ ଆଗକୁ ନେବା ପାଇଁ ଜୀ ସାର୍ଥକ ସବୁବେଳେ ଚେଷ୍ଟାରତ, ତେଣୁ ଆମ ସହିତ ଯୋଡି ହୋଇ ରୁହନ୍ତୁ ଓ ଚ୍ୟାନେଲର ଏହି ପ୍ରୟାସକୁ ଆଉ ପାଦେ ଆଗକୁ ନେବା ପାଇଁ ଅନୁରୋଧ କରିଛନ୍ତି ଚ୍ୟାନେଲ କର୍ତୃପକ୍ଷ ।

# ବାଳାଶ୍ରମରେ ମିଷ୍ଟାନ୍ନ ରାକ୍ଷି ବାଣ୍ଟିଲେ ସାଂସଦ ପ୍ରତିନିଧି

ବସ୍ତା, ୧୩/୮ (ନି.ପ୍ର):ବସ୍ତା ସ୍ଥିତ ମଥାନୀ ପଞ୍ଚାୟତ ରେ ଥିବା ମାଗୁଣି ଚରଣ ବାଳାଶ୍ରମରେ ଅନ୍ତେବାସୀ ପିଲା ମାନଙ୍କୁ ବୁଧବାର ରାକ୍ଷି ଓ ମିଷ୍ଟାନ୍ନ ବାଣ୍ଟିଛନ୍ତି ସାଂସଦ ପ୍ରତିନିଧି ପ୍ରଦୀପକୁମାର ପଣ୍ଡା ଓ ବିଜେପି ନେତାମାନେ । ଆଶ୍ରମର ଅଧ୍ୟକ୍ଷ ହରିହର ମହାପାତ୍ରଙ୍କ ଉପସ୍ଥିତରେ ବିଜେପି ନେତା ସୂର୍ଯ୍ୟନାରାୟଣ ସାହୁ ଉମାକାନ୍ତ ବେଜ.ମୁକ୍ଷା ଆଇଚ ପ୍ରଶନ୍ନ ସେନାପତି ସମେତ ବିଜେପି କର୍ମୀ ଉପସ୍ଥିତ ରହି ପିଲାମାନଙ୍କୁ ରାକ୍ଷି ଓ ମିଷ୍ଟାନ୍ନ ଦେଇଥିଲେ ।

# ଦୀର୍ଘ ୯୬ ଘଣ୍ଟା ପରେ ମିଳିଲା ଭାସିଯାଇଥିବା ନାବାଳିକା ଭଉଣୀର ଶବ

ଜଳେଶ୍ୱର, ୧୩/୮ (ନି.ପ୍ର): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ୯ ତାରିଖ ରେ ଜଳେଶ୍ୱର ବ୍ଲକ୍ ଶିଖର ପୁର ପଂଚାୟତ ର ଶିଖରପୁର ଘାଟରେ ଜଳଲାଗି ପାଇଁ ଯାଇଥିବ ଦୁଇ ଭଉଣୀ ସୁବର୍ଣ୍ଣରେଖା ନଦୀ ସୁଅ ରେ ଭାଷୀ ଯାଇଥିଲେ ଏବଂ ନିଖୋଜ ହୋଇ ଯାଇଥିଲେ। ନିଖୋଜ ହେବାର ଦିର୍ଘ ୯୬ ଘଣ୍ଟା ପରେ ଭୋଗରାଇ ବ୍ଲକ୍ ଭୁସୁଣ୍ଡେଶ୍ୱର୍ ଅଞ୍ଚଳର କୁମ୍ଭୀରଗଡ଼ି ଠାରେ ଆଜି ସକାଳ ସମୟ ରେ ଶବ ଭାସୁଥିବା ଅବସ୍ଥାରେ ଅଞ୍ଚଳ ବାସୀ ଦେଖିବା ପାଇଁ ପାଇଥିଲେ। ସୂଚନା ଅନୁସାରେ ଶିଖରପୁର ଗ୍ରାମର କିଛି ଲୋକ ଭୁଶୁଣ୍ଡେଶ୍ୱର୍ ଅଞ୍ଚଳ କୁମ୍ଭାରଗଡି ସୁବର୍ଣ୍ଣରେଖା ନଦୀର ପାଖାପାଖି ଅଞ୍ଚଳ ରେ ଚାରିଦିନ ହେବ ଖୋଜା ଖୋଜି କରୁଥିଲେ ଏବଂ ପାଖ ଲୋକଙ୍କୁ ପଚାରିଥିଲେ ମଧ ପରେ ଆଜି ସକାଳ ସମୟ ରେ କୁମ୍ଭାରଗଡି ଅଞ୍ଚଳ ନଦୀରେ ରେ ଏକ ଶବ ଭାଶୁଥିବା ଅବସ୍ଥା ରେ କିଛି ଲୋକ ଦେଖିବା ପାଇଁ ପାଇଥିଲେ ଏବଂ ଭୋଗୋରାଇ ପୋଲିସ ଏବଂ ଭୋଗରାଇ ଦମକଳ କେନ୍ଦ୍ର କୁ ଖବର ଦେଇଥିଲେ। ପରେ ପୋଲିସ ପହଞ୍ଚି ଦମକଳ ବାହିନୀ ଦ୍ୱାରା ଦ୍ୱାରା ଶବ କୁ ଉଦ୍ଧାର କରି କୂଳ କୁ ଆଣିଥିଲେ। ଉଦ୍ଧାର ହୋଇଥିବା ଶବ ର ପରିବାର ଲୋକ ଙ୍କୁ ଖବର ଦେଇଥିଲେ। ଉଦ୍ଧାର ହୋଇଥିବା ଶବ ଟି ପଚି ଦୁର୍ଗନ୍ଧ ବାହାରୁଥିଲା ଏଂ ଶବ ଟିକୁ କିଛି କିଛି ଜାଗା ରେ ମାଛ ମାନେ ମଧ ଖାଇଯାଇଥିଲେ ଏପରିକି ଶବକୁ ଚିହ୍ନିବା ମଧ କଷ୍ଟକର ଥିଲା । ଶବର ପରିବାର ଲୋକେ ତରଫରୁ ବାପା କାହ୍ନୁ ଚରଣ ଦାସ, ବଡ ବାପା ଅଭିରାମ ଦାସ୍ ପଂଚାୟତ ସରପଂଚ ବିଦ୍ୟାଧର ମଲ୍ଲିକ ଗ୍ରାମବାସୀ ମାନଙ୍କ ମଧ୍ୟରୁ ବଳରାମ ଦାସ୍, ତପୁ ଓଝା, ବଳରାମ ଓଝା, ସିଦ୍ଧାର୍ଥ ଦାସ୍ ପହଞ୍ଚି ଶବ ପିନ୍ଧି ଥିବା ପୋଷାକ ଦେଖି ଚିହ୍ନଟ କରି ଏହା ସାନ ଭଉଣୀ ନନ୍ଦିତା ଦାସ୍ ର ଶବ ବୋଲି ଚିହ୍ନଟ କରିଥିଲେ। ପରେ ଶବ ସତ୍କାର ପାଇଁକୁ ଗାଁକୁ ଆଣିବେ ବୋଲି ସୂଚନା ଦେଇଥିଲେ ପରିବାର।

# ଆତ୍ମହତ୍ୟା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ




ବାସୁଦେବପୁର, ୧୩/୮ (ନି.ପ୍ର): ବାସୁଦେବପୁର ଥାନା ଓ ପୋଲିସ୍ ବିଭାଗ ପକ୍ଷରୁ ବାସୁଦେବପୁର ଅଟଳ ବିହାରୀ ମହା ବିଦ୍ୟାଳୟ ପରିସରରେ ଆତ୍ମହତ୍ୟା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିର ରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଅଟଳ ବିହାରୀ ମହା ବିଦ୍ୟାଳୟର ଅଧକ୍ଷା ଡକ୍ଟର ଚିନ୍ମୟୀ ସେନାପତି, ଗଣିତ ବିଭାଗ ପ୍ରଫେସର ସୁଜାତା ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଚିତ୍ରାନନ୍ଦ ସେଠି, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ସମାଜସେବୀ ମମତା ଜେନା ଓ ଯୁବ ଆଇନଜୀବୀନୀ ଓ ସଂଗଠକ ନୀରଦ ଦାଶ । ଆମ ସମାଜରେ ଘଟି ଯାଉଥିବା ଆତ୍ମହତ୍ୟାକୁ କିପରି ରୋକା ଯାଇ ପାରିବ ଏବଂ ଆଇନର ସହାୟତା କଣ ରହିଛି ସେ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ଆତ୍ମହତ୍ୟା ମୁକ୍ତିର ପଥ ନୁହେଁ, ପ୍ରତିଟି ମୁହୂର୍ତ୍ତରେ ଛାତ୍ର ଛାତ୍ରୀ ଓ ପୁରୁଷ ଏବଂ ନାରୀ ମାନଙ୍କୁ ଧର୍ଯ୍ୟ ଧରିବାକୁ ପଡ଼ିବ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ। ଶେଷରେ ଅଧ୍ୟାପିକା ସୌଦାମିନୀ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାପାଇଁ ସ୍ଥାନ ନିରୂପଣ ନିମନ୍ତେ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



ନୀଳଗିରି, ୧୩/୮ (ନି.ପ୍ର): ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଜମି ଚିହ୍ନଟପାଇଁ ସରକାରଙ୍କ ନିର୍ଦ୍ଦେଶପରେ ଆଜି ପ୍ରଶାସନିକ ଅଧିକାରୀଙ୍କର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରିଛନ୍ତି। ନୀଳଗିରି ଭଳି ଏକ ଆଦିବାସୀ ବହୁଳ ଅଞ୍ଚଳରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଖାଲିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବହୁବାର କେନ୍ଦ୍ର ସରକାରଙ୍କ ଠାରେ ଦାବୀ କରିଆସୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ମଧ ଚିଠି ଲେଖିଥିଲେ। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମଧ ଏନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖିବା ସହ କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନରଙ୍କୁ ଚିଠିଲେଖି ଅନୁରୋଧ କରିଥିଲେ। ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଓ ବିଧାୟକ ଶ୍ରୀଯୁକ୍ତ ଖଟୁଆଙ୍କ ଅନୁରୋଧକୁ ଗୁରୁତ୍ୱଦେଇ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁମୋଦନ କ୍ରମେ ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ଏକ ଅନୁଧ୍ୟାନକାରି ଟିମ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ବୁଧବାର ପୂର୍ବାହ୍ନରେ ଜାଗା ନିରୁପଣ ନିମନ୍ତେ ନୀଳଗିରିର ମିତ୍ରପୁର, ଜାମୁଡିଆ ଏବଂ ନରଣପୁରକୁ ଆସି ତିନୋଟି ସ୍ଥାନ ପରିଦର୍ଶନ କରିଥିଲେ। କେନ୍ଦ୍ରୀୟ ଟିମ ସହିତ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଡେପୁଟି କମିଶନର ସମେତ ଅନ୍ୟ ଅଧିକାରିମାନେ ପରିଦର୍ଶନ କରିଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ବିକାଶପାଇଁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ସନ୍ତୋଷ ଖଟୁଆଙ୍କ ପ୍ରଚେଷ୍ଟା ପାଇଁ ଉଭୟଙ୍କୁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଥିବା ଜଣାପଡିଛି ।

# ସମୂହ ଛୁଟିରେ କପ୍ତିପଦା ଉପଖଣ୍ଡର ରାଜସ୍ୱ ଅମଲା

ଉଦଳା , ୧୩/୮ (ନି.ପ୍ର): କପ୍ତିପଦା ଉପଖଣ୍ଡ ମଧ୍ୟରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ସମୂହ ଛୁଟିରେ ରହିବା ସହିତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଆଇଟିଡ଼ିଏ, ତହସିଲ, ବ୍ଲକ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଅମଲା ମାନଙ୍କର କହିବାଅନୁସାରେ ସରକାର ଗତ ୨୦୧୭ ମସିହାରୁ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପରିବର୍ତ୍ତେ ସ୍ନାତକ ଓ କମ୍ପ୍ୟୁଟର ଶିକ୍ଷା ଅପରିହାର୍ଯ୍ୟ ଘୋଷଣା କଲେ । କିନ୍ତୁ ଦରମା ନବଢ଼ାଇ ସେହି ମାଟ୍ରିକ ହାରରେ ରଖିଲେ । ମୋଟାମୋଟି ଭାବରେ ଦରମା ବଢ଼ାଇବା ପାଇଁ ରାଜସ୍ୱ ଅମଲା ଆନ୍ଦୋଳନ ଚଳାଇଥିବାର ଜଣାଯାଇଛି ।

# ରାଜ୍ୟ ସରକାରଙ୍କ ତରଫରୁ ମରଣୋତ୍ତର ସୁରଜ ସମ୍ମାନ ପ୍ରଦାନ

ବାଲେଶ୍ୱର, ୧୩/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନ ୧୦.୩୦ ଘଟିକାରେ ରାଜ୍ୟ ସରକାରଙ୍କ ତରଫରୁ ଆଭାସୀ ମାଧ୍ୟମ ରେ ଆୟୋଜିତ ସୁରଜ ସମ୍ମାନ ପ୍ରଦାନ ଉତ୍ସବ ଓସ୍ୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଔପଦା ବ୍ଲକର ଶ୍ରୀ ଅଲେଖ ପ୍ରସାଦ ପରିଡା ମରଣୋତ୍ତର ଅଙ୍ଗଦାନ ଭଳି ମହାନ କାର୍ଯ୍ୟ କରିଥିବା ହେତୁ ତାଙ୍କୁ ମରଣୋତ୍ତର ସୁରଜ ସମ୍ମାନ ସହ ପାଞ୍ଚ ଲକ୍ଷ ଟଙ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ସମ୍ମାନଟିକୁ ତାଙ୍କ ପରିବାର ତରଫରୁ ଶ୍ରୀମତୀ ସୁରମା ପରିଡା ଅତିରିକ୍ତ ଜିଲ୍ଲାପାଳଙ୍କଠାରୁ ଗ୍ରହଣ କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର (ରାଜସ୍ୱ) ଶ୍ରୀ ହେମନ୍ତ ସିଂ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ , ବାଲେଶ୍ୱର, ଶ୍ରୀ ସାଇ କୃଷ୍ଣ ଜେନା, ଶ୍ରୀ ସୀତାଂଶୁ ଶେଖର ଦାଶ, ସହକାରୀ ଜିଲ୍ଲାପାଳ (ରାଜସ୍ୱ), ଶ୍ରୀ ଅବନୀ କାନ୍ତ ଭୂୟାଁ, ଡିପିଓ, ଓଏସଡିଏମ ପ୍ରମୁଖ ଉପସ୍ଥିତ ଥିଲେ ଥିଲେ ।

# ଜିଲ୍ଲା ସବରେଜିଷ୍ଟରଙ୍କ ମନମୁଖୀ କାର୍ଯ୍ୟକୁ ମୋହରୀର ସଂଘର ବିକ୍ଷୋଭ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଆପାଳ , ୧୩/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାସବରେଜିଷ୍ଟର ଅଧିକାରୀଙ୍କ ମନମୁଖୀ ଆଇନ ଅନୁଯାୟୀ ଗ୍ରାମାଞ୍ଚଳର ଜଣ ସାଧାରଣ ଜମି ବିକ୍ରୟ କରି ନପାରି ଅସୁବିଧାରେ ସମ୍ମୁଖୀନ ହୋଉଛନ୍ତି ଓ ୧୧ଦଫାଦାବି ନେଇ ମୋହରିର ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ରାମେଶ୍ୱର ବେହେରା ନେତୃତ୍ୱରେ ସମସ୍ତ ମୋହରର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୧ ଦଫା ଦାବି ଗୁଡିକ ମଧ୍ୟରେ ସ୍ଥାୟୀ ସବରେଜିଷ୍ଟ୍ରାଙ୍କ ନିଯୁକ୍ତି, ପାର୍ଟ ପ୍ଲଟ ରେଜେଷ୍ଟ୍ରି କରିବା, ଅବିଭକ୍ତ ସମ୍ପତ୍ତି ହସ୍ତାନ୍ତର କରିବା, ଉତ୍ତରାଧିକାରୀ ସାର୍ଟିଫିକେଟକୁ ଜୀବିତ ଥିବା ପଯ୍ୟନ୍ତ କାର୍ଯ୍ୟକାରୀ କରିବା, ଜାତି ପ୍ରମାଣପତ୍ର ସାରାଜୀବନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା, ଦଲିଲରୁ ଦଲିଲ ରେଜିଷ୍ଟ୍ରି କରିବା ଇତ୍ୟାଦିକୁ ନେଇ ସଂଘ ଆନ୍ଦୋଳନରେ ବସିଛନ୍ତି ଓ ସମ୍ପାଦକ ଜ୍ଞାନରଞ୍ଜନ ପାତ୍ର,ରବୀନ୍ଦ୍ର ଭୂୟାଁ, ଝାଡେଶ୍ୱର୍ ବାରିକ, ହରିଶ୍ଚନ୍ଦ୍ର ଲେଙ୍କା, ଭବତାରଣ ନନ୍ଦୀ, ସୁଧାଂଶୁ ଶେଖର ଲେଙ୍କା, ଭୂବନ ଜେନା ପ୍ରମୁଖ ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ଆନ୍ଦୋଳନରେ ସାମିଲ ଥିଲେ ।

# ବିଜେଡି ନେତା ଶଶି ସାହୁଙ୍କ ଅନ୍ତରା ଗସ୍ତ: ପୀଡିତା ପରିବାରକୁ ଆଶ୍ୱାସନା, ନିଶା କାରବାର ବନ୍ଦ ଦାବି



ଖଇରା, ୧୩/୮ (ନି.ପ୍ର): ସିମୁଳିଆ ଥାନା ଖଇରା ବ୍ଲକ ଅଧୀନ ଅନ୍ତରା ବଜାର କେନାଲ ବନ୍ଧର ନିଛାଟିଆ ସ୍ଥାନରେ ଜଣେ ଟିଉସନ ଫେରନ୍ତା ନବମ ଶ୍ରେଣୀ ଛାତ୍ରୀକୁ ବଳାତ୍କାର ଘଟଣାର ଅନୁଧ୍ୟାନ ପାଇଁ ବିଜେଡି ନେତା ତଥା ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ପ୍ରତିନିଧି ଶଶି କୁମାର ସାହୁ ନିଜର ସମର୍ଥକଙ୍କ ସହ ଭଦ୍ରକ ମେଡିକାଲ ତଥା ଅନ୍ତରା ରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ବିଜେପି ସରକାର ଅମଳରେ ବାରମ୍ବାର ଏଭଳି ଘଟଣା ଘଟିବାକୁ ନେଇ କଡା ଭାଷାରେ ନିନ୍ଦା କରିବା ସହ ସରକାର ଏଭଳି ଅପରାଧିକ କାର୍ଯ୍ୟପାଇଁ ନିଶାକାରବାର ବୃଦ୍ଧିକୁ ପ୍ରମୁଖ କାରଣ ଦର୍ଶାଇ ଏହା ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି । ସାମ୍ବାଦିକଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ ଦୁଃଖରେ ଥିବା ପିଡିତାଙ୍କ ପରିବାର ସହ ସମଦୁଃଖୀ। ସବୁ ପ୍ରକାର ସହାୟତା ପାଇଁ ପ୍ରସ୍ତୁତ ଅଛନ୍ତି । ଅପରାଧିଙ୍କ ଉପରେ ପୋଲିସ ପ୍ରଶାସନ ନିୟନ୍ତ୍ରଣ ହରାଉଥିବା ବେଳେ ବ୍ୟବସ୍ଥାକୁ ସଜାଡିବା ଏବଂ ସାଧାରଣ ମଣିଷ ଯେଭଳି ଚଳପ୍ରଚଳ କରିପାରିବେ ସରକାର ସେଭଳି ପରିବେଶ ସୃଷ୍ଟି କରିବା ଦରକାର ବୋଲି କହିଛନ୍ତି । ଶ୍ରୀସାହୁଙ୍କ ସହ ସିମୁଳିଆ ବ୍ଲକର ପ୍ରାକ୍ତନ ବିଜେଡି ସଭାପତି ଗୌରାଙ୍ଗ ପାଢୀ,ଯୁବନେତା ଗଦାଧର ଜେନା,କ୍ଷେତ୍ର ସଭାପତି ବିଜୟ ସାହୁ,ମୁକ୍ତିକାନ୍ତ ପାଣିଗ୍ରାହୀ,ଅନ୍ତରା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅଶୋକ କୁମାର ଜେନା,ସମିତିସଭ୍ୟ ପ୍ରତିନିଧି ଲକ୍ଷ୍ମୀଧର ପଣ୍ଡା,ସୁବାଷ ଚନ୍ଦ୍ର ଜେନା,ଶରତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida